• Vol.- 46, Issue No. 113
• Thursday, 23 July 2026
• ଗୁରୁବାର, ୨୩ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# କଳା ପୋଷାକରେ ବିରୋଧୀ ସାଂସଦ

## ରାହୁଲ ଗାନ୍ଧୀ ରଖିଲେ ୩ ଦାବି




ନୂଆଦିଲ୍ଲୀ, ୨୨ ।୭: ମୌସୁମୀ ଅଧିବେଶନର ତୃତୀୟ ଦିନ ବୁଧବାରରେ ବିରୋଧୀ ସାଂସଦମାନେ କଳା ପୋଷାକ ପିନ୍ଧି ସଂସଦ ପରିସରରେ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦ ସମ୍ପର୍କରେ କଂଗ୍ରେସ ସାଂସଦ ପବନ ଖେରା କହିଛନ୍ତି ଯେ, ସମସ୍ତ ବିରୋଧୀ ସାଂସଦ ଆଜି କଳା ପୋଷାକ ପିନ୍ଧିଛନ୍ତି। ଏହି ପ୍ରତିବାଦ ରାଜଧାନୀ ଦିଲ୍ଲୀରେ ଛାତ୍ରଛାତ୍ରୀମାନଙ୍କ ପ୍ରତି କରାଯାଇଥିବା ଖରାପ ବ୍ୟବହାର, ଧର୍ମେନ୍ଦ୍ର ପ୍ରଧାନଙ୍କ ନିଜ ପଦବୀରେ ରହିବାକୁ ଜିଦ୍ ବିରୋଧରେ ଏବଂ ଛାତ୍ରଛାତ୍ରୀମାନଙ୍କ ଅସନ୍ତୋଷ ପ୍ରତି ସରକାରଙ୍କ ମନୋଭାବ ବିରୋଧରେ କରାଯାଇଛି। କଂଗ୍ରେସ ସାଂସଦମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ଜିଦ୍ ଧରିଥିଲେ। ସଂସଦରେ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା। ଫଳରେ ବାଚସ୍ପତି ଓମ୍ ବିର୍ଲା ଲୋକସଭା ଏବଂ ପରେ ରାଜ୍ୟସଭାକୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଆମ ସହିତ କ'ଣ ଘଟିଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ମୋତେ କୁହନ୍ତୁ, ଛାତ୍ରଛାତ୍ରୀମାନଙ୍କ ସହିତ କ'ଣ ଘଟିଛି ତାହା ଠିକ୍ କି ଭୁଲ ? ଛାତ୍ରଛାତ୍ରୀମାନଙ୍କ ଦାବି ଯଥାର୍ଥ, ଏବଂ ସେମାନେ ସେମାନଙ୍କର ଅଧିକାର ଦାବି କରୁଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ ସରକାରଙ୍କ ନିକଟରେ ତାଙ୍କର ପ୍ରଥମ ଦାବି ହେଉଛି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ । ଆନ୍ଦୋଳନକାରୀ ଛାତ୍ରମାନେ ମଧ ଏହି ସମାନ ଦାବି ରଖିଛନ୍ତି। ତାଙ୍କର ଦ୍ୱିତୀୟ ଦାବି ହେଉଛି ସରକାର ପେପର ଲିକ୍ ପ୍ରସଙ୍ଗ ସମ୍ପର୍କରେ ଲୋକସଭାରେ ଆଲୋଚନା କରନ୍ତୁ । ଏହା ଜାତୀୟ ସ୍ୱାର୍ଥର ବିଷୟ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୂତାରେ ଝୁଲୁଛି। ତୃତୀୟ ଏବଂ ଶେଷ ଦାବି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ସରକାର ଛାତ୍ରମାନଙ୍କ ପ୍ରତି ଗ୍ରହଣ କରିଥିବା ମନୋଭାବ ପାଇଁ କ୍ଷମା ମାଗନ୍ତୁ। ଆମେ ଏହି ତିନୋଟି ଦାବି ମଧ୍ୟରୁ କୌଣସିଟିରେ ସାଲିସ କରିବୁ ନାହିଁ।

### ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ନ୍ୟୁୟର୍କରୁ ଲଣ୍ଡନ ପର୍ଯ୍ୟନ୍ତ ପ୍ରଦର୍ଶନ

ନୂଆଦିଲ୍ଲୀ, ୨୨ ।୭: ଏନଇଇଟି ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ଅନଶନ କରିଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଏବେ ସାରା ବିଶ୍ୱରୁ ସମର୍ଥନ ମିଳୁଛି। ତାଙ୍କ ସମର୍ଥନରେ ଆମେରିକା, ବ୍ରିଟେନ ଏବଂ ୟୁରୋପରେ ପ୍ରଦର୍ଶନ ହେଉଛି। ତାଙ୍କୁ ସମର୍ଥନ ଜଣାଇ ଆମେରିକାର ଏକ ଅଧିକାର ଗୋଷ୍ଠୀର କର୍ମୀମାନେ ନ୍ୟୁୟର୍କ ଏବଂ ସାନ ଜୋସରେ ପ୍ରଦର୍ଶନ କରିଛନ୍ତି। ଫଳରେ ଏନଇଇଟି ପ୍ରତିବାଦ ଏବେ ଦେଶ ଡେଇଁ ବିଦେଶରେ ପହଞ୍ଚିଛି। ସୋମବାର ସନ୍ଧ୍ୟାରେ ନ୍ୟୁୟର୍କ ସହରର ୟୁନିଅନ୍ ସ୍କୋୟାର ଏବଂ ସାନ ଜୋସ୍ ସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ହିନ୍ଦୁସ୍ ଫର୍ ହ୍ୟୁମାନ୍ ରାଇଟ୍ସର କର୍ମୀମାନେ ଏକତ୍ରିତ ହୋଇଥିଲେ। ସେମାନେ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ସ୍ଲୋଗାନ୍ ଲେଖାଥିବା ପ୍ଲାକାର୍ଡ ଧରିଥିଲେ। ସେମାନେ ଭାରତ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ ।

### ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

## ରାଜନୀତିକରଣ କରାଯିବା ଉଚିତ ନୁହେଁ: ନଡ୍ଡା
## ଆଲୋଚନା କରିବାକୁ ସରକାର ପ୍ରସ୍ତୁତ: ରିଜିଜୁ

ନୂଆଦିଲ୍ଲୀ, ୨୨ ।୭: ନିଟ୍ ପେପର ଲିକ୍ ନେଇ ଛାତ୍ର ପ୍ରତିବାଦକୁ ରାଜନୀତିକରଣ କରାଯିବା ଉଚିତ୍ ନୁହେଁ। ବିଜେପି ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି। ଲିକ୍ ଘଟଣାଗୁଡ଼ିକ ଅଣ-ଏନଡିଏ ଦଳଗୁଡ଼ିକ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକରେ ଘଟିଛି ବୋଲି ନଡ୍ଡା ଦାବି କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପେପର୍ ଲିକ୍ ପ୍ରସଙ୍ଗରୁ ରାଜନୈତିକ ଲାଭ ଉଠାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ। କଥିତ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉପରେ ବିରୋଧୀଙ୍କ ଆକ୍ରମଣ ମଧ୍ୟରେ, ସରକାର ବୁଧବାର କହିଛନ୍ତି ଯେ ସେମାନେ ଏହି ବିଷୟରେ ଲୋକସଭାରେ ଏକ ବିସ୍ତୃତ ଆଲୋଚନା କରିବାକୁ ଇଚ୍ଛୁକ, ଏହା ସହିତ ସ୍ପଷ୍ଟ କରିଛନ୍ତି ଯେ ସଡ଼କରେ ବିରୋଧ କୌଣସି ଫଳାଫଳ ଦେବ ନାହିଁ।ପୂର୍ବ ମୁଲତବୀ ପରେ ମଧ୍ୟାହ୍ନରେ ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ଏକ ବିବୃତି ଦେବାକୁ କହିଥିଲେ, କିନ୍ତୁ କଂଗ୍ରେସ ନେତା କେ ସି ଭେନୁଗୋପାଳ ହସ୍ତକ୍ଷେପ କରି କହିଥିଲେ ଯେ ବିରୋଧୀ ମଧ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଚାହାଁନ୍ତି। ରିଜିଜୁ କହିଛନ୍ତି ଯେ ସରକାର କଥିତ ନିଟ୍ ପେପର ଲିକ୍ ପ୍ରସଙ୍ଗରେ ଆଲୋଚନା କରିବାକୁ ଇଚ୍ଛୁକ, କିନ୍ତୁ ଆଲୋଚନା



କେଉଁ ନିୟମ ଅନୁଯାୟୀ ହେବ, ତା'ର ତାରିଖ ଏବଂ ଅବଧି ସ୍ଥିର କରିବା ପାଇଁ ବାଚସ୍ପତିଙ୍କୁ ଗୃହର ସମସ୍ତ ଦଳର ନେତାମାନଙ୍କୁ ଭେଟିବାକୁ ପଡିବ। ପରେ, ସାମ୍ବାଦିକଙ୍କ ସହ ଆଲୋଚନା କରି ରିଜିଜୁ କହିଛନ୍ତି ଯେ ସରକାର 'ବିସ୍ତୃତ ଆଲୋଚନା' ପାଇଁ ପ୍ରସ୍ତୁତ । କାରଣ ଲୋକମାନେ ଏହା ଦ୍ୱାରା ନିଆଯାଇଥିବା ପଦକ୍ଷେପ ଜାଣିବା ଉଚିତ।

## ଜେନେରିକ୍ ଔଷଧରେ ଟ୍ରମ୍ପଙ୍କ ୨୦୦ ପ୍ରତିଶତ ଶୁଳ୍କ !

ନୂଆଦିଲ୍ଲୀ, ୨୨ ।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାହାର ଦେଶରୁ ଆମଦାନୀ ହେଉଥିବା ଜେନେରିକ୍ ଔଷଧ ଉପରେ ପର୍ଯ୍ୟାୟ କ୍ରମେ ଭାରୀ ଶୁଳ୍କ ଲଗାଇବାକୁ




ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଏହି ନୂଆ ନୀତି ଅନୁଯାୟୀ, ଆମେରିକା ବାହାରେ ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀ ଗୁଡ଼ିକୁ ୨ ବର୍ଷର ସମୟ ଦିଆଯାଇଛି । ଏହା ପରେ ସେମାନଙ୍କ ଉପରେ କଡ଼ା ଶୁଳ୍କ ଲାଗୁ କରାଯିବ । ଆସନ୍ତା ଅଗଷ୍ଟ ବର୍ଷରୁ ୨ ବର୍ଷ ପର୍ଯ୍ୟନ୍ତ ଆମେରିକାକୁ ଆସୁଥିବା ଜେନେରିକ୍ ଔଷଧ ଉପରେ କୌଣସି ଟାରିଫ୍ ଲାଗିବ ନାହିଁ । ୨ ବର୍ଷ ପରେ ପ୍ରଥମ ବର୍ଷ ଆମଦାନୀ ଉପରେ ୧୦୦ପ୍ରତିଶତ ଟାରିଫ୍ ଲାଗୁ ହେବ ଏବଂ ତୃତୀୟ ବର୍ଷରୁ ଏହି ଶୁଳ୍କ ବୃଦ୍ଧି ପାଇ ୨୦୦ପ୍ରତିଶତ ହୋଇଯିବ । ଔଷଧ କମ୍ପାନୀଗୁଡ଼ିକୁ ବିଦେଶୀ ଉତ୍ପାଦନ ଉପରେ ନିର୍ଭର ନ କରି ଆମେରିକା ଭିତରେ ହିଁ ନିଜର ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍ ସ୍ଥାପନ କରିବାକୁ ବାଧ କରିବ । ଯଦି କମ୍ପାନୀଗୁଡ଼ିକ ଆମେରିକାରେ ଔଷଧ ତିଆରି କରନ୍ତି, ତେବେ ସେମାନେ ଏହି ଜରିମାନା ସଦୃଶ ଟାରିଫରୁ ବର୍ତ୍ତିପାରିବେ। ଏହି ଘୋଷଣା ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କିଛି ସମୟ ପାଇଁ ଆଶ୍ୱାସନା ଦେଇଛି, କାରଣ ସେମାନଙ୍କ ରୋଜଗାରର ଏକ ବଡ଼ ଭାଗ ଆମେରିକାର ଜେନେରିକ୍ ଔଷଧ ବଜାରରୁ ଆସିଥାଏ।

### ବାହୁଡା ପ୍ରସ୍ତୁତି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

## ସୁରକ୍ଷା କ୍ଷେତ୍ରରେ ସାଲିସ ନାହିଁ

✦ ଭିଡ଼ ପରିଚାଳନା ଓ ସୂଚନା ସଞ୍ଚାରରେ ଅଧିକ ଗୁରୁତ୍ୱ ଦିଅ
✦ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରଶାସନ, ପୋଲିସର ମାର୍ଗଦର୍ଶିକା ପାଳନ କରନ୍ତୁ



ଭୁବନେଶ୍ୱର, ୨୨ ।୭(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ନିବେଦନ ମଧ କରିଛନ୍ତି। ବୈଠକରେ ହୋଇଥିବା ଆଲୋଚନାରୁ ଜଣା ଯାଇଛି ଯେ, ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି ।ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣୀ ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି ।ବୈଠକରେ ଭିଡରେ ଜନଗହଳିକୁ ବୈଜ୍ଞାନିକପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ,ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡକଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ତେଣୁ, ସମସ୍ତ ନୀତିକାନ୍ତିଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

### ସିଏମ୍‌ଓରୁ ଫାଇଲ୍ ଗାଏବ ମାମଲା

## ଭିକେ ପାଣ୍ଡିଆନ୍‌ଙ୍କୁ ନୋଟିସ୍

• ୨୫ତାରିଖ ସକାଳ ୧୧ଟାରେ ହାଜର ହୁଅନ୍ତୁ
• ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ

ଭୁବନେଶ୍ୱର, ୨୨ ।୭: ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ (ସିଏମ୍‌ଓ)ରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଗାଏବ ହେବା ଘଟଣାକୁ ନେଇ ରାଜ୍ୟରେ ରାଜନୈତିକ ଏବଂ ପ୍ରଶାସନିକସ୍ତରରେ ତତ୍ପରତା ବୃଦ୍ଧିପାଇଛି। ଏହି ଚର୍ଚ୍ଚିତ ମାମଲାରେ ପୂର୍ବତନ ପ୍ରାଶାସନିକ ଅଧିକାରୀ ତଥା ରାଜନେତା ଭିକେ ପାଣ୍ଡିଆନ୍‌ଙ୍କୁ ଏସିପି ଜୋନ୍-୧ ପକ୍ଷରୁ ସ୍ୱତନ୍ତ୍ର ନୋଟିସ୍ ଜାରି କରାଯାଇଛି। ଆଗାମୀ ଜୁଲାଇ ୨୫ ତାରିଖ ସକାଳ ୧୧ଟାରେ ତାଙ୍କୁ ଏସିପି ଅଫିସରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସୂଚନା ମିଳିଛି। ଏକ ସୂଚନାନୁସାରେ, କ୍ୟାପିଟାଲ ଥାନାରେ ଗତ ଜୁନ ୧୦ ତାରିଖରେ ରୁଜୁ ହୋଇଥିବା ମାମଲାର ତଦନ୍ତ ସଂକ୍ରାନ୍ତରେ ଏହି ନୋଟିସ ପଠାଯାଇଛି। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଏହି ମାମଲା ସମ୍ବନ୍ଧୀୟ ଯେକୌଣସି ଦଲିଲ, ରେକର୍ଡ, ଇଲେକ୍ଟ୍ରୋନିକ୍ସ ଉପକରଣ କିମ୍ବା ଅନ୍ୟାନ୍ୟ



ପ୍ରାସଙ୍ଗିକ ସାମଗ୍ରୀ ଯାହା ନିଜ ପାଖରେ ଥିବ ତାହା ସାଙ୍ଗରେ ଆଣିବାକୁ ପୁଲିସ ନୋଟିସରେ ସ୍ପଷ୍ଟ ଭାବରେ ଦର୍ଶାଇଛି। ଶ୍ରୀ ପାଣ୍ଡିଆନ ୨୦୧୧ ମଇ ମାସରୁ ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଓ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପରିଚିତ। ତାଙ୍କୁ ନୋଟିସ୍ କରାଯିବା ପରେ ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ତଦନ୍ତ ପ୍ରକ୍ରିୟାକୁ ବ୍ୟାପକ କରିବା ପାଇଁ ପୁଲିସ ଏବଂ ରାଜ୍ୟ ସରକାର ତନାଘନା ଜାରି ରଖିଥିବା ବେଳେ କିଛି ନୂତନ ଖୁଲାସା ହେବାର ସମ୍ଭାବନା ରହିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ସିଏମଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତର ଫାଇଲ ଗାଏବ ହୋଇଛି।

## ଏସ୍‌ସି, ଏସ୍‌ଟିଙ୍କ ପାଇଁ ରାଜ୍ୟରେ ଖୋଲିବ ୬ କୋର୍ଟ

ଭୁବନେଶ୍ୱର, ୨୨ ।୭: ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୬ଟି ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା କୋର୍ଟ ସ୍ଥାପନ କରିଛନ୍ତି। ଏହି କୋର୍ଟ ଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହେଉଥିବା ନିର୍ଯାତନା ମାମଲାର ଫୈସଲା କରାଯିବ। ରାଜ୍ୟ ସରକାରଙ୍କ ଗୃହ ବିଭାଗ ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ କରିଛି। ରାଜ୍ୟ ଉଚ୍ଚନ୍ୟାୟାଳୟଙ୍କ ପରାମର୍ଶ ଓ ପ୍ରାରମ୍ଭିକ ଅନୁମୋଦନ ପରେ ବିଜ୍ଞପ୍ତି (୧୬୩୯୫/ ହୋମ୍-ସିଏଚଆର୍-ସିଆରଟିଏନ୍୨-୦୦୦୧-୨୦୧୫/ସିପିଆଣ୍ଡ ଏମ୍) ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଆଧାରରେ ଗଞ୍ଜାମ (ବ୍ରହ୍ମପୁର), ଖୋର୍ଦ୍ଧା, ପୁରୀ, ଯାଜପୁର, କେନ୍ଦ୍ରପଡ଼ା ଓ ଭଦ୍ରକରେ କୋର୍ଟ ସ୍ଥାପନ କରାଯିବ। ଏହି କୋର୍ଟ ଗୁଡ଼ିକ ଅନୁସୂଚିତ ଜାତି ଓ ଜନଜାତି (ନିର୍ଯାତନା ନିରାକରଣ) ଆଇନ ୧୯୮୯ର ମାମଲାଗୁଡ଼ିକ ବିଚାର କରିବେ।

## 'କୋଭିଡ ପଜିଟିଭ୍ ରିପୋର୍ଟ ମିଳିନାହିଁ'

ଗଞ୍ଜାମ, ୨୨ ।୭: ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ନୂଆ କୋଭିଡ୍-୧୯ ସଂକ୍ରମଣ ଚିହ୍ନଟ ହୋଇଥିବା ଖବରକୁ ନେଇ ସୃଷ୍ଟି ହୋଇଥିବା ଆତଙ୍କ ମଧ୍ୟରେ ସ୍ପଷ୍ଟୀକରଣ ଦେଇଛନ୍ତି ମେଡିକାଲ ଅଧୀକ୍ଷକ ଡା. ସୁଦୀପା ଦାସ। ସେ ସ୍ପଷ୍ଟ କରିଛନ୍ତି ଯେ ଏମ୍‌କେସିଜି ହସ୍ପିଟାଲରେ କୌଣସି ନୂଆ କୋଭିଡ-୧୯ ପଜିଟିଭ୍ ମାମଲା ଚିହ୍ନଟ ହୋଇନାହିଁ ଏବଂ ଗଞ୍ଜାମ ଜିଲ୍ଲାରେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ସଂକ୍ରମଣ ସାମ୍ନାକୁ ଆସିନାହିଁ। ହସ୍ପିଟାଲର ମେଡିସିନ୍ ବିଭାଗରେ ଭର୍ତ୍ତି ଥିବା ଜଣେ ରୋଗୀଙ୍କ ଶରୀରରେ କୋଭିଡ-୧୯ ପଜିଟିଭ୍ ଥିବା ନେଇ କିଛି ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଖବର ପ୍ରଚାର ହେବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଏହି ସମସ୍ତ ଖବରକୁ ଗୁଜବ ବୋଲି କହି ଡା. ଦାସ ସ୍ପଷ୍ଟ କରିଛନ୍ତି ଯେ ଉକ୍ତ ରୋଗୀଙ୍କଠାରେ ଶ୍ୱାସକ୍ରିୟା ଜନିତ କିଛି ଲକ୍ଷଣ ଦେଖାଯାଇଥିବାରୁ ଡାକ୍ତରମାନେ ସତର୍କତା ସ୍ୱରୂପ କୋଭିଡ ପରୀକ୍ଷା ପାଇଁ ପରାମର୍ଶ ଦେଇଥାଇପାରନ୍ତି। ଏହାକୁ କୋଭିଡ ସଂକ୍ରମଣ ବୋଲି ପ୍ରଚାର କରିବା ଠିକ୍ ନୁହେଁ ।ସେ କହିଛନ୍ତି, ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ହସ୍ପିଟାଲରେ କୌଣସି କୋଭିଡ ପଜିଟିଭ୍ ରିପୋର୍ଟ ମିଳିନାହିଁ।

## ଆମ୍ବୁଲାନ୍ସ ମିଳିଲାନି, କାନ୍ଧରେ ଗଲା ମୃତଦେହ !

କଣ୍ଟାବାଞ୍ଜି, ୨୨ ।୭: ନା ମିଳିଲା ଆମ୍ବୁଲାନ୍ସ, ନା ମହାପ୍ରୟାଣ ଗାଡ଼ି । କାନ୍ଧରେ ବୋହିଲେ ମୃତଦେହ । ବଲାଙ୍ଗୀର କଣ୍ଟାବାଞ୍ଜି ଉପଖଣ୍ଡ ଚିକିତ୍ସାଳୟରୁ ଆସିଲା ଏଭଳି ଏକ ଅଭାବନୀୟ ଦୃଶ୍ୟ । ଜଣେ ମୃତ ବ୍ୟକ୍ତିଙ୍କ ଶବକୁ ପରିବାର ଲୋକ କାନ୍ଧରେ ବୋହି ନେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ମିଳିନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ମୃତଦେହକୁ ଆମ୍ବୁଲାନ୍ସରେ ନେବା ପରିବର୍ତ୍ତେ ପରିବାର ଲୋକ କାନ୍ଧରେ ବୋହି ହସ୍ପିଟାଲ ପରିସରରୁ ବାହାରକୁ ନେଇଥିଲେ । ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଘଟଣା ସମ୍ପର୍କରେ ଆମ୍ବୁଲାନ୍ସ ଚାଳକ କହିଛନ୍ତି ଯେ, ମୃତଦେହ ହସ୍ପିଟାଲ ପରିସରରୁ ବାହାରିଯିବା ପରେ ତାଙ୍କ ନିକଟକୁ ଫୋନ୍ ଆସିଥିଲା । ପରେ ସେ ଆମ୍ବୁଲାନ୍ସ ନେଇ ପହଞ୍ଚି ମୃତଦେହକୁ ବଙ୍ଗୋମୁଣ୍ଡା ପର୍ଯ୍ୟନ୍ତ ପହଞ୍ଚାଇଥିବା କହିଛନ୍ତି । ଅନ୍ୟପକ୍ଷେ, ଘଟଣାକୁ ନେଇ ହସ୍ପିଟାଲର ମେଡିକାଲ ଅଫିସରଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ । ହସ୍ପିଟାଲ ପକ୍ଷରୁ ଠିକ୍ ସମୟରେ ସୁବିଧା ଯୋଗାଇ ଦିଆଯାଇନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

# ଡିଜିଟାଲ ହେବ ଗ୍ରାମୀଣ ବିକାଶ ବିଭାଗ

## ଏଆଇ ଟୁଲ୍ ଓ କ୍ଲାଉଡ୍ ସେବା କିଣିବାକୁ ସରକାରଙ୍କ ଯୋଜନା !

ଭୁବନେଶ୍ୱର, ୨୨ ।୭: ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ଆହୁରି ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଗ୍ରାମୀଣ ବିକାଶ ବିଭାଗ ପାଇଁ ପ୍ରିମିୟମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟୁଲ୍ ଓ କ୍ଲାଉଡ୍ ସେବା କିଣିବାକୁ ସରକାର ଯୋଜନା କରୁଛନ୍ତି। ଏହି ପଦକ୍ଷେପ ଫଳରେ ବିଭାଗର କାର୍ଯ୍ୟପ୍ରଣାଳୀ ଅଧିକ ଦ୍ରୁତ, ସ୍ୱଚ୍ଛ ଓ ଆଧୁନିକ ହେବ ବୋଲି ଆଶା କରାଯାଉଛି ।ଭୁବନେଶ୍ୱରସ୍ଥିତ ମୁଖ୍ୟ ଯନ୍ତ୍ରୀ (ରୁରାଲ୍ ୱର୍କ୍ସ) କାର୍ଯ୍ୟାଳୟ ପକ୍ଷରୁ ଗ୍ରାମୀଣ ବିକାଶ ବିଭାଗର କମିଶନର-ତଥା-ସଚିବଙ୍କୁ ଏନେଇ ଏକ ପ୍ରସ୍ତାବ ପଠାଯାଇଛି। ଏଥିରେ ପ୍ରିମିୟମ କ୍ଲାଉଡ୍ ଷ୍ଟୋରେଜ୍, ଉନ୍ନତ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ସହ ଗୁଗୁଲ ୱାର୍କସ୍ପେସ୍ , ଗୁଗୁଲ ଏଆଇ ପ୍ରୋ ଏବଂ ଚାଟ ଜିପିଟି ପ୍ଲସ ଭଳି ଏଆଇ ସେବାର ସବସ୍କ୍ରିପ୍ସନ କିଣିବା ପାଇଁ ପ୍ରଶାସନିକ ଅନୁମୋଦନ ଓ ଆର୍ଥିକ ମଞ୍ଜୁରି ମଗାଯାଇଛି ।ଜୁଲାଇ ୨୦, ୨୦୨୬ରେ ପଠାଯାଇଥିବା ଏହି ପ୍ରସ୍ତାବରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ବ୍ୟବହୃତ ମାଗଣା ଡିଜିଟାଲ୍ ସେବା ବିଭାଗର ଆବଶ୍ୟକତା ପୂରଣ କରିପାରୁନାହିଁ। ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ପ୍ରସ୍ତୁତ ହେଉଥିବା ଉଚ୍ଚମାନର ରାସ୍ତା




ମାନଚିତ୍ର, ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର), ପ୍ରକଳ୍ପର ଫଟୋ ଏବଂ ଆର୍ଥିକ ତଥ୍ୟ ଭଳି ବହୁ ପରିମାଣର ଡିଜିଟାଲ୍ ଫାଇଲ୍ ସଂରକ୍ଷଣ କରିବାରେ ୧୫ ଜିବି ମାଗଣା କ୍ଲାଉଡ୍ ଷ୍ଟୋରେଜ୍ ପର୍ଯ୍ୟାପ୍ତ ହେଉନାହିଁ ।ଏହି ଏଆଇ ଟୁଲ୍ ଏବଂ କ୍ଲାଉଡ୍ ସେବା ବ୍ୟବହାର ହେଲେ ବିଭାଗର କାର୍ଯ୍ୟପ୍ରବାହ ଆହୁରି ସହଜ ହେବ। ପ୍ରକଳ୍ପର ରିଅଲ୍-ଟାଇମ୍ ମନିଟରିଂ, ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ, ଫାଇଲ୍ ପରିଚାଳନା ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଉଚ୍ଚମାନର ଭିଡିଓ କନଫରେନ୍ସିଂ ଅଧିକ ସୁବିଧାଜନକ ହେବ। ଏହି ପଦକ୍ଷେପକୁ ଓଡ଼ିଶା ସରକାରଙ୍କ ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ପ୍ରଶାସନକୁ ଆହୁରି ଶକ୍ତିଶାଳୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ଦେଖାଯାଉଛି। ଯଦି ପ୍ରସ୍ତାବକୁ ଅନୁମୋଦନ ମିଳେ, ତେବେ ଗ୍ରାମୀଣ ବିକାଶ ବିଭାଗରେ ଏଆଇ ଆଧାରିତ ଆଧୁନିକ ପ୍ରଯୁକ୍ତିର ବ୍ୟବହାର ବଢ଼ିବ।

# ଜନ୍ମବେଦୀ ଉତ୍ସବ ଦର୍ଶନ ପୁଣ୍ୟଦାୟକ




ଆଡ଼ପ ଉତ୍ସବ, ମହାବେଦୀ ଉତ୍ସବ ବା ଜନ୍ମବେଦୀ ଉତ୍ସବ ଦର୍ଶନର ଫଳ ଅତ୍ୟନ୍ତ ପୁଣ୍ୟ ଦାୟକ ବୋଲି ସ୍କନ୍ଦ ପୁରାଣ କୁହାଯାଇଛି:
ଆଡପମଣ୍ଡପେ ଦେବଂ ଦୃଷ୍ଟ୍ୱା ପାପବିବର୍ଜିତଃ।
ବୈକୁଣ୍ଠଂ ଗଚ୍ଛତି କ୍ଷିପ୍ରଂ ନାତ୍ର କାର୍ଯ୍ୟା ବିଚାରଣା ?
ଅର୍ଥାତ୍ ଏହି ପବିତ୍ର ମଣ୍ଡପରେ ମହାପ୍ରଭୁଙ୍କ ଥରଟିଏ ମାତ୍ର ଦର୍ଶନ ପାଇବା ମାତ୍ରେ ଭକ୍ତର ଜନ୍ମ-ଜନ୍ମାନ୍ତରର ପାପ - ତାପ ଦୂର ହୋଇଥାଏ ଏବଂ ସେ ଅତି ଶୀଘ୍ର ଅବିଚାରରେ ବୈକୁଣ୍ଠ ଧାମକୁ ପ୍ରାପ୍ତି କରିଥାଏ ।
ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁରମାନେ ନବ ଦିନ ପାଇଁ ଯାତ୍ରା କରିଥାନ୍ତି। ସାଧାରଣତଃ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରାକୁ ବାଦ୍ ଦେଲେ ପ୍ରାୟତଃ ଛଅ ଦିନରୁ ସାତ ଦିନ ପର୍ଯ୍ୟନ୍ତ ଏଠାରେ ରହିଥାନ୍ତି। ଏହି ମନ୍ଦିରକୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଟରାଣୀ ତଥା ଶ୍ରୀଜଗନ୍ନାଥଙ୍କ ମା' ଗୁଣ୍ଡିଚା ଦେବୀଙ୍କ ନାମ ଅନୁସାରେ ନାମିତ କରା ଯାଇଛି। ଦାରୁବ୍ରହ୍ମଙ୍କ ବିଗ୍ରହ ନିର୍ମାଣ ପୂର୍ବରୁ ଏହା ଏକ ମଣ୍ଡପ ଥିଲା ବୋଲି କଥିତ ରହିଛି। କିନ୍ତୁ ପୁରାଣମାନଙ୍କରେ ଏହି ମଣ୍ଡପକୁ ଆଡ଼ପ ମଣ୍ଡପ ବୋଲି ବର୍ଣ୍ଣନା କରାଯାଇ ଯଜ୍ଞବେଦୀ ଓ ମହାବେଦୀ ବୋଲି ଉଲ୍ଲେଖ ରହିଛି ଏବଂ ଶ୍ରୀଚୈତନ୍ୟ ଚରିତାମୃତରେ ଏ ସ୍ଥାନକୁ ନିତ୍ୟ ବୃନ୍ଦାବନ ବୋଲି ମଧ୍ୟ କୁହାଯାଇଛି। ଶ୍ରୀମନ୍ଦିରରେ ଯେପରି ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳ ଆଳତୀ ଠାରୁ ପହଡ ପର୍ଯ୍ୟନ୍ତ ଦୈନନ୍ଦିନ ନୀତି ବଢ଼ିଥାଏ ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ନୀତି ଅନୁଷ୍ଠିତ ହୁଏ। ଠାକୁରମାନେ ରଥାରୂଢ଼ ଥିବା ବେଳେ ସଙ୍ଖୁଡ଼ି ମୁଣିଆ ହୋଇ ନଥାଏ। କିନ୍ତୁ ଏଠାକୁ ଆସିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୁନର୍ବାର ଅନ୍ନ ଓ ବ୍ୟଞ୍ଜନାଦି ନୈବେଦ୍ୟ ମୋହଣୀ କରିବାର ବିଧାନ ରହିଛି। ତେଣୁ ମହାସୁଆର ଓ ସୁଆରମାନେ ଭୋଗ ପାଇଁ ଅମୋଣିଆ ପ୍ରସ୍ତୁତ କରିଥାନ୍ତି। ଏହାପରେ ନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣ କରାଯାଏ। ଗର୍ଭଗୃହ ବା ବିମାନଗୃହ ସଂଲଗ୍ନ ଜଗମୋହନରେ ବିମଳାଙ୍କର ସ୍ଥିତିକୁ କଳ୍ପନା କରାଯାଇ, ସେଠାରେ ନୈବେଦ୍ୟକୁ ସମର୍ପଣ କରାଯାଏ। ମାତ୍ର ଗୁଣ୍ଡିଚା ମନ୍ଦିର ଯଜ୍ଞବେଦୀ ହୋଇଥିବାରୁ ଏଠାରେ ବିମଳାଙ୍କୁ ସମର୍ପଣ ସେତେଟା ପରିଗୃହୀତ ହୁଏ ନାହିଁ। ଏଥି ଯୋଗୁଁ ଏଠାରୁ ଶ୍ରୀମନ୍ଦିରସ୍ଥିତ ବିମଳା ମନ୍ଦିରକୁ ଥାଳିଏ ଅନ୍ନଭୋଗ ପଠାଯାଏ। ଏହାପରେ ଭକ୍ତମାନେ ଏହି ପ୍ରସାଦକୁ ସେବନ କରିଥାନ୍ତି। ଯାହାକୁ 'ଆଡ଼ପ ଅବଢ଼ା' ବା ମହାପ୍ରସାଦ ବୋଲି କୁହାଯାଏ। ଉକ୍ତ ମହାପ୍ରସାଦର ବହୁତ ଧାର୍ମିକ ମହତ୍ତ୍ୱ ରହିଛି । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ, ଏହି ପବିତ୍ର ସ୍ଥାନରେ ମହାପ୍ରସାଦ ଗ୍ରହଣ କରିବା ଦ୍ୱାରା ପୁଣ୍ୟ ଏବଂ ପିତୃପୁରୁଷଙ୍କୁ ଅର୍ପଣ କରିବା ଦ୍ୱାରା ପିତୃଗଣ ତୃପ୍ତ ହୋଇଥାନ୍ତି । ଶ୍ରୀବିଗ୍ରହମାନେ ଯେତେ ବେଳେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥାନ୍ତି। ସେ' ସମୟରେ ଦର୍ଶନାର୍ଥୀ ତଥା ଭକ୍ତମାନେ ଏଠାରେ ସମବେତ ହେବା ପୂର୍ବକ ବ୍ରତ ପାଳନ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ଓ ତ୍ରିକାଳ ଦର୍ଶନ କରିବାର ପ୍ରଶସ୍ତି ରହିଛି। ସେଭଳି ମଧ୍ୟ ସନ୍ଧ୍ୟା ବା ରାତ୍ରିକାଳୀନ ଦର୍ଶନରେ ମହାପୁଣ୍ୟ ହୋଇଥାଏ ବୋଲି ସ୍କନ୍ଦ ପୁରାଣ ତଥା ବାମଦେବ ସଂହିତାରେ ବର୍ଣ୍ଣିତ ହୋଇଛି:
ଦିବତଦ୍ ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍ ସପ୍ତାହଂ ଯୋ ନରୋନାରୀ ନ ସା ପ୍ରାକୃତ ମାନୁଷୀ । (ସ୍କନ୍ଧ/୩୪ ଅଧ୍ୟାୟ) ଅତ୍ର ସ୍ଥଳେ ନକ୍ତକାଳେ ଯେ ପଶ୍ୟନ୍ତି ସୁପୂଜିତାନ୍ ବୈକୁଣ୍ଠ ଭୂବନେ ନିତ୍ୟଂ ତେ ବସନ୍ତି ନ ସଂଶୟଃ । (ବାମଦେବ ସଂହିତା, ୧୭ ଅଧ୍ୟାୟ) ଏବଂ ଆହୁରି ମଧ୍ୟ କୁହାଯାଇଛି ଯେ, ନୀଳାଚଳରେ ଶ୍ରୀବିଗ୍ରହମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ପୂଜା ବା ଦର୍ଶନ କଲେ ଯେଉଁ ଫଳ ମିଳିଥାଏ, ସେହି ଫଳ ମହାବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ପ୍ରାପ୍ତ ହୁଏ। ବିଶେଷତଃ ରାତ୍ରିକାଳୀନ ଏକ ଦିନର ଦର୍ଶନରେ ଉକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ। ଏଣୁ କୁହାଯାଇଛି: ' ନୀଳାଦ୍ରୌ ଶତବର୍ଷାଣି ଆଡ଼ପ ମଣ୍ଡପେ ଦିନେ '। ଏହି ଉକ୍ତିକୁ ସ୍ମରଣ କରି ସନ୍ଧ୍ୟା ଦର୍ଶନ ଦିନ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ, ଦୀପ ପ୍ରଜ୍ୱଳନ ଓ ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରିଥିବା ଜଣାଯାଏ। ଏ ପ୍ରଥା ବହୁ ପୁରାତନ ସମୟରୁ ପ୍ରଚଳିତ ହୋଇ ଆସୁଅଛି। ବିଶ୍ୱାସ ରହିଛି ଯେ ଉକ୍ତ ନବମୀ ତିଥିରେ ଭକ୍ତରାଜ ଶ୍ରୀହନୁମାନ ଏବଂ ଶ୍ରୀରାମଙ୍କ ପରମ ମିତ୍ର ଶ୍ରୀବିଭୀଷଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସନ୍ଧ୍ୟା ସମୟରେ ଆସିଥାନ୍ତି। ଏହି ଦିନ ଠାକୁରମାନଙ୍କ ବଡ଼ ସିଂହାର ନୀତି ବଢ଼ିବାପରେ ଶ୍ରୀମୁଖରେ ଖଣ୍ଡୁଆ ପକାଯାଇ ପୁଷ୍ପାଳକମାନେ ବାହାରକୁ ଆସିଥାନ୍ତି। ତତ୍ ପରେ କୋଠ ସୁଆଁସିଆ ସିଂହାସନ ଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଦଇତାପତିମାନେ ଗୁପ୍ତ ନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ମହାପ୍ରଭୁଙ୍କୁ ନବମୀ ଦିନ ସାନ୍ଧ୍ୟ ଦର୍ଶନ କଲେ ହୃଦୟର ସମସ୍ତ ଅହଂକାର ଓ ଦୁଃଖ ଦୂର ହେବା ସହ ଭଗବାନ୍ ଏବଂ ନିଜ ମଧ୍ୟରେ ଏକ ଆଧ୍ୟାତ୍ମିକ ସମ୍ପର୍କ ସ୍ଥାପିତ ହୋଇଥାଏ, ଯାହା ମନୁଷ୍ୟକୁ ମୋକ୍ଷ ଆଡକୁ ଆଗେଇ ନେବାରେ ସହାୟକ ହୁଏ। ଏହି ଦର୍ଶନ ଓଡ଼ିଆ ଜାତିର ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ମହାନ ପ୍ରତୀକ। ସମସ୍ତ ଭେଦଭାବକୁ ଭୁଲି ସମସ୍ତେ ଏକାଠି ହୋଇ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିଥାନ୍ତି। ପୌରାଣିକ ତଥ୍ୟକୁ ଆଧାର କରି ଏହି ପରମ୍ପରା ଆଜି ବି ସମାଜରେ ଭାଇଚାରା, ପ୍ରେମ ଏବଂ ଭକ୍ତିର ବାର୍ତ୍ତା ବହନ କରି ଆଗେଇ ଚାଲିଛି।

*-ହେମନ୍ତ କୁମାର ଗନ୍ତାୟତ, ମୋ: ୯୮୬୧୩୩୪୮୬୮*




## ବିଦୁର ନୀତି:
## ୫ ବଦ୍‌ଗୁଣରୁ ସର୍ବଦା ଦୂରେଇ ରହନ୍ତୁ



ମହାତ୍ମା ବିଦୁର 'ମହାଭାରତ'ର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଧୃତରାଷ୍ଟ୍ରଙ୍କ ମହାମନ୍ତ୍ରୀ, ଧର୍ମଜ୍ଞ ତଥା କୃଷ୍ଣଭକ୍ତ । ମହାତ୍ମା ବିଦୁର ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେବାବେଳେ ଯେଉଁ ଗଭୀର ଜ୍ଞାନ ପ୍ରଦାନ କରିଥିଲେ ତାହା 'ବିଦୁର ନୀତି' ଭାବେ ସୁପ୍ରସିଦ୍ଧ । ଏହା ମହାଭାରତର 'ଉଦ୍ୟୋଗ ପର୍ବ'ରେ ବିସ୍ତୃତ ଭାବେ ଉଲ୍ଲେଖିତ । ବିଦୁର ତାଙ୍କ ନୀତିରେ ମଣିଷର କେତେକ ବଦଗୁଣ ଉପରେ ଅଲୋକପାତ କରିଛନ୍ତି ଯାହାକୁ ସମୟ ଥାଇ ନିୟନ୍ତ୍ରଣ ନକଲେ ତାହା ସେହି ମଣିଷର ପତନର କାରଣ ପାଲଟି ଯାଇଥାଏ । ଅହଙ୍କାର: ବିଦୁର ନୀତି ଅନୁସାରେ ଅହଙ୍କାର ମଣିଷକୁ ପତୋନ୍ମୁଖୀ କରିବାରେ ପ୍ରଥମ ପଦକ୍ଷେପ ଅଟେ । ନିଜର ଧନ, ପଦପଦବୀ, ବଳ, ରୂପଯୌବନକୁ ନେଇ ଅହଙ୍କାର ମୁଣ୍ଡକୁ ଚଢ଼ିଗଲେ ମଣିଷ ଅନ୍ୟମାନଙ୍କୁ ହୀନଦୃଷ୍ଟିରେ ଦେଖିବା ଆରମ୍ଭ କରେ । ସେ ନିକଟତମ ଲୋକର ଉଚିତ ପରାମର୍ଶକୁ ଶୁଣିବାକୁ ବି ପ୍ରସ୍ତୁତ ହୁଏ ନାହିଁ । ଅହଙ୍କାରପୂର୍ଣ୍ଣ ଭାବନାରେ ଭୁଲ୍ ନିଷ୍ପତ୍ତି ନିଏ । ମହାଭାରତରେ ଦୁର୍ଯ୍ୟୋଧନ ଏହାର ସବୁଠୁ ଉତ୍କୃଷ୍ଟ ଉଦାହରଣ । ଶ୍ରୀକୃଷ୍ଣ,ଭୀଷ୍ମ ଇତ୍ୟାଦିଙ୍କ ଭଳି ମହତଜନଙ୍କ ସୁପରାମର୍ଶକୁ ଏଡ଼ାଇ ଦେଇ ଦୁର୍ଯ୍ୟୋଧନ ନିଜ ବଂଶ ପାଇଁ ଧ୍ୱଂସର କାରଣ ପାଲଟିଥିଲା । ଅତଏବ ମଣିଷକୁ ସର୍ବଦା ମୂଳ ସହ ଯୋଡ଼ି ହୋଇ ବିନମ୍ର ରହିବା ଉଚିତ । କ୍ରୋଧ: କ୍ରୋଧ ମଣିଷର ସବୁଠୁ ବଡ଼ ଶତ୍ରୁ । କ୍ରୋଧାନ୍ଧ ମଣିଷର ବୁଦ୍ଧି ନଷ୍ଟ ହୋଇଯାଏ । ଭଲ,ମନ୍ଦ ମଧ୍ୟରେ ଫରକ ବାଛିବା ସମ୍ଭବ ହୁଏ ନାହିଁ । କ୍ରୋଧରେ ନିଆଯାଉଥିବା ନିଷ୍ପତ୍ତି ସର୍ବଦା ଭ୍ରମାତ୍ମକ ହୋଇଥାଏ । କ୍ରୋଧୀ ଦୁର୍ଯ୍ୟୋଧନର ଭୁଲ ନିଷ୍ପତ୍ତି କାରଣରୁ ହିଁ ମହାଭାରତର ସୂତ୍ରପାତ ହୋଇଥିଲା । ଅତିରିକ୍ତ କ୍ରୋଧ ଆସିବା ସମୟରେ ଧୀରସ୍ଥିର ରହି ଲମ୍ବା ତଥା ଗଭୀର ପ୍ରଶ୍ୱାସ ନେବା ଉଚିତ । ଆଳସ୍ୟ: ଆଳସ୍ୟ ମହାମୂର୍ଖତାର ଆଉ ଏକ ଲକ୍ଷଣ । ଆଳସ୍ୟପରାୟଣ ବ୍ୟକ୍ତି ଜୀବନରେ କ୍ୱଚିତ ସଫଳତା ଲାଭ କରେ । ଆଜି କାମ କାଲିକୁ ପକାଇ ରଖିବା ବଦଭ୍ୟାସରୁ ମୁକ୍ତି ପାଇବାକୁ ଚେଷ୍ଟା କରିବା ଉଚିତ । ଆଳସ୍ୟପରାୟଣତାରୁ ମୁକ୍ତ ହେବା ପାଇଁ ନିଜ ଆଗରେ ଛୋଟ ଛୋଟ ଲକ୍ଷ୍ୟ ରଖି ତାକୁ ପୂରଣ କରିବାକୁ ଚେଷ୍ଟା କରିବା ଉଚିତ । ଈର୍ଷା: ଅନ୍ୟର ସୁଖ ଏବଂ ସଫଳତା ଦେଖି ଇର୍ଷା ପୋଷଣ କରୁଥିବା ବ୍ୟକ୍ତି ଏହି ବଦଗୁଣ ଦୂରେଇବାକୁ ଚେଷ୍ଟା ନକଲେ ତା'ର ବ୍ୟକ୍ତିତ୍ୱ କ୍ରମେ ଫମ୍ପା ହୋଇଯାଏ । କାରଣ ସେ ନିଜର ଉନ୍ନତି ପ୍ରତି ଦୃଷ୍ଟି ନଦେଇ ସର୍ବଦା ଅନ୍ୟକୁ ନୀଚ୍ଚା ଦେଖାଇବାକୁ ଉଦ୍ୟମରତ ରହେ । ମହାଭାରତରେ ଦୁର୍ଯ୍ୟୋଧନ ସର୍ବଦା ପାଣ୍ଡବଙ୍କ ପ୍ରତି ଇର୍ଷା ପରାୟଣ ରହୁଥିଲା । ଏହାହିଁ ମହାଭାରତ ଯୁଦ୍ଧର ସବୁଠୁ ବଡ଼ କାରଣ ପାଲଟିଯାଇଥିଲା । ଲୋଭ: ଲୋଭ କେବେ ପ୍ରଶମିତ ହେଉନଥିବା ନିଆଁ ପରି । ଏହା କବଳରେ ପଡ଼ିଲେ ଉଦ୍ଧାର ପାଇବା ମୁସ୍କିଲ । କୌରବମାନେ ଲୋଭରେ ପାଣ୍ଡବଙ୍କ ସମସ୍ତ ସମ୍ପତ୍ତି ହଡପ କରିନେଇ ଶେଷରେ ନିଜେ ହିଁ ନଷ୍ଟ ହୋଇଯାଇଥିଲେ । ଏଣୁ ନିଜ ଇଚ୍ଛାକୁ ସର୍ବଦା ନିୟନ୍ତ୍ରିତ ରଖିବା ତଥା ନିଜର ଯେତିକି ଅଛି ସେତିକିରେ ସନ୍ତୁଷ୍ଟ ହେବା ବୁଦ୍ଧିମାନର କାର୍ଯ୍ୟ ଅଟେ ।

## ସ୍ଥାୟୀ ଶାନ୍ତିର ମାର୍ଗ ଆତ୍ମବୋଧ



ମନୁଷ୍ୟର ଜୀବନ ଦୁଇଟା ସଂସାରର ମଧ୍ୟରେ ନିରନ୍ତର ଚାଲିଥାଏ । ଗୋଟିଏ ସେହି ସଂସାର ଅଟେ ଯାହା ଆମର ଆଖିକୁ ଦେଖା ଦେଇଥାଏ ଆଉ ଦ୍ୱିତୀୟ ଯାହା ଅଦୃଶ୍ୟ ହୋଇକରି ମଧ୍ୟ ଆମର ଅସ୍ତିତ୍ୱର ବାସ୍ତବିକ ଆଧାର ଅଟେ । ଦୃଶ୍ୟ ସଂସାରରେ ଶରୀର, ପରିବାର, ଧନ, ପଦ, ପ୍ରତିଷ୍ଠା ଆଉ ସମ୍ବନ୍ଧର ଆସିଥାଏ । ଆଉ ଅଦୃଶ୍ୟ ସଂସାରରେ ଆତ୍ମା, ତାହାର ଧର୍ମ ଆଉ ତାହାର ଶାଶ୍ୱତ ସ୍ୱରୂପ ବିଦ୍ୟମାନ ଥାଏ । ସାମାନ୍ୟତଃ ମନୁଷ୍ୟ ଜୀବନର ଅଧିକାଂଶ ସମୟ ଦୃଶ୍ୟ ସଂସାରରୁ ହିଁ ସତ୍ୟ ମାନିକରି ବିତେଇ ଥାଏ । ସେ ଶରୀରକୁ ହିଁ ନିଜର ବାସ୍ତବିକ ଅସ୍ତିତ୍ୱ ଭାବି ନେଇଥାଏ । ଆଉଏହି କାରଣରୁ 'ମୁଁ' ଆଉ 'ମୋର' ମୋହରେ ଛନ୍ଦି ହୋଇଥାଏ । ଏହି ମୋହ ସଂସାରର ସମସ୍ତବନ୍ଧନର ମୂଳ କାରଣ ହୋଇଥାଏ । 'ମୁଁ'ର ଭାବ ବାସ୍ତବରେ ଶରୀରରେ ଯୋଡିଥିବା ଉପାଦେୟର ଭାବ ଅଟେ । ମନୁଷ୍ୟ କହିଥାଏ ଯେ ମୁଁ ଅମୁକ ଜାତିର ଅଟେ,ମୁଁ ସ୍ତ୍ରୀ ଅଥବା ପୁରୁଷ ଅଟେ,ମୁଁ ବିଦ୍ୱାନ ଅଟେ,ମୁଁ ବ୍ୟାପାରୀ ଅଟେ କିମ୍ବା ଅଧିକାରୀ ଅଥବା ବିଦ୍ୟାର୍ଥୀ ଅଟେ । ଏହି ସବୁ ପରିଚୟ ଶରୀରରୁ ସମ୍ବନ୍ଧିତ ଅଟେ,ଆତ୍ମାରୁ ନୁହେଁ । ଆତ୍ମା ନା' କୌଣସି ଜାତିର ଅଟେ ନା' କୌଣସି ପଦର,ନା' କୌଣସି ବାହାରର ପରିଚୟରୁ । ସେହିପରି 'ମୋର' ବିସ୍ତାର ପରିବାର,ଧନ,ସମ୍ପତ୍ତି,ମିତ୍ର ଆଉ ସମାଜ ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ । ମନୁଷ୍ୟ କହିଥାଏ ଯେ ଏହା ମୋର ଘର ଅଟେ, ପରିବାର ଅଟେ, ପ୍ରତିଷ୍ଠା ଅଟେ ଆଉ ମୋର ଉପଲବ୍ଧି ଅଟେ । ଏହାକୁ 'ମୁଁ' ଆଉ 'ମୋର'ର ବିସ୍ତାରକୁ ସଂସାର କୁହାଯାଇଛି । ଆତ୍ମା ଏହି ସବୁଠାରୁ ଉପରେ ଥାଏ । ସେ ନା'କାହାର ମାଲିକ ନା' କାହାର ସମ୍ପତ୍ତି । ମନୁଷ୍ୟର ଭିତରେ ମସ୍ତିଷ୍କ,ହୃଦର ଆଉ କର୍ମ ଏହି ତିନି ପ୍ରମୁଖ ଶକ୍ତି କାର୍ଯ୍ୟ କରିଥାନ୍ତି ।
ଯେତେବେଳେ ମନୁଷ୍ୟ କୌଣସି ବ୍ୟକ୍ତି କିମ୍ବା ବସ୍ତୁକୁ ନିଜର ସାହାରା ମାନି ନେଇଥାଏ,ସେତେବେଳେ ତା'ର ହୃଦୟ ଏହା ପ୍ରତି ଆସକ୍ତ ହୋଇଯାଏ ଆଉ ତାହାର ସବୁ କର୍ମ ସେହି ଆସକ୍ତିର ଅନୁସାରେ ଚାଲବାକୁ ଲାଗିଥାନ୍ତି । ଆଉ ଧର୍ମର ସନ୍ଦେଶ ଏହା ଯେ କର୍ତ୍ତବ୍ୟର ପାଳନ ଅବଶ୍ୟ କର,ମାତା-ପିତାଙ୍କ ସେବା କର,ପରିବାରର ପାଳନ କର,ସମାଜର ପ୍ରତି ଉତ୍ତରଦାୟିତ୍ୱ ନିଭାଅ କିନ୍ତୁ ଏହାକୁ ନିଜର ଅନ୍ତିମ ଆଶ୍ରୟ ବୋଲି ମାନ ନାହିଁ । କାହିଁକନା ସଂସାରର ପ୍ରତ୍ୟେକ ସମ୍ବନ୍ଧ ସମୟର ସହିତ ପଛକୁ ଚାଲିଯାଏ । ଜୀବନ ଅତ୍ୟନ୍ତ ମୂଲ୍ୟବାନ ଅଟେ । ଏହାର ବଡ ଭାଗ ଅଜ୍ଞାନ,ମୋହ ଆଉ ନିଦ୍ରାରେ ବ୍ୟତୀତ ହୋଇଯାଏ । ଯେଉଁ ସମୟ ଜାଗୃତ ଅବସ୍ଥାରେ ମିଳିଛି,ଏହାକୁ ଯଦି କେବଳ 'ମୁଁ' ଆଉ 'ମୋର'ରେ ନଷ୍ଟ କରି ଦିଆଯିବ ତା'ହେଲେ ମନୁଷ୍ୟ ତାହାର ବାସ୍ତବିକ ଉଦ୍ଦେଶ୍ୟରୁ ବଞ୍ଚିତ ରହିଯିବ । ସେଥିପାଇଁ ଆବଶ୍ୟକ ଅଟେ ଯେ ଏହି ସଂସାରରେ ରହି,ନିଜର ସବୁ କର୍ତ୍ତବ୍ୟକୁ ନିଷ୍ଠା ପୂର୍ବକ ପାଳନ କର । କିନ୍ତୁ ନିଜର ମନର ଆଶ୍ରୟ କେବଳ ଧର୍ମ ଆଉ ଆତ୍ମାରେ ରଖ । ଏହା ଜୀବନର ପ୍ରକୃତ ସାଧନା ଅଟେ,ଏହା ସ୍ଥାୟୀ ଶାନ୍ତିର ମାର୍ଗ ଅଟେ । ଆଉ ଏହା ସେହି ସତ୍ୟ ଅଟେ,ଯାହା ମନୁଷ୍ୟକୁ ଜନ୍ମ-ମରଣର ବନ୍ଧନରୁ ଉପରକୁ ଉଠେଇ କରି ଆତ୍ମବୋଧର ଆଡକୁ ନେଇଯାଏ ।

*-ମନୋଜ କୁମାର ବେହେରା, ଫୋନ୍-୭୯୭୮୮୩୦୬୧୧*

# ବ୍ୟଞ୍ଜନ ବିଭବ

ଶ୍ରୀମହାପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ କାଠ, କୁଡୁଆ, ପରିବା, ମସଲା, ଡାଲି ଓ ଚାଉଳ ଆଦି ଆସୁଥିବା ବିଭାଗୀୟ ଯାନବାହନ, ବିଭିନ୍ନ ସ୍ଥାନରୁ ବରାଦୀ ମହାପ୍ରସାଦ ପ୍ରସ୍ତୁତି ପାଇଁ ପ୍ରତିଦିନ ପ୍ରାୟ ୧୭୫୦ ସେବକ ଲାଗିପଡ଼ିଥାନ୍ତି। ସୁପକାର ୭୦୦, ନିଯୋଗର ସମସ୍ତ କର୍ମଚାରୀ-୧୦୦, ପାଣିଆ-୧୫୦ ତୁଣିଆ-୧୫୦, ଯୋଗାଣିଆ-୧୫୦, ମହାପ୍ରସାଦ ବୋହିବା ବୋଝିଆ-୩୦୦, କୁଡୁଆ ଓ କାଠ ବୋଝିଆ ୮୦ ଏବଂ ଆନନ୍ଦ ବଜାର କର୍ମଚାରୀ-୧୫୦ ଜଣ ରହିଥାନ୍ତି। ଏହା ସହିତ ବିଶେଷ ଦିନମାନଙ୍କରେ ଅଧିକ ପରୋକ୍ଷ ସେବାୟତ ନିୟୋଜିତ ରହି ରୋଷଘରେ ମହାପ୍ରଭୁଙ୍କ ସେବା କରନ୍ତି। ସୁଆରମାନଙ୍କର ରୋଷଶାଳାରେ ରାନ୍ଧିବାର ଅଧିକାର ରହିଛି। ରୋଷଶାଳା ରାସ୍ତାରେ ମା'ଲକ୍ଷ୍ମୀଙ୍କ ମୂର୍ତ୍ତି ରହିଥିବା ବେଳେ ଦ୍ୱାରରେ ରୋଷ ଗଣେଶଙ୍କ ଆସ୍ଥାନ ରହିଛି। ସୁଆରମାନେ ତାଙ୍କୁ ପୂଜା କରନ୍ତି ଓ ତାଙ୍କୁ ମୁଣ୍ଡିଆମାରି ରୋଷଘରେ ପ୍ରବେଶ କରିଥାନ୍ତି । ସୁଆର ମହାସୁଆର ନିଯୋଗ ରନ୍ଧାକାର୍ଯ୍ୟ ପୂର୍ବରୁ ପ୍ରଣବମନ୍ତ୍ରରେ ତଣ୍ଡୁଳ (ଅରୁଆ ଚାଉଳ) ପକାଇ



ମା'ଲକ୍ଷ୍ମୀଙ୍କ ବିଜେ ସ୍ମରଣ କରି ଚୁଲା କାର୍ଯ୍ୟ ଆରମ୍ଭ କରନ୍ତି। ମହାପ୍ରଭୁଙ୍କ ନିକଟରେ ଏହି ଖାଦ୍ୟ ଭୋଗହେବା ପରେ ମା' ବିମଳାଙ୍କୁ ସମର୍ପଣ କରାଯାଇ ମହାପ୍ରସାଦରେ ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ବ୍ୟବସ୍ଥା, ତା'ର ରନ୍ଧନ ଶୈଳୀ, ପୂଜାବିଧି ଓ ମାହାତ୍ମ୍ୟ ଅତ୍ୟନ୍ତ ପ୍ରାଚୀନ ତଥା ସମଗ୍ର ପୃଥିବୀରେ ଅନନ୍ୟ। ପାରମ୍ପରିକ ରୀତିରେ ଏହି ପ୍ରକ୍ରିୟା ଏବେ ବି ପ୍ରଚଳିତ ରହି ଏହି କ୍ଷେତ୍ରର ମାହାତ୍ମ୍ୟକୁ ଉଜ୍ଜୀବିତ କରୁଛି। ଶ୍ରୀମହାପ୍ରସାଦକୁ 'ଅବଢ଼ା' ମଧ୍ୟ କହିଥାନ୍ତି, ଯାହା ବଢ଼ାଯାଏ ନାହିଁ। ଏକାଠି ସାମୂହିକ ଭାବେ ମହାପ୍ରସାଦ ଭୋଜନ କରାଯାଇଥାଏ। ପୃଥିବୀ ପ୍ରସିଦ୍ଧ ପୁରୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ପ୍ରସ୍ତୁତ ଶ୍ରୀମହାପ୍ରସାଦ କୋଟି କୋଟି ଭକ୍ତଜନଙ୍କ ବହୁ ଆକାଂକ୍ଷିତ। ହେଲେ ଏହା ପ୍ରସ୍ତୁତି ହେଉଥିବା ରୋଷଶାଳା କୌଣସି ଆଧୁନିକ ଖାଦ୍ୟ କାରଖାନାଠାରୁ କମ୍ ନୁହେଁ। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ଏହା ସହିତ ସ୍ୱତନ୍ତ୍ର ଦିନମାନଙ୍କରେ ଲକ୍ଷାଧିକ ଶ୍ରଦ୍ଧାଳୁ ଅବଢ଼ା ବା ଶ୍ରୀମହାପ୍ରସାଦ ସେବନ କରିଥାନ୍ତି। ବିଶ୍ୱାସ କରାଯାଏ, ଯେତେବେଳେ ମହାଲକ୍ଷ୍ମୀ ରୋଷେଇରେ ସନ୍ତୁଷ୍ଟ ହୋଇ ନଥାନ୍ତି ସେତେବେଳେ ମନ୍ଦିର ପ୍ରାଙ୍ଗଣରେ ରହସ୍ୟଜନକ ଭାବରେ ଏକ 'କୁକୁର'ର ଆବିର୍ଭାବ ଘଟେ, ଯଦିଓ କୌଣସି ପରିସ୍ଥିତିରେ ସେଠାରେ କୁକୁର ନ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ଏଭଳି ପରିସ୍ଥିତିରେ କୁକୁର ଆବିର୍ଭାବ ମା'ଲକ୍ଷ୍ମୀଙ୍କର ଅସନ୍ତୋଷକୁ ପ୍ରକାଶ କରିଥାଏ। ସେଥିପାଇଁ ପ୍ରସ୍ତୁତ ହୋଇଥିବା ବ୍ୟଞ୍ଜନ ମାଟିରେ ପୋତିଦିଆଯାଇ ପୁନର୍ବାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହି କୁକୁର ମନ୍ଦିର ପରିସରରେ ପୂଜା ପାଉଥିବା ଜଣେ ତାନ୍ତ୍ରିକ ଦେବୀ 'କୁତ୍ତାମ ଚଣ୍ଡୀ' ବୋଲି କହନ୍ତି, ଯିଏ ମହାପ୍ରଭୁଙ୍କ ରୋଷଶାଳରେ ପ୍ରସ୍ତୁତ ବ୍ୟଞ୍ଜନର ସ୍ୱଚ୍ଛତା ନିର୍ଦ୍ଦିଷ୍ଟ କରିବା ଦାୟିତ୍ୱରେ ନିୟୋଜିତ। ଶ୍ରୀମନ୍ଦିର ରୋଷଘରେ ପ୍ରସ୍ତୁତ ଭୋଗ ଚାରି ଭାଗରେ ବିଭକ୍ତ- ଭୀମପାକ, ନଳପାକ, ସୌରୀପାକ, ଗୌରୀପାକ। ଭୀମପାକରେ ପ୍ରସ୍ତୁତ ହୋଇଥାଏ ବଡ଼ତିଅଣ, ଗୁଡ଼ ଖୁଆରା, ପାକଲା ନଡ଼ିଆ ରସ, ପୋଡ଼ପିଠା, ବିରିପିଠା ଓ ଗୁଡ଼ କରଞ୍ଜି। ନଳପାକରେ ସାକର, ତିଅଣ ଲୋପରା, ଆଡ଼ଙ୍ଗ ଏବଂ ବିଭିନ୍ନ ପ୍ରକାରର ପଣା ପ୍ରସ୍ତୁତ ହେଉଥିବା ବେଳେ ସୌରୀପାକରେ ମହୁର, ଦେଶୀ ଆଳୁ ଭଜା, କଦଳୀ ଭଜା, ଅଦା ପାଚେଡ଼ି, ଘିଅ ଏବଂ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ କରାଯାଏ। ଗୌରୀପାକରେ ପ୍ରସ୍ତୁତ ହୁଏ ମୁଗ ତିଅଣ, ଲେଉଟିଆ ଶାଗ ଏବଂ କୋଶଳା ଶାଗ ପ୍ରଭୃତି। ଜଗନ୍ନାଥଙ୍କ ନୀତିକାନ୍ତି ଅନୁଯାୟୀ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଏହି ମହାପ୍ରସାଦରେ ଅନ୍ନ, ଖେଚୁଡ଼ି, କାନିକା, ମିଠା ଅନ୍ନ, ଡ଼ାଲି, ଡ଼ାଲମା, ମୁଗଡ଼ାଲି, ବେସର, ଶାଗ, ମହୁର, ମଧୁରୁଚି, ପୋଟଳରସା, ଜହ୍ନି ରାଇ, କଖାରୁ ଫୁଲ ମଞ୍ଚାବେସର, କାବୁଲି ଶୋଲା ମହୁର, କଦଳୀ ଦେଶୀଆଳୁ ରସା ପ୍ରଭୃତି ରହିଛି। ମହାପ୍ରଭୁଙ୍କ ପ୍ରିୟ ସେବକ ଭାବେ ସୁଆର ମହାସୁଆର ମହାପ୍ରଭୁଙ୍କ ପାଇଁ ମନଲାଖି ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରିଥାନ୍ତି। ଯେତେ ଖାଇଲେ ବି ମହାପ୍ରସାଦ ପାଇବାକୁ ଯେମିତି ବ୍ୟାକୁଳ ହୋଇଉଠନ୍ତି ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ଭକ୍ତ।



## ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବଡ଼ସାହି(ନିପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହାୟତା ରେ ଆୟୋଜିତ ସାତ ଦିନିଆ ଆଶ୍ରୟ ସ୍ଥଳୀ ନ ଥିବା ୪ଟି ଗ୍ରାମର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି,ବଡସାହି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ' ର ମିଳିତ ଉଦ୍ୟମ ରେ ନୁଆଗାଁ ଗ୍ରାମ ପଞ୍ଚାୟତର ବର୍ତନା ଆଶ୍ରୟସ୍ଥଳୀ ଠାରେ ୧୩ ଜୁଲାଇ ରୁ ୨୨ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି। ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ବଡ଼ସାହି ପଞ୍ଚାୟତ ସମିତିର ବିଡ଼ିଓ ବନଜା ଦାସ, ଜିଲ୍ଲା ଜରୁରୀ କାର୍ଯାଳୟ। ମୟୁରଭଞ୍ଜର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ଜିପିଡ଼ିଓ ଅବିନାଶ ପଣ୍ଡା, କୋଚିଲାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର କୁମାର ସିଂ, 'ସଂକଳ୍ପ' ର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବି ତାଲିମାର୍ଥୀ ମାନଙ୍କୁ ଉତ୍ସାହିତ କରି ମାନପତ୍ର ଏବଂ ଫଳ ଗଛ ପ୍ରଦାନ କରିଥିଲେ।

## ବୋଲଗଡ଼ର ଗୌରବ ଆଣିଲେ ଲକ୍ଷ୍ମୀପ୍ରିୟା



ବୋଲଗଡ଼ (ନିପ୍ର) ବୋଲଗଡ଼ର ମେଧାବୀ ଝିଅ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ୬୦୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ସମଗ୍ର ବୋଲାଗଡ଼ ବ୍ଲକ ତଥା ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ନିଟ୍ ଭଳି ଏକ କଠିନ ସର୍ବ ଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ସାଧାରଣ କଥା ନୁହେଁ । ଏହା ସୁଶ୍ରୀ ଲକ୍ଷ୍ମୀପ୍ରିୟା ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ ପରିବାର ବର୍ଗଙ୍କ ସଠିକ ମାର୍ଗଦର୍ଶନର ପ୍ରତିଫଳନ। ବୋଲଗଡ଼ ନିବାସୀ ବ୍ୟବସାୟୀ କାର୍ତ୍ତିକ ସୁବୁଦ୍ଧି ଓ ମାତା ମିନତୀ ସୁବୁଦ୍ଧିଙ୍କ ସୁଯୋଗ୍ୟା କନ୍ୟା ସୁଶ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କ ଏହି ବିରଳ ସଫଳତା ଆଗାମୀ ଛାତ୍ରଛାତ୍ରୀଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସୁଶ୍ରୀ ଲକ୍ଷ୍ମୀପ୍ରିୟାଙ୍କ ଏହି ଅସାଧାରଣ ସଫଳତା ପାଇଁ ବୋଲଗଡ଼ ଅଞ୍ଚଳର ଆଇନଜୀବୀ ବୀରକିଶୋର ଦାସ, ଲଲାଟେନ୍ଦୁ କେଶରୀ ସିଂଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ସମାଜ ସେବୀମାନେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ଜନସାଧାରଣଙ୍କ ସେବାରେ ବ୍ରତୀ ହେବାପାଇଁ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି ।

## ପଞ୍ଚାୟତମାନଙ୍କରେ ସ୍ୱତନ୍ତ୍ର ଗ୍ରାମସଭା

କାଶୀନଗର(ନିପ୍ର):କାଶୀନଗର ପଞ୍ଚାୟତ ଅଧୀନରେ ଥିବା ୧୨ ଟି ପଞ୍ଚାୟତରେ ଦୁଇଦିନ ଧରି ସ୍ୱତନ୍ତ୍ର ଗ୍ରାମସଭା ମାନ ଚାଲୁ ରହିଥିଲା। ଏହି ଗ୍ରାମ ସଭାରେ ପଞ୍ଚାୟତ ଅଧୀନରେ ଥିବା ଅଧିବାସୀ ଯେଉଁ ମାନେ ଆବାସ ଯୋଜନା ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିଥିଲେ ସେମାନଙ୍କ ପ୍ରାଥମିକ ଅପେକ୍ଷା ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଥିବା ନାମ ଗୁଡିକ ନେଇ ଗ୍ରାମସଭାରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ପଞ୍ଚାୟତ ଅଧିକାରୀ ଓ ଜି ଆର ଏସ ଙ୍କ ଉପସ୍ଥିତରେ ଆଲୋଚନା ହୋଇଥିବା ଦୃଷ୍ଟିକୁ ଆସିଛି। ଯେଉଁ ଗ୍ରାମବାସୀଙ୍କ ଆବାସ ଯୋଜନା ତାଲିକାରେ ନାମ ବାଦ ପଡିଛି ସେମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କଲେ ସେ ଅଭିଯୋଗ ସବୁ ଜିଲ୍ଲାସ୍ତରରେ ସୁପାରିଶ ହୋଇଥିବା ଏକ କମିଟି ଦ୍ୱାରା ସାମଧାନ କରାଯିବା ପାଇଁ ବ୍ୟବସ୍ଥା ଅଛି ବୋଲି ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ସୂଚନା ଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାୟଗଡା(ନି:ପ୍ର) ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, କୋଲନରା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କୋଲନରା ସ୍ଥିତ ପଞ୍ଚାୟତ ସମିତି ଅଫିସ୍ ପରିସରରେ ଅନୁଷ୍ଠିତ ହୋଇଛି । ଉକ୍ତ ଦିବସରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଲନରା, ରୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଏଲିଜାବେଥ ଗୋରଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, କୋଲନରା ବ୍ଲକର ସମସ୍ତ କର୍ମଚାରୀ ବୃନ୍ଦ ଓ ରାୟଗଡ଼ ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ସଂଘର ସଦସ୍ୟ ଶ୍ରିନୁ ବିଭାର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୩୫ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି ପ୍ରଦାନ କରାଗଲା। ଏତଦ୍‌ବ୍ୟତୀତ, ୬ ଜଣ ଭିନ୍ନକ୍ଷମଙ୍କୁ, ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ୨ ଜଣ ଭିନ୍ନକ୍ଷମଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଗଲା ।

## ବାଣିଜ୍ୟକର କାର୍ଯ୍ୟାଳୟ ଅଫିସ ଗୃହରୁ ନାଗ ଉଦ୍ଧାର

ଜଟଣୀ(ନିପ୍ର) : ସ୍ଥାନୀୟ ବାଣିଜ୍ୟକର ଦ୍ରବ୍ୟ ଓ ସେବା କର ମଣ୍ଡଳ କାର୍ଯ୍ୟାଳୟରେ ଥିବା ଅଫିସ ଗୃହ ମଧ୍ୟରୁ ବୁଧବାର ଏକ ଚାରିଫୁଟିଆ ନାଗକୁ ଉଦ୍ଧାର କରାଯାଇଛି । ଅଫିସ କାର୍ଯ୍ୟ ଚାଲୁଥିବା ବେଳେ କର୍ମଚାରୀ ମାନେ କିଛି ଅସ୍ୱାଭାବିକ ଶବ୍ଦ ଶୁଣି ନିରେଖି ଦେଖିଲା ବେଳକୁ ଏକ ବିରାଟ ସାପ ଥିବା ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ଜଟଣୀ ସହରର ଜଣାଶୁଣା ସର୍ପ ଧରାଳୀ ବିଦେଶୀ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲା ।ଖବର ପାଇ ଶ୍ରୀ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ସତର୍କତାର ସହିତ ସାପଟିକୁ ଧରି ଜଙ୍ଗଲରେ ନେଇ ଛାଡିଥିଲେ । ଅନ୍ୟ ପକ୍ଷରେ ଉକ୍ତ କାର୍ଯ୍ୟାଳୟ ପରିସରରେ ବଣବୁଦା ହୋଇଯାଇଥିବାରୁ ସରୀସୃପ ମାନଙ୍କର ବାସସ୍ଥଳୀ ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ବର୍ଷା ପାଣିରେ ବୁଡିଛି ଏକର ଏକର ଚାଷ ଜମି

# ଧାନ ତଳି ନଷ୍ଟ ହେବା ଆଶଙ୍କା,ଚିନ୍ତାରେ ଚାଷୀ




କଣ୍ଟିଲୋ, (ନି.ପ୍ର) ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳରେ ଏକର ଏକର ଧାନ ଚାଷ ଜମିରେ ବର୍ଷା ପାଣି ଲହଡି ମାରୁଛି ।ଫଳରେ ଜମିରେ ଥିବା ଧାନ ଗଛ ଓ ରୁଆ ଯାଇଥିବା ଧାନ ତଳି ଗୁଡ଼ିକ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଢିପ ଅଞ୍ଚଳରେ ଥିବା ଜମି ଗୁଡିକୁ ବାଦ ଦେଲେ ଖାଲୁଆ ଅଞ୍ଚଳରେ ଥିବା ଚାଷ ଜମି ଗୁଡିକରେ ଧାନ ଗଛ ଗୁଡିକ ପାଣିରେ ବୁଡି ରହିଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି ।ଖଣ୍ଡପଡା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତର ଚାଷୀ ମାନେ ଲଗାଣ ବର୍ଷାର ପ୍ରଭାବରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି ।କୃଷିପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା ବୋଦସା, ଶାଳଝରିଆ, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବଡବାଣପୁର, ଶିଖରପୁର, ରାଣୀଛେଲି ସିଧାମୂଳା ଓ ବନମାଳିପୁର ପଞ୍ଚାୟତର ହଜାର ହଜାର ଚାଷୀ ପରିବାର ଲଗାଣ ବର୍ଷାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି ।କୃଷି ବିଭାଗ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଭଦ୍ରକରେ ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

ଭଦ୍ରକ, (ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା ନିମନ୍ତେ ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକ ତଥା ଉଚ୍ଚଶିକ୍ଷା ବିଭାଗର କମିଶନର-କମ୍-ସଚିବଅରବିନ୍ଦ ଅଗ୍ରୱାଲ, ବୁଧବାର ଭଦ୍ରକ ଜିଲ୍ଲା ଗସ୍ତ କରିଛନ୍ତି । ଜିଲ୍ଲାର ପ୍ରଥମ ଗସ୍ତ ଅବସରରେ ସେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲୀରାଉତରାୟଙ୍କ ସହ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ ।ବୈଠକରେ ପରିଗଣନା ଫର୍ମ ସଂଗ୍ରହ, ଫର୍ମଗୁଡ଼ିକର ଯାଞ୍ଚ, ଡିଜିଟାଇଜେସନ୍ ପ୍ରକ୍ରିୟା, ଦାବି ଓ ଆପତ୍ତି ଗ୍ରହଣ, କ୍ଷେତ୍ରସ୍ତରରେ ବୁଥ୍ ସ୍ତରୀୟ ଅଧିକାରମାନଙ୍କ କାର୍ଯ୍ୟ ସମେତ ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ ।ପର୍ଯ୍ୟବେକ୍ଷକ ଶ୍ରୀ ଅଗ୍ରୱାଲ ନିର୍ବାଚନ ଆୟୋଗଙ୍କ ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ଅନୁପାଳନ କରି ସ୍ୱଚ୍ଛ, ନିର୍ଭୁଲ ଓ ସମୟସୀମା ଭିତରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେ କ୍ଷେତ୍ରସ୍ତରରେ ଚାଲିଥିବା କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରି କାର୍ଯ୍ୟରେ ଅଧିକ ସମନ୍ୱୟ ଓ ଗୁଣାତ୍ମକତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ ।ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ତାପସ କୁମାର ସେଠୀ, ଭଦ୍ରକ ତହସିଲଦାର ସଂଗ୍ରାମ ଖୁଣ୍ଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ଡେପୁଟି କଲେକ୍ଟର (ଇଲେକ୍ସନ ) ସାଗରିକା ସାହୁ ଓ ଡେପୁଟି କଲେକ୍ଟର ପ୍ରତିମା ନାୟକ, ସହାୟକ ଜିଲ୍ଲାପାଳ ଶାଶ୍ୱତ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ମିଡ଼ିଆ ନୋଡାଲ ଅଫିସର (ନିର୍ବାଚନ ) ମଧୁସ୍ମିତା ମହାପାତ୍ର ଉପସ୍ଥିତ ଥିଲେ ।

## ଜନତାଙ୍କ ଉପରେ ଟିକସ ବୋଝ, ଏପଟେ ଦିନବେଳା ଜଳୁଛି ଷ୍ଟ୍ରିଟ୍ ଲାଇଟ୍



ବେଲଗୁଣ୍ଠା(ନିପ୍ର):ଗୋଟିଏ ପଟେ ସାଧାରଣ ଜନତାଙ୍କ ଉପରେ ହୋଲ୍ଡିଙ୍ଗ ଟ୍ୟାକ୍ସ ବୋଝ ବଢ଼ିବାରେ ଲାଗିଥିବା ବେଳେ, ଅନ୍ୟପଟେ ନଗର ପ୍ରଶାସନର କର୍ମଚାରୀଙ୍କ ଘୋର ଅବହେଳା ଯୋଗୁଁ ଅକାରଣରେ ବିଦ୍ୟୁତ୍ ଶକ୍ତି ଓ ସରକାରୀ ଅର୍ଥର ଅପଚୟ ହେଉଛି ।ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୨ଟା ସମୟରୁ ବଡ଼ଦାଣ୍ଡ ସାହିରେ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଜଳୁଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, ପେଟ୍ରୋଲ ପମ୍ପ ସାମ୍ନାରେ ଥିବା କିଛି ଲାଇଟ୍ ଦୀର୍ଘ ୪ ମାସ ହେଲାଣି ଦିନରାତି ଜଳି ରହୁଥିଲେ ସୁଦ୍ଧା ଏଥିପ୍ରତି ଏନ୍.ଏ.ସି. ର କୌଣସି ଦାୟିତ୍ୱବାନ କର୍ମଚାରୀଙ୍କ ନଜର ପଡୁନାହିଁ ।ଦିନବେଳା ନିରବଚ୍ଛିନ୍ନ ଭାବେ ଲାଇଟ୍ ଜଳିବା ଫଳରେ ବିଦ୍ୟୁତ୍ ବିଲ୍ ବୃଦ୍ଧି ପାଉଛି, ଯାହାର ପରୋକ୍ଷ ବୋଝ ଶେଷରେ ଜନସାଧାରଣଙ୍କ ଉପରେ ହିଁ ପଡୁଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଚରମ ସ୍ୱେଚ୍ଛାଚାରିତା ଓ ବେପରୁଆ ମନୋଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ଏହାକୁ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ରମ୍ଭା ଚିଲିକା ଜେଟିରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ଆଲୋଚନା

ରମ୍ଭା(ନିପ୍ର): ଚିଲିକା କୂଳ ଜେଟି ପରିସରରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଙ୍କ ନେତୃତ୍ୱରେ ବହୁବିଧ ସମସ୍ୟା ଉପରେ ଏକ ଆଲୋଚନା ହୋଇଥିଲା। ରମ୍ଭା ଚିଲିକା ମତ୍ସ୍ୟ ଉତ୍ସ ବା ସୈରାତ ଉପରେ ନିର୍ଭର କରୁଥିବା ଖନ୍ଦା, ଜାଣ, ବାହାଣୀ ଓ ଡ଼ଙ୍ଗା ଚାଳନ କରି ପରିବାର ପ୍ରତିପୋଷଣ କରୁଥିବା ବିଭିନ୍ନ ସମସ୍ୟା ଗତି କରି ଚାଲୁଥିବା ମତ୍ସ୍ୟଜୀବୀ ବାହାଣିଆ ଦୂରଧିନ ଅବସ୍ଥା କହିଲେ ନ ସରେ। ଏଭଳି ପରିସ୍ଥିତିରେ ପର୍ଯ୍ୟଟନ ବିଭାଗର ଚିଲିକା ଓ ଜେଟି ଉନ୍ନୟନ କାମ ପାଇଁ ଫୁଡ ଫର ୱାର୍କ ଭଳି ମତ୍ସ୍ୟଜୀବୀଙ୍କ ଥଇଥାନ ଆବଶ୍ୟକତା ରହିଛି। ତେଣୁ ରମ୍ଭା ଅଞ୍ଚଳ ବାସି ସିକୁରିଟି ଗାର୍ଡ, ସ୍ୱିପର ଓ ସୁପରଭାଇଜର ପ୍ରଭୃତି ପାଇଁ ହକଦାର ବୋଲି ମତ ପ୍ରକାଶ ପାଇଥିଲା ।ଏହା ବ୍ୟତୀତ ୮ ବର୍ଷରୁ ଉର୍ଦ୍ଧ ମତ୍ସ୍ୟଜୀବୀଙ୍କ ପର୍ଯ୍ୟଟନ ଡ଼ଙ୍ଗା ନ ଚାଲିବା



ଫଳରେ ବିଭିନ୍ନ ସମସ୍ୟା ପରିଲକ୍ଷିତ ହେଉଥିବା ଏବଂ ୪୦ହଜାର ଉର୍ଦ୍ଧ ଟଙ୍କା କ୍ଷତି ଭରଣା ପ୍ରତ୍ୟେକ ଡ଼ଙ୍ଗା ମାଲିକଙ୍କ ଚିନ୍ତାର ବିଷୟ ପାଲଟିଛି। ଆଗାମୀ ମାସରେ ଡ଼ଙ୍ଗା ଚାଲି ପାରିବ ବନ୍ଧ ପରୀକର ପ୍ରୟାସ ଚାଲିବ ଉଭୟ ପକ୍ଷକୁ ବୁଝାମଣା ନିଶ୍ଚିତ ଆଡକୁ ଗତି କରୁଛି, ଫଳରେ ବଞ୍ଚିବା ପାଇଁ କିଛିଟା ରାହା ମିଳିପାରିବ, ହୁକ ଔର କୁକୁ ନିଶ୍ଚିତ ଡ଼ଙ୍ଗା ଚାଲିବ ଏହା ଆଉ କୌଣସି ବାଧା ସୃଷ୍ଟି ହେବ ନାହିଁ ବୋଲି ସଭା ସ୍ଥିର କରିଥିଲା। ଏହି ସଭାରେ ବିଜୟ ବେହେରା, ଚିତ୍ରସନ ଦାସ, ରଘୁନାଥ ବେହେରା, ଯୋଗୀନ୍ଦ୍ର କାର୍ଜି, ସାରଥୀ ବେହେରା, ଚକ୍ରଧର ବେହେରା,ମହେଶ୍ୱର ବେହେରା, ବାବୁ ବେହେରା,ସୁନୀଲ ବେହେରା, ଗଣପତି ବେହେରା ପ୍ରମୁଖ ଅନ୍ୟାନ୍ୟ ନେତୃତ୍ୱ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ବିଷୟରେ ପର୍ଯ୍ୟଟନ ମନ୍ତ୍ରୀ,ସଚିବ ଓ ସି. ଡି. ଏ ଙ୍କୁ ଅବଗତ କରାଯିବ ବୋଲି ମତ ପ୍ରକାଶ ପାଇଥିଲା।

## ୪୦ ବେକାର ଯୁବକଙ୍କୁ ରୋଜଗାର ଯୋଗାଇଛନ୍ତି ଯୁବ ଇଞ୍ଜିନିୟର



ସାଲେପୁର,(ନିପ୍ର): ଇଚ୍ଛାଥିଲେ ଦେଶ, ରାଜ୍ୟ ଓ ନିଜ ଅଞ୍ଚଳର ସେବା କରିପାରିବେ। ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁନା କାହିଁକି ନିଜର ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ ବୋଲି କୁହାଯାଇଥାଏ। ତାହା ସତ୍ୟରେ ପ୍ରମାଣ କରିଛନ୍ତି ସାଲେପୁର ଅଞ୍ଚଳର ଯୁବ ଇଂଜିନିୟର ତଥା ସାଲେପୁର ଥାନା ଅଧିନ ରସୁଲପୁର ଗ୍ରାମର ଖୁର୍ସିଦ୍ ଅନୱାରଙ୍କ ପୁତ୍ର ତାରିକ୍ ଅନୱାର। ୩ବର୍ଷ ବୟସରୁ ବାପାଙ୍କୁ ହରାଇ ନିଜେ ସଂଘର୍ଷ କରି ଜଣେ ଦକ୍ଷରେ ଇଂଜିନିୟର ଭାବେ ମୁମ୍ବାଇ ମେଟ୍ରୋରେ କାର୍ଯ୍ୟ କରୁଥିବାବେଳେ ନିଜ ଅଞ୍ଚଳର ଜନସାଧାରଣଙ୍କ ପାଇଁ କିଛି କରିବାକୁ ଉଦ୍ୟମ କରି ସଫଳ ହୋଇଥିଲେ। ଏବେ କୌଣସି ସରକାରୀ ସହାୟତାକୁ ଅପେକ୍ଷା ନକରି ନିଜେ ବ୍ୟାଙ୍କ୍‌ରୁ ଋଣ ଆଣି କୁସମ୍ବୀଠାରେ ଏକ ଇଟା ଫ୍ୟାକ୍ଟ୍ରି କରି ୨୦ଜଣ ଶ୍ରମିକଙ୍କୁ ଜୀବିକା ଦେବା ସହ ତାଙ୍କ ପରିବାର ମୁହଁରେ ହସ ଫୁଟାଇ ପାରିଛନ୍ତି। କରୋନା ମହାମାରି ପରେ ସେ ଦେଖିଲେ ଯେ ତାଙ୍କ ଅଞ୍ଚଳର ବେକାର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ତେଣୁ ଏହାକୁ ରୋକିବାପାଇଁ ନିଜେ ମନେ ମନେ ସ୍ଥିର କରି ପ୍ରଥମେ ଏହି ଇଟା ଫ୍ୟାକ୍ଟ୍ରିଆରମ୍ଭ କରି ପ୍ରଥମ ପର୍ଯ୍ୟାୟରେ କିଛି ସ୍ଥାନୀୟ ବେକାର ଯୁବକଙ୍କୁ ଏହି ଇଟା ଫ୍ୟାକ୍ଟ୍ରିରେ ନିୟୋଜିତ କରିବା ସହ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳ କରିଥିଲେ। ପରେ ନିଶ୍ଚିନ୍ତକୋଇଲିର ଅନ୍ୟ ଏକ ସ୍ଥାନରେ ଏହି ଇଟା ଫ୍ୟାକ୍ଟ୍ରି ନିର୍ମାଣ କରି ସେଠାରେ ମଧ୍ୟ ୨୦ଜଣ ଶ୍ରମିକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିଛନ୍ତି। ସେ ନିଜେ ଆର୍ଥିକ ନିର୍ଭରଶୀଳ ହେବା ସହ ୪୦ଜଣ ବେକାର ଯୁବକଙ୍କ ପରିବାରକୁ ମଧ୍ୟ ଆତ୍ମନିର୍ଭରଶୀଳ କରିପାରିଛନ୍ତି। ସେ ଖାଲି ଏହି କ୍ଷେତ୍ରରେ ନୁହେଁ ବିଭିନ୍ନ ପ୍ରକାର ସମାଜସେବା କ୍ଷେତ୍ରରେ ମଧ୍ୟ ନିଜକୁ ସାମିଲ କରି ସାମାଜିକ କାର୍ଯ୍ୟରେ ନିଜକୁ ପ୍ରତିପାଦନ କରିପାରିଛନ୍ତି। ତାଙ୍କର କହିବା ଅନୁଯାୟୀ ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି, ନିଜର ଇଚ୍ଛାଶକ୍ତି ଥିଲେ ନିଜର ଦେଶ, ଜାତି ଓ ମାନବ ସେବା କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ରାସ୍ତାଠାରୁ ୫ଫୁଟ ଦୂରରେ ତାଳଗଛ ରୋପଣ ପାଇଁ ଦାବି

ସାଲେପୁର,(ନିପ୍ର): ଘଡ଼ଘଡ଼ି ଓ ବିଜୁଳି ଦାଉରୁ ରକ୍ଷା ପାଇଁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତା ବାର୍ଶ୍ୱରେ ତାଳଗଛ ରୋପଣ କରାଯାଉଛି। ବଡ଼ ହେଲେ ଏହି ତାଳଗଛର ତାଳ ଓ ବରଡ଼ା ଖସି ରାସ୍ତା ଦେଇ ଯାଉଥିବା ପଥଚାରୀଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ରାସ୍ତା ଠାରୁ ପ୍ରାୟ ୫ଫୁଟ ଦୂରରେ ତାଳଗଛ ଲଗାଇବାପାଇଁ ଯୁବ ସଂଗଠକ ଶରତ କୁମାର ମହାପାତ୍ର ଦାବି କରିଛନ୍ତି। ପ୍ରକାଶ ଯେ ପ୍ରତିବର୍ଷ ଖରା ଓ ବର୍ଷା ଦିନେ ଘଡ଼ ଘଡ଼ି ଓ ବିଜୁଳି ଆଘାତରେ ଓଡ଼ିଶାରେ ବହୁ ଧନଜୀବନ ହାନି ଘଟୁଥିବା ଖବର ବିଭିନ୍ନ ସମୟରେ ଆସୁଥିବାବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଜୁଳି ଓ ଘଡ଼ଘଡ଼ି ଆଘାତରୁ ରକ୍ଷା ପାଇଁ ରାସ୍ତା ପାର୍ଶ୍ୱରେ ବିପୁଳ ମାତ୍ରାରେ ତାଳଗଛ ଲଗାଇବାପାଇଁ ଯୋଜନା ରହିଅଛି। ତାଳଗଛ କ୍ରମଶଃ ବଢ଼ିବା ପରେ ତାଳଗଛରୁ ବରଡ଼ା ଓ ତାଳ କାଟିବାପାଇଁ ଲୋକ ମିଳୁନଥିବାରୁ ଗଛରେ ବରଡ଼ା ଶୁଖି ଓ ତାଳ ପାଚି ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ପଥଚାରୀଙ୍କ ପଡିବାର ଆଶଙ୍କା ଉପୁଜିଛି। ଫଳରେ ପଥଚାରୀମାନେ ଏଥିରେ ଆହତ ହେବାର ସମ୍ଭାବନା ରହିଛି। ତେଣୁ ସରକାର ବା ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଯେଉଁ ତାଳଗଛ ରୋପଣ କରାଯାଉଛି, ତାହା ରାସ୍ତା ଠାରୁ ୫ଫୁଟ ଦୂରରେ ରୋପଣ କରାଗଲେ ଭବିଷ୍ୟତରେ ରାସ୍ତାରୁ ଶୁଖିଲା ବରଡ଼ା ଓ ତାଳ ପଡ଼ି ଲୋକଙ୍କ ଉପରେ ପଡ଼ିବାର ସମ୍ଭାବନା ରହିବ ନାହିଁ। ତେଣୁ ଏଥି ପ୍ରତି ଦୃଷ୍ଟି ଦେଇ ରାସ୍ତା ଠାରୁ ୫ଫୁଟ ଦୂରରେ ତାଳଗଛ ରୋପଣ କରିବାକୁ ଦ୍ୱୀପାଞ୍ଚଳ ସାରଡ଼ା ଗ୍ରାମର ସଂଗଠକ ଶରତ କୁମାର ମହାପାତ୍ର ଦାବି କରିଛନ୍ତି।

## ରାସ୍ତା ଖୋଳିଦେବାରୁ ୧୦ରୁ ଉର୍ଦ୍ଧ୍ୱ ପରିବାର ଲୋକେ ଘରୁ ବାହାରିବା କଷ୍ଟକର



ସାଲେପୁର,(ନିପ୍ର): ଭୂୟାଁସାହି ମୁଖ୍ୟ ରାସ୍ତାକୁ ଜେ.ସି.ବି. ଦ୍ୱାରା ଖୋଳିଦେବାରୁ ୧୦ଟି ପରିବାର ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ପ୍ରକାଶ ଯେ ସାଲେପୁର ବ୍ଲକ୍ ଚନ୍ଦ୍ରାଦେଇପୁର ପଞ୍ଚାୟତର ଭୂୟାଁସାହିର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପରିବାର ଭୂୟାଁସାହି ମୁଖ୍ୟ ରାସ୍ତା ଦେଇ ପ୍ରାୟ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଯାତାୟାତ କରିଆସୁଅଛନ୍ତି। ଏହି ରାସ୍ତାର ଅଧିକାଂଶ ଅଂଶ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସଂପୃକ୍ତ ବ୍ୟକ୍ତି ଜଣକ ରାସ୍ତାଟିକୁ ଖୋଳିଦେବାରୁ ଲୁଣାହାର ଭୂୟାଁସାହି ଗ୍ରାମର ପ୍ରାୟ ୧୦ଟି ପରିବାର ଲୋକେ ଘରୁ ବାହାରିବା ଏକ ପ୍ରକାର କଷ୍ଟକର ହୋଇପଡୁଛି। ଖାଲି ସାଇକେଲ୍ ଓ ମୋଟର ସାଇକେଲ୍ ଦେଇ ଉକ୍ତ ରାସ୍ତାରେ ଯାତାୟାତ କରୁଥିବାବେଳେ ଚାରିଚକିଆ ଯାନ ଯାତାୟାତ ସଂପୂର୍ଣ୍ଣ ଠପ୍ ହୋଇପଡିଥିବା ଜଣାଯାଇଛି। ଏହାନେଇ ଆସନ୍ତାକାଲି ଏହି ରାସ୍ତାକୁ ନେଇ ଗ୍ରାମବାସୀ ଓ ଜମି ମାଲିକଙ୍କ ମଧ୍ୟରେ ଆଲୋଚନା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

## ୧୦୫ ବର୍ଷ ବୃଦ୍ଧା ପାଉଛନ୍ତି ଏକ ହଜାର ଟଙ୍କା ଭତ୍ତା: ବିଧାୟକଙ୍କ ଦୁଃଖ ପ୍ରକାଶ

କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ହାଡୁଭାଙ୍ଗି ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ନିକଟରୁ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଶୁଣାଣୀ କରିଥିଲେ। ବିଧାୟକ ପ୍ରଥମେ ହାଡୁଭାଙ୍ଗି ପଞ୍ଚାୟତର ଚୁଡୁଙ୍ଗପୁର ଗ୍ରାମର ସମସ୍ୟା ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା, ଗ୍ରାମ ଭିତ୍ତିକ ସମସ୍ୟା, ରାସନ୍ କାର୍ଡ, ଆବାସ ଗୃହ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳ ସେଚନ, ନାଳ ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଜଣାଇଥିଲେ ଅଞ୍ଚଳବାସୀ। ଏହାର ସମାଧାନ ପାଇଁ ତୁରନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିବା ସହ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ସମସ୍ୟା ର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। ହାଡୁଭାଙ୍ଗି ଠାରେ ଥିବା ଚିକିତ୍ସାଳୟକୁ ବହୁ ଦିନରୁ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବୀ ଆସୁଥିବାରୁ ଏଠାରେ ତୁରନ୍ତ ରାସ୍ତା ନିର୍ମାଣ ହେବ ବୋଲି ବିଧାୟକ କହିଥିଲେ। ମୁଖ୍ୟତଃ ଚୁଡୁଙ୍ଗପୁର ଗ୍ରାମରେ ବାସ କରୁଥିବା ଜଣେ



୧୦୫ ବର୍ଷ ବୃଦ୍ଧାଙ୍କୁ ପୂର୍ବ ନିର୍ଦ୍ଧାରିତ ଏକ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଖବର ପାଇ ନିଜେ ବିଧାୟକ ତାଙ୍କ ବାସଭବନରେ ପହଞ୍ଚି ବୃଦ୍ଧାଙ୍କ ସମସ୍ତ ସମସ୍ୟା ବୁଝିଥିଲେ ଓ ତୁରନ୍ତ ତାଙ୍କ ଭତ୍ତା ବୃଦ୍ଧି ନିମନ୍ତେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ସମିତି ସଭ୍ୟ ଜଗନ୍ନାଥ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ କାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ (ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପିଟିଶାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାମନ୍ତ ବିମଳ କୁମାର ରଣସିଂହ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କକ୍ଷଣ୍ଡେଶ୍ୱର କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସଭାରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଜଣେ ମେଳାପି, ଛାତ୍ରବତ୍ସଳ, ଶିକ୍ଷକ ନେତା ଥିଲେ। ତାଙ୍କର ସ୍ପଷ୍ଟବାଦୀ ଗୁଣରେ ଶିକ୍ଷକ ଙ୍କ ଦାବି ଗୁଡିକୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରି କାର୍ଯ୍ୟକାରୀ କରୁଥିବା ପ୍ରକାଶ କରିଥିଲେ। ତାଙ୍କ ଅବସର ଶିକ୍ଷକ ସମାଜ ପାଇଁ ଏକ ଶୂନ୍ୟତା ଆଣିଥିବା ଅତିଥିମାନେ କହିଥିଲେ। ସେ ଠିକ ସମୟରେ ବିଦ୍ୟାଳୟ ଆସି ଶିକ୍ଷା ଦାନ କରି ଛାତ୍ର ଛାତ୍ରୀ ଅବିଭାବକ ଙ୍କ ପ୍ରିୟଭକ୍ଷଜନ ହୋଇଥିଲେ। ଚାକିରି ଆରମ୍ଭ ରୁ ଅବସର ପର୍ଯ୍ୟନ୍ତ ସେ ଗୋଟିଏ ବିଦ୍ୟାଳୟ ରେ ରହି ଏକ ଇତିହାସ ରଚନା କରିଥିଲେ।

### ଡ୍ରେନେଜ ସିଷ୍ଟମ ଫେଲ୍

# ରାସ୍ତାରେ ଚାଲିଛି ବର୍ଷାପାଣି; ଘରେ ଆଣ୍ଠୁଏ ପାଣି

ଆଠଗଡ଼,(ନିପ୍ର): ଲଗାଣ ବର୍ଷା ଫଳରେ ଚାନ୍ଦବାଲି ଛକରୁ ବିରକିଶୋରପୁର ୬୫ ନମ୍ବର ରାଜ୍ୟ ରାଜପଥରେଚାଲିଛି ବର୍ଷାପାଣି ।ଏଥିସହ ବିରକିଶୋରପୁର କିଛି ଘରେ ଦେଖିବାକୁ ମିଳିଛି ଆଣ୍ଠୁଏ ଲେଖାଏଁ ପାଣି। ପୂର୍ବର ଲଘୁଚାପ ଜନିତ ବର୍ଷା ଫଳରେ ଏହି ଚାନ୍ଦବାଲି ଛକ ଅଞ୍ଚଳ ରାସ୍ତାରେ ଡ୍ରେନ୍ ଉଛୁଳି ରାସ୍ତାରେ ନର୍ଦ୍ଦମା ପାଣି ଚାଲିଥିଲା ।ଏହାକୁ ଆଠଗଡ଼ ଏନଏସି ଡ୍ରେନ୍ ପଥ ଅବରୋଧ ହଟାଇବା ପରେ ଅସ୍ଥାୟୀ ଭାବରେ ସମସ୍ୟା ଟଳିଥିଲା। ପୁଣି ଏବର ଲଗାଣ ବର୍ଷା ଯୋଗୁଁ ଡ୍ରେନରେ ପାଣି ନିଷ୍କାସନ ହୋଇ ନପାରି ରାସ୍ତାରେ ଚାଲିଛି ବର୍ଷା ପାଣି ମିଶା ନର୍ଦ୍ଦମା ପାଣି। ଆଠଗଡ଼ ଏନଏସି ଅନ୍ତର୍ଗତ ବ୍ୟସ୍ତବହୁଳ ଚାନ୍ଦବାଲି ଛକରୁ ବିରକିଶୋରପୁର ୬୫ ନମ୍ବର ରାଜ୍ୟ ରାଜପଥରେ ପଥଚାରୀ ଓ ଦୁଇ ଚକିଆ



ଯାନରେ ଯାଉଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏଥି ସହ ଯେଉଁମାନଙ୍କ ଘରେ ପଶି ପଶିଛି ସେମାନେ ବହୁ ଅସୁବିଧାରେ କାଳାତିପାତ କରୁଛନ୍ତି। ଆଜି ଅଗ୍ନିଶମ ବାହିନୀ ପକ୍ଷରୁ ବିରକିଶୋରପୁର ଅଞ୍ଚଳର ସନ୍ତୋଷ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ମୋଟର ଲଗାଇ ପାଣି ନିଷ୍କାସନ କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହି ଅଞ୍ଚଳର ଜନସାଧାରଣ ବାରମ୍ବାର ଏ ବିଷୟରେ ପ୍ରଶାସନକୁ ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ପ୍ରଶାସନ ତୁରନ୍ତ ପାଣି ନିଷ୍କାସନ ନିମନ୍ତେ ଉଚିତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ତିଥି :(ନବମୀ ମଳ): (ବିଶାଖା ତୁଳା )
ଅମୃତ ବେଳା: ସକାଳ ଘ ୫।୨୩ ରୁ ଘ ୭।୦୦ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଡେଙ୍ଗୁ ଟିକା ପ୍ରସଙ୍ଗ

କେନ୍ଦ୍ର ସରକାର ଜାପାନର ଔଷଧ କଂପାନୀ ଟାକେଡା ଫାର୍ମାସ୍ୟୁଟିକାଲ ଦ୍ୱାରା ବିକଶିତ ଡେଙ୍ଗୁ ଟିକା'କ୍ୟୁଡିଇଏନଜିଏ'କୁ ଅନୁମୋଦନ ଦେଇଛନ୍ତି,ଯାହାଦ୍ୱାରା ଆଶ୍ୱସ୍ତି ମିଳିଛି ଯେ ଏହି ଟିକା ଆଗକୁ ଆମ ଦେଶରେ ମିଳିପାରିବ। ଟିକା ନେଇପାରିବେ ୪ରୁ ୬୦ ବର୍ଷ ବୟସ ବର୍ଗ। ପୂର୍ବରୁ ଡେଙ୍ଗୁ ହୋଇ ଥାଉ କି ନାହିଁ, ଏପରିକି ବିନା ଡେଙ୍ଗୁ ପରୀକ୍ଷାରେ ଏହି ଟିକା ନେଇ ହେବ, ଯାହା ଦ୍ୱାରା ଡେଙ୍ଗୁ ଭୂତାଣୁର ୪ ସେରୋଟାଇପ ବିରୋଧରେ ଏହା ସୁରକ୍ଷା ଦେଇ ପାରିବ। ଭାରତୀୟ ଟିକା କଂପାନୀ ବାୟୋଲଜିକାଲ- ଇ ସହିତ ସହଭାଗିତା କାରଣରୁ ଏହା ବାର୍ଷିକ ୫୦ ନିୟୁତ ଡୋଜ ଉତ୍ପାଦନ କରିବ। ଆମ ଦେଶରେ ଗତଦୁଇ ଦଶନ୍ଧିରେ ଡେଙ୍ଗୁ ମାମଲା ଅନ୍ୟୁନ ୧୧ ଗୁଣ ବୃଦ୍ଧି ପାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେ ଯଦି ସାଧାରଣ ଲୋକଙ୍କ ପକ୍ଷେ ଏହି ଟିକା ହାତପାଆନ୍ତାରେ ମିଳିବ,ଅର୍ଥାତ୍ ସ୍ୱଳ୍ପ ବ୍ୟୟରେ ଯଦି ମିଳିପାରିବ ତେବେ ବହୁ ଲୋକ ଉପକୃତ ହୋଇପାରିବେ। ଟିକାଟିର ମୂଲ୍ୟ ଓ ଅନ୍ୟାନ୍ୟ ଦିଗ ସଂପର୍କରେ ଆଲୋଚନା ଆସିପାରିନାହିଁ, ଯାହା ସାମ୍ନାକୁ ଆସିବାରୁ ଆବଶ୍ୟକତା ରହିଛି।

ସାଧାରଣତଃ ଏଡିସ ମଶା କାମୁଡ଼ିବା ଦ୍ୱାରା ଡେଙ୍ଗୁ ସଂକ୍ରମଣ ହୋଇଥାଏ। ସଂକ୍ରମିତ ହେବା ପରେ ରୋଗୀଠାରେ ଆଣ୍ଠୁଗଣ୍ଠି ଦରଜ,ପ୍ଲେଟଲେଟ କମିଯାଇଥାଏ। ଏପରି ଲକ୍ଷଣରୁ ଗୋଟିଏ କି ଦୁଇଟି ଦେଖାଦେବା ମାତ୍ରେ ତୁରନ୍ତ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦିଆଯାଏ। ଅଧିକ ଶୀତ କିମ୍ବା ଉତ୍ତାପ ନ ଥିବା ଜଳବାୟୁରେ ଜମିରହିଥିବା ପାଣିରେ ଏଡିସ ମଶା ବଂଶବୃଦ୍ଧି କରୁଥିବାରୁ ଘରେ କୁଲର୍, ବାହାରେ ପଡିଥିବା ଅଦରକାରୀ ସାମଗ୍ରୀ, ବିଭିନ୍ନ ପ୍ରକାର ଖୋଳ, କୁଡୁଆ ଆଦିରେ ପାଣି ଜମିବାକୁ ନ ଦେବା ଲାଗି ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଥାଏ। ପ୍ରତି ମୌସୁମୀରେ ପୂର୍ବରୁ ପୌରପାଳିକା ବା ଏନଏସି କର୍ତ୍ତୃପକ୍ଷମାନେ ଏପରି ମଶାଙ୍କ ବଂଶବୃଦ୍ଧି ସ୍ଥଳ ଉଚ୍ଛେଦରେ ଜନସଚେତନତା ସୃଷ୍ଟି ସାଙ୍ଗକୁ ପଦକ୍ଷେପ ନେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସବୁଠୁ ବଡ ହେଉଛି ପରିମଳ। ଏହା ପଛକୁ ସଚେତନନା। ସବା ପଛରେ ଟିକା। ଆଲୋଚ୍ୟ ଟିକା ପୂର୍ବରୁ ୪୨ ଟି ରାଷ୍ଟ୍ରରେ ଅନୁମୋଦିତ ହୋଇଥିବା ତଥା ବୈଶ୍ୱିକ ସ୍ତରରେ ୨୪ ନିୟୁତରୁ ଅଧିକ ଡୋଜ୍ ଦିଆଯାଇଥିବାରୁ ଏହାର ସୁରକ୍ଷା ଆସ୍ଥାଜନକ ରହିଛି। ଏ ପରିପ୍ରେକ୍ଷୀରେ ଦେଶର ଯେଉଁ ସବୁ ଅଞ୍ଚଳରେ ଡେଙ୍ଗୁ ପ୍ରବଣତା ଅଧିକ ସେଠାରେ ଏଡିସ ମଶାର ନିୟନ୍ତ୍ରଣ, ପାଣିପାଗ ତଥ୍ୟ ଆଧାରରେ ଜନସାଧାରଣଙ୍କ ଠାରେ ଡେଙ୍ଗୁ ପରୀକ୍ଷଣ ପୂର୍ବକ ଟିକା ଦିଆଯିବା ଲୋଡ଼ା। ଅନ୍ତ୍ୟୋଦୟ ବିକାଶରେ କୁହାଯାଇଛି ଯେ ଶେଷ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ। ଏପରି ଦୃଷ୍ଟିଭଙ୍ଗୀ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ପକ୍ଷେ ଥିବା ହେତୁ ଏହି ଟିକା ଡେଙ୍ଗୁ ପ୍ରବଣ ଅଞ୍ଚଳଗୁଡ଼ିକରେ ବିନା ମୂଲ୍ୟରେ ଦିଆଯିବା ଲାଗି ସରକାରଙ୍କ ପକ୍ଷରୁ ତତ୍ପରତା ଆଶା କରୁଛୁ।

# 'ଓଡ଼ିଶାର ଯୁବ ଶକ୍ତି ଓ ବେକାରି ସମସ୍ୟା'

**ଉମା ଶଙ୍କର ପ୍ରସାଦ**

ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୬୫% ଲୋକ ଅଛନ୍ତି ୩୫ ବର୍ଷରୁ କମ୍ ବୟସର। ଏହି ବିପୁଳ ଯୁବ ଶକ୍ତି ରାଜ୍ୟର ସବୁଠୁ ବଡ଼ ସମ୍ପଦ। କିନ୍ତୁ ଏହି ସମ୍ପଦ ଯେତେବେଳେ ବେକାରି ସମସ୍ୟା ରୂପରେ ସାମ୍ନାକୁ ଆସେ, ସେତେବେଳେ ଏହା ରାଜ୍ୟ ପାଇଁ ଗୋଟିଏ ବଡ଼ ଆହ୍ୱାନ ହୋଇଯାଏ।ବର୍ତ୍ତମାନ ସ୍ଥିତିକୁ ବିଚାରକୁ ନେଲେ ଜଣାପଡ଼େ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଓଡ଼ିଶାରେ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରି ହାର ଜାତୀୟ ହାରଠାରୁ ଅଧିକ। ପ୍ରତି ବର୍ଷ ଲକ୍ଷ ଲକ୍ଷ ଛାତ୍ର କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ବାହାରୁଛନ୍ତି। କିନ୍ତୁ ସେମାନଙ୍କ ଦକ୍ଷତା। ଅନୁଯାୟୀ ଚାକିରି ମିଳୁନାହିଁ।

**ଶିଳ୍ପ ଯାହା ଚାହୁଁଛି ଯୁବକମାନଙ୍କ ପାଖରେ ତାହା ନାହିଁ। ଓଡ଼ିଶାରେ ଖଣି, ଇସ୍ପାତ ଶିଳ୍ପ ଥିଲେ ମଧ୍ୟ ସେଥିରେ ସ୍ଥାନୀୟ ଯୁବକଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ହେଉନାହିଁ। ଆଇଟି, ଷ୍ଟାର୍ଟ-ଅପ୍ କ୍ଷେତ୍ର ଏବେ ବି ପ୍ରାରମ୍ଭିକ ଅବସ୍ଥାରେ । କୃଷି ଉପରେ ଚାପ-- ଅଧିକାଂଶ ଯୁବକ ଚାଷକୁ ଲାଭଜନକ ବୃତ୍ତି ଭାବେ ଦେଖୁନାହାନ୍ତି। ଫଳରେ ସେମାନେ ସହରମୁହାଁ ହେଉଛନ୍ତି। ସରକାରୀ ଚାକିରି ଉପରେ ନିର୍ଭରଶୀଳତା ଯୁବପିଢ଼ିଙ୍କ ମନରେ କେବଳ 'ସରକାରୀ ଚାକିରି' ହିଁ ସଫଳତା ବୋଲି ଧାରଣା ରହିଛି। କିନ୍ତୁ ସେତେ ପଦବୀ ନାହିଁ।**

ଫଳରେ ଯୁବପିଢ଼ି ଦୁଇଟି ରାସ୍ତା ବାଛୁଛନ୍ତି – କି ବାହାର ରାଜ୍ୟକୁ ପଳାୟନ, ନହେଲେ ଘରେ ବସି ହତାଶା। ବେକାରିର ମୁଖ୍ୟ କାରଣ ହେଲା ଦକ୍ଷତା ଏବଂ ଚାକିରିର ଅମିଳନ ଚିତ୍ର, 'ଶିକ୍ଷା ବ୍ୟବସ୍ଥାରେ ସିଦ୍ଧାନ୍ତ ଅଧିକ, ବ୍ୟାବହାରିକ ଦକ୍ଷତା କମ୍' । ଶିଳ୍ପ ଯାହା ଚାହୁଁଛି ଯୁବକମାନଙ୍କ ପାଖରେ ତାହା ନାହିଁ। ଓଡ଼ିଶାରେ ଖଣି, ଇସ୍ପାତ ଶିଳ୍ପ ଥିଲେ ମଧ୍ୟ ସେଥିରେ ସ୍ଥାନୀୟ ଯୁବକଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ହେଉନାହିଁ। ଆଇଟି, ଷ୍ଟାର୍ଟ-ଅପ୍ କ୍ଷେତ୍ର ଏବେ ବି ପ୍ରାରମ୍ଭିକ ଅବସ୍ଥାରେ। କୃଷି ଉପରେ ଚାପ-- ଅଧିକାଂଶ ଯୁବକ ଚାଷକୁ ଲାଭଜନକ ବୃତ୍ତି ଭାବେ ଦେଖୁନାହାନ୍ତି। ଫଳରେ ସେମାନେ ସହରମୁହାଁ ହେଉଛନ୍ତି। ସରକାରୀ ଚାକିରି ଉପରେ ନିର୍ଭରଶୀଳତା ଯୁବପିଢ଼ିଙ୍କ ମନରେ କେବଳ 'ସରକାରୀ ଚାକିରି' ହିଁ ସଫଳତା ବୋଲି ଧାରଣା ରହିଛି। କିନ୍ତୁ ସେତେ ପଦବୀ ନାହିଁ। ଯୁବ ଶକ୍ତିକୁ କିପରି ସମ୍ପଦରେ ପରିଣତ କରିବା ଯାହା ସରକାର ଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଦରକାର। ବେକାରି ସମସ୍ୟାର ସମାଧାନ ପାଇଁ ସରକାର, ଶିଳ୍ପ ଏବଂ ଯୁବପିଢ଼ି ତିନି ଜଣଙ୍କୁ ଏକାଠି ହୋଇ କାମ କରିବାକୁ ପଡ଼ିବ।



ଦକ୍ଷତା ବିକାଶ ଆଇଟିଆଇ, ପଲିଟେକ୍ନିକ୍ ଏବଂ କଲେଜ ପାଠ୍ୟକ୍ରମକୁ ଶିଳ୍ପ ଆବଶ୍ୟକତା ଅନୁସାରେ ପରିବର୍ତ୍ତନ କରିବା। ଡ୍ରୋନ୍, ଇଓ, ଟୁରିଜିମ୍, ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ତାଲିମ୍ ଦେବା। 'ଉଦ୍ୟୋଗିତାକୁ ପ୍ରୋତ୍ସାହନ' ଯୁବକମାନେ ଚାକିରି ଖୋଜା ପ୍ରକ୍ରିୟାକୁ ଛାଡି ଚାକିରି ଦେବା ପ୍ରକ୍ରିୟାକୁ ଆପଣେଇବା ଦରକାର।ଏହି କ୍ଷେତ୍ରରେ ସମର୍ଥ ହେବାକୁ ସେମାନଙ୍କୁ ପ୍ରେରଣା ଦେବା ସରକାରଙ୍କ କର୍ତ୍ତବ୍ୟ । ଷ୍ଟାର୍ଟ-ଅପ୍ ପାଇଁ ଋଣ, ମାର୍ଗଦର୍ଶନ ଏବଂ ବଜାର ଯୋଗାଇବା।. 'ସ୍ଥାନୀୟ ସମ୍ବଳର ବ୍ୟବହାର': ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ, ସମୁଦ୍ର ଉତ୍ପାଦ ଏବଂ କୃଷିଜାତ ଦ୍ରବ୍ୟକୁ ବ୍ରାଣ୍ଡିଂ କରି ବିଶ୍ୱ ବଜାରକୁ ନେବା। ଏଥିରେ ଲକ୍ଷ ଲକ୍ଷ ଯୁବକ ନିଯୁକ୍ତି ପାଇପାରିବେ। 'ପର୍ଯ୍ୟଟନ ଏବଂ ସେବା କ୍ଷେତ୍ର':-- ପୁରୀ, କୋଣାର୍କ, ଡିହିଙ୍ଗି ଭଳି ସ୍ଥାନକୁ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟଟନ କେନ୍ଦ୍ର କରିବା। ଏଥିରେ ହୋଟେଲ, ଗାଇଡ୍, ପରିବହନ କ୍ଷେତ୍ରରେ ବହୁ ଯୁବକ କାମ ପାଇବେ। ବିଶେଷଜ୍ଞଙ୍କ ମତାନୁସାରେ 'ଓଡ଼ିଶାର ଯୁବକମାନେ ପରିଶ୍ରମୀ। ସେମାନଙ୍କୁ କେବଳ ସଠିକ୍ ତାଲିମ୍ ଏବଂ ସୁଯୋଗ ପ୍ରଦାନ କରି ଯଦି ଆମେ ଏମାନଙ୍କୁ ବ୍ୟବହାର କରିପାରିଲୁ, ତେବେ ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ରାଜ୍ୟ ହେବା ନିଶ୍ଚିତ। ସର୍ବଶେଷରେ ଏତିକି ଯେ 'ଯୁବ ଶକ୍ତି ହେଉଛି ବିସ୍ଫୋରକ ଶକ୍ତି'। ଏହାକୁ ସଠିକ୍ ଦିଗରେ ଲଗାଇଲେ ଏହା ରାଜ୍ୟକୁ ଆଗକୁ ନେଇଯିବ। ଆଉ ଯଦି ଅଣଦେଖା କଲେ, ତେବେ ଏହା ହିଁ ସମସ୍ୟାର କାରଣ ହେବ। ତେଣୁ ଆଜି ଆବଶ୍ୟକତା ହେଲା – ସରକାର ନୀତି ତିଆରି କରନ୍ତୁ, ଶିଳ୍ପ ନିଯୁକ୍ତି ଦିଅନ୍ତୁ ଏବଂ ଯୁବକମାନେ ନିଜ ଦକ୍ଷତା ବଢ଼ାନ୍ତୁ। ଆସନ୍ତୁ ଆମେ ସମସ୍ତେ ମିଶି ଶପଥ ନେବା – 'ଓଡ଼ିଶାର ଯୁବକ ଆଉ ବେକାର ରହିବେ ନାହିଁ, ସେମାନେ ହେବେ ରୋଜଗାରଦାତା' ।

ଖୋର୍ଦ୍ଧା, ମୋ- ୬୩୭୦୬୭୫୫୬୨

# ଆମ ଚାଷୀ ଅନ୍ୟ ରାଜ୍ୟକୁ କରିପାରିବେ ପନିପରିବା ରପ୍ତାନି

**ଡଃ. ଲକ୍ଷ୍ମୀ ନାରାୟଣ କର**

**"ଏଠାରେ ପ୍ରଶ୍ନ ଉଠେ ଯେ ଆମ ଓଡ଼ିଶାରେ ଏତେ ବଡ ଯାହାକି ଦେଶର ଦ୍ୱିତୀୟ ବୃହତ୍ତମ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଥାଇ ଓ ଉନ୍ନତ ମାନର ବିଭିନ୍ନ ପ୍ରକାରର ଅଧିକ ଅମଳକ୍ଷମ ପନିପରିବା ବିହନ ସୃଷ୍ଟି କରି ପାରୁଛନ୍ତି ତେବେ ତାର ପ୍ରକୃତ ବିନିଯୋଗ କେଉଁଠି ଓ କିପରି ଭାବରେ ହେଉଛି । ଆମ ରାଜ୍ୟର ଚାଷୀମାନେ ଅନେକ କର୍ମଠ କିନ୍ତୁ ଅତ୍ୟନ୍ତ ଗରିବ ଶ୍ରେଣୀର । ସେମାନେ ଅନେକ ଅଳ୍ପ ପାଠୁଆ ହୋଇ ଥିବାରୁ ଉନ୍ନତି ଚାଷ ପ୍ରଣାଳୀ ବିଷୟରେ ସମ୍ପୂର୍ଣ ରୂପେ ଅଜ୍ଞ ଥିବା ବେଳେ ସରକାରୀସ୍ତରରେ ମଧ ଏପରି କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଏ ନାହିଁ। ଆଗେ ଏହି କୃଷି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ନିଜର ପ୍ରଶିକ୍ଷଣ ପାଇଁ ମହାବିଦ୍ୟାଳୟରେ ଥିବା ନିଜସ୍ୱ କୃଷି କ୍ଷେତ୍ରକୁ ଯାଇ ବିଭିନ୍ନ ପ୍ରକାରର ଉଦ୍ଭାବନ ହୋଇଥିବା ନୂତନ ବିହନର କିପରି ଭାବରେ ଉତ୍ପାଦନ ଦେଉଛି ତାହା ଦେଖୁଥିଲେ।**

ଓଡ଼ିଆ ରେ ଗୋଟିଏ ରୁଢ଼ି ରହିଛି ଯେ ଗଙ୍ଗା କୂଳରେ ରହି ବି ଗଙ୍ଗା ପାଣି ପିଇ ହେଉନି । ଆମ ଓଡ଼ିଶାରେ ଥିବା ଓଡ଼ିଶା ୟୁନିଭରସିଟି ଅଫ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି ଯାହାକି ଆମ ଦେଶର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ୨୪.୮.୧୯୬୨ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ହିଁ ତାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ତାହା ଏବେ ଅନେକ ପ୍ରକାରର ବିଭାଗ ଦ୍ୱାରା ବିଭକ୍ତ ହୋଇଛି । ସବୁଠାରୁ ବଡ ଦୁଃଖର ବିଷୟ ଏହି ଯେ ଏହି ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ କୃଷି ବୈଷୟିକ, କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ ରହିଛି । ଅନେକ ଛାତ୍ରଛାତ୍ରୀ ଏଠାରେ ପାଠ ପଢ଼ିବାକୁ ଆସୁଛନ୍ତି ଭଲ ଭାବରେ ପାଠ ପଢ଼ି ନିଜର କଲେଜରେ ନିଜସ୍ୱ ସ୍ଥାନ ସୃଷ୍ଟି କରି ପାରୁଛନ୍ତି । ଅଧିକ ଜ୍ଞାନ ପାଇଁ ଏହି କଲେଜରେ ଗବେଷଣା କରି ଅଧିକ ଉତ୍ପାଦନକ୍ଷମ ପନିପରିବା , ଧାନ, ଚାଷ ଓ ଅନ୍ୟାନ୍ୟ ପ୍ରକାରର ଚାଷ ପାଇଁ କୃଷି ବିଜ୍ଞାନୀମାନଙ୍କ ସହାୟତାରେ ଅଧିକ ଗବେଷଣା କରି ନୂତନ ପ୍ରକାରର ରୋଗ ସଂକ୍ରମଣ ବିହୀନ , ଶୀଘ୍ର ଉତ୍ପାଦନ ହୋଇପାରୁଥିବା ଫସଲ , ସବୁ ପ୍ରକାର ର ଜମିରେ ଚାଷ ପାଇଁ ଉପଯୁକ୍ତ ପ୍ରକ୍ରିୟା ଇତ୍ୟାଦି ହୋଇ ପାରୁଛି । କିନ୍ତୁ ଏହା ସତ୍ତ୍ୱେ ଆମ ଓଡ଼ିଶାରେ ପନିପରିବା ଚାଷ ଯଥେଷ୍ଟ ପରିମାଣରେ ହୋଇ ପାରୁନାହିଁ ।ଯାହା ଫଳରେ କି ଆମ ରାଜ୍ୟ ସର୍ବଦା ଅନ୍ୟ ରାଜ୍ୟ ଉପରେ ନିର୍ଭର ହୋଇ ରହିବାକୁ ପଡୁଛି । ପରିବା ବ୍ୟବସାୟୀମାନେ ସର୍ବଦା ଜହ୍ନି, ପୋଟଳ , କଲରା , ଭେଣ୍ଡି , କଞ୍ଚା ଲଙ୍କା , ହାଇବ୍ରିଡ କାଙ୍କଡ଼ , ଆଳୁ ପାଇଁ ପଶ୍ଚିମବଙ୍ଗ , ବନ୍ଧାକୋବି , ଫୁଲକୋବି , ଟମାଟୋ , ବିନ୍ସ ପାଇଁ ମହାରାଷ୍ଟ୍ର , ସଜନା ଛୁଇଁ, କଖାରୁ , ପାଇଁ ତାମିଲନାଡୁ , ଅମୃତଭଣ୍ଡା , କଦଳୀ , ମାଟିଆଳୁ , ଆନ୍ଧ୍ର ପ୍ରଦେଶରୁ , ଗାଜର, ବିଟ , ରାଜସ୍ଥାନରୁ ଓ ଯୋଧପୁର , ବର୍ଷ ସାରା ଯେଉଁ ଲମ୍ବା ତରଭୁଜ ମିଳୁଛି ତାହା ଦିଲ୍ଲୀରୁ , ଆମ ରାଜ୍ୟ ପାଇଁ ଆମଦାନୀ ହୋଇଥାଏ । ଏଠାରେ ପ୍ରଶ୍ନ ଉଠେ ଯେ ଆମ ଓଡ଼ିଶାରେ ଏତେ ବଡ ଯାହାକି ଦେଶର ଦ୍ୱିତୀୟ ବୃହତ୍ତମ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଥାଇ ଓ ଉନ୍ନତ ମାନର ବିଭିନ୍ନ ପ୍ରକାରର ଅଧିକ ଅମଳକ୍ଷମ ପନିପରିବା ବିହନ ସୃଷ୍ଟି କରି ପାରୁଛନ୍ତି ତେବେ ତାର ପ୍ରକୃତ ବିନିଯୋଗ କେଉଁଠି ଓ କିପରି ଭାବରେ ହେଉଛି । ଆମ ରାଜ୍ୟର ଚାଷୀମାନେ ଅନେକ କର୍ମଠ କିନ୍ତୁ ଅତ୍ୟନ୍ତ ଗରିବ ଶ୍ରେଣୀର । ସେମାନେ ଅନେକ ଅଳ୍ପ ପାଠୁଆ ହୋଇ ଥିବାରୁ ଉନ୍ନତି ଚାଷ ପ୍ରଣାଳୀ ବିଷୟରେ ସମ୍ପୂର୍ଣ ରୂପେ ଅଜ୍ଞ ଥିବା ବେଳେ ସରକାରୀସ୍ତରରେ ମଧ ଏପରି କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଏ ନାହିଁ। ଆଗେ ଏହି କୃଷି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ନିଜର ପ୍ରଶିକ୍ଷଣ ପାଇଁ ମହାବିଦ୍ୟାଳୟରେ ଥିବା ନିଜସ୍ୱ କୃଷି କ୍ଷେତ୍ରକୁ ଯାଇ ବିଭିନ୍ନ ପ୍ରକାରର ଉଦ୍ଭାବନ ହୋଇଥିବା ନୂତନ ବିହନର କିପରି ଭାବରେ ଉତ୍ପାଦନ ଦେଉଛି ତାହା ଦେଖୁଥିଲେ। ଆମ ଓଡ଼ିଶା ମାଟିରେ ତାର କି ପ୍ରକାରର ପ୍ରଭାବ ରହୁଛି ତାର ପରୀକ୍ଷା ନିରୀକ୍ଷା କରି ପରେ ସେହି ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ଓଡ଼ିଶାର ଅନେକ ଗାଁକୁ ଯାଇ ଚାଷୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କୁ ଉନ୍ନତ ମାନର ବିହନ ବୁଣିବା, ତାର ରୋଗ ପ୍ରତିଷେଧକ ବ୍ୟବସ୍ଥା, ଇତ୍ୟାଦି



ବିଷୟରେ ବୁଝାଉଥିଲେ । ଚାଷୀ ମାନେ ମଧ ସେହି ଉପାୟ ଅବଲମ୍ବନ କରି ପନିପରିବା ଚାଷ କରି କିଛି ପରିମାଣରେ ଲାଭବାନ୍ ହେଉଥିଲେ । କିନ୍ତୁ ଏବେ ସମୟ ପୂରା ମାତ୍ରାରେ ବଦଳି ଯାଇଛି। ଯଦିଓ ସବୁ ପ୍ରକାରର ଆଧୁନିକ ଉନ୍ନତ ମାନର ବିହନ, ଓ ଚାଷ ପ୍ରଣାଳୀ ବିଷୟରେ କୃଷି ବିଜ୍ଞାନୀ ମାନେ ଅଭିହିତ ଅଛନ୍ତି ତଥାପି ଆମ ପ୍ରଶାସନିକ ସ୍ତରରେ ଅତ୍ୟନ୍ତ ଅବହେଳା ପାଇଁ ଆମର ରାଜ୍ୟର ଚାଷୀମାନଙ୍କ ଉନ୍ନତି ହୋଇ ପାରୁ ନାହିଁ ଯାହା ଫଳରେ ଆମ ଚାଷୀ ମାନେ ଯେଉଁ ଗରିବକୁ ସେଇ ଗରିବ ହୋଇ ରହିଛନ୍ତି । ଆମ ରାଜ୍ୟର କୃଷି ବିଭାଗରେ ଉପରସ୍ତରରୁ ତଳସ୍ତର ଯାଏଁ ଅନେକ ଅଧିକାରୀ ରହିଛନ୍ତି । ଏପରି କି ଚାଷୀ ମାନଙ୍କ ପାଖକୁ ଯିବା ପାଇଁ ତୃଣମୂଳ ସ୍ତରରେ ଥିବା ବିଡିଓ ମଧ କୌଣସି ଚାଷୀ ମାନଙ୍କ ପାଖକୁ ଯାଆନ୍ତି ନାହିଁ ଓ ଆଗରୁ ଥିବା ଗ୍ରାମସେବକ ଓ ଗ୍ରାମ ସେବିକା ମାନେ ଏବେ ଆଉ ନାହାନ୍ତି ଯେଉଁମାନେ କି ଚାଷୀ ମାନଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସୁଥିଲେ । କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀମାନେ ମଧ ଚାଷର ଉନ୍ନତି ପାଇଁ ଚାଷୀ ମାନଙ୍କ ପାଖକୁ ଯାଆନ୍ତି ନାହିଁ। କେବଳ ଯଦି କୌଣସି ମନ୍ତ୍ରୀ , ବା ବରିଷ୍ଠ ଅଧିକାରୀ ମାନେ କୌଣସି ଗାଁ କୁ ଯାଆନ୍ତି ତେବେ କୃଷି ଅଧିକାରୀମାନେ ଉପସ୍ଥିତ ରହନ୍ତି । ଜିଲ୍ଲାପାଳମାନେ ମଧ କୌଣସି ଗାଁକୁ ଯାଆନ୍ତି ନାହିଁ। ଆମ ରାଜ୍ୟର ସରକାର ତଥା କେନ୍ଦ୍ର ସରକାର କେବଳ ବିଭିନ୍ନ ସଭା ସମିତିରେ ଚାଷୀମାନଙ୍କ ପାଇଁ ଲୁହ ଗଡ଼ାଇ ଅନେକ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି କିନ୍ତୁ ଅସଲରେ ଏହା କେବଳ ଏକ ବିରାଟ ପ୍ରତାରଣା ଛଡା ଆଉ କିଛି ନୁହେଁ। ଆମ ରାଜ୍ୟର ମୃତ୍ତିକା ଅନେକ ଉର୍ବର , ଚାଷୀ ମାନେ ମଧ ଗରିବ ହେଲେ ବି କର୍ମଠ , କିନ୍ତୁ ସରକାରୀ ସ୍ତରରେ ଆନ୍ତରିକତାର ଅଭାବ ରହିଛି ଯାହା କି ଚାଷୀ ମାନଙ୍କ ପାଇଁ ନିହାତି ଜରୁରୀ ଅଟେ। ଏପରି କି ଅନେକ ବର୍ଷରୁ ଆମ ରାଜ୍ୟ ଆନ୍ଧ୍ର ପ୍ରଦେଶରୁ ଆମ ଚାହିଦା ପୂରଣ ପାଇଁ ଅଣ୍ଡା ଓ ମାଛ ମଧ ଆମଦାନି କରିବାକୁ ହୋଇଥାଏ । ଆମ ରାଜ୍ୟ ମଧ କେବଳ କଥା ନୁହେଁ ପ୍ରକୃତରେ ମଧ ସ୍ୱୟଂ ସହାୟକ ହୋଇ ପାରିବ ରାଜ୍ୟରେ ପନିପରିବା ଚାଷ ହୋଇ ବଳକା ପନିପରିବା ମଧ ଅନ୍ୟ ରାଜ୍ୟକୁ ପଠାଇ ପାରିବା। ରାଜ୍ୟର କେନାଲରେ ଜଳ ଯୋଗାଣର ନିହାତି ଅବ୍ୟବସ୍ଥା ,ଶୀତଳ ଭଣ୍ଡାରର ଅଭାବ ଦ୍ୱାରା ବଳକା ପନିପରିବାର ରକ୍ଷଣ ବେକ୍ଷଣ ଅଭାବରୁ ମଧ ଚାଷୀ ମାନେ ଯଦି ବି ସେମାନଙ୍କ ଉତ୍ପାଦ ବଳି ଯାଏ ତେବେ ଆମ ରାଜ୍ୟର ପାଶ୍ୱବର୍ତୀ ପଡ଼ୋଶୀ ରାଜ୍ୟର ବେପାରୀମାନେ ଅତି ନିମ୍ନମାନ ମୂଲ୍ୟରେ ସେଗୁଡ଼ିକ କିଣି ନେଉଛନ୍ତି ଯାହା ଉପରେ ସରକାରୀ ସ୍ତରରେ କୌଣସି ପ୍ରକାର ଅଙ୍କୁଶ ନାହିଁ ।

ପ୍ରତିବର୍ଷ ଆମ ରାଜ୍ୟ ଆଳୁ ଓ ପିଆଜ , ରସୁଣ, ଅଦା ଇତ୍ୟାଦି ପାଇଁ ଅନ୍ୟ ରାଜ୍ୟ ପାଖରେ ହାତ ପତାଉଛନ୍ତି। କିନ୍ତୁ ଏହା ମଧ ଆମ ରାଜ୍ୟରେ ଚେଷ୍ଟା କଲେ ଏତେ ପରିମାଣରେ ଉତ୍ପାଦନ ହୋଇ ପାରିବ ଯାହା ଫଳରେ ଆମ ରାଜ୍ୟର ଚାହିଦା ପୂରଣ କରି ଅନ୍ୟ ରାଜ୍ୟକୁ ମଧ ପଠାଇ ପାରନ୍ତେ । କିନ୍ତୁ ଏସବୁ ପାଇଁ ସରକାରୀସ୍ତରରେ ଯୋଜନା ପ୍ରସ୍ତୁତ କରି, କୃଷି ବିଜ୍ଞାନୀମାନଙ୍କ ସହାୟତା ନେଇ , ଚାଷୀମାନଙ୍କ ସହିତ ବରାବର ଆଲେଚନା କରି ଅଧିକ ରୁ ଅଧିକ ପ୍ରଚେଷ୍ଟା କରାଗଲେ ଆମ ରାଜ୍ୟର ଖାଉଟି ମାନେ ଯଥେଷ୍ଟ ଉପକୃତ ହେବା ସହିତ ଆମ ଚାଷୀ ମାନେ ମଧ ଲାଭାନ୍ୱିତ ହୋଇପାରିବେ। ଅନେକ ଦିନ ଆଗରୁ ଆମ ରାଜ୍ୟର ଚାଷୀ ମାନେ ନଦୀ ପଠାରେ ବାଲିରେ ଆଳୁ ଚାଷ କରି ଅନେକ ଲାଭବାନ୍ ହୋଇ ପାରିଥିଲେ ଓ ବଳକା ଆଳୁକୁ ଅନ୍ୟ ରାଜ୍ୟକୁ ରପ୍ତାନି କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ପ୍ରୋତ୍ସାହନ ଅଭାବରୁ ଏହି ଚାଷ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ ହୋଇଗଲା । ତେବେ ଏଠାରେ ଗୋଟିଏ କଥା ସ୍ପଷ୍ଟ ଭାବରେ ଚିନ୍ତା କରିବା ଉଚିତ ଯେ କୃଷି ବିଭାଗର ମନ୍ତ୍ରୀ ଠାରୁ ଆରମ୍ଭ କରି ତଳସ୍ତରର ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଆନ୍ତରିକ ମନୋଭାବ ରହିଲେ ଯାଇ ରାଜ୍ୟର ଉନ୍ନତି ତଥା ଦେଶର ଉନ୍ନତି ହୋଇ ପାରିବ ଓ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଚାଷୀମାନଙ୍କୁ ଅନ୍ନଦାତା ବୋଲି ସମ୍ବୋଧନ କରି ସେମାନଙ୍କୁ ଅନେକ ଉଚ୍ଚ ସ୍ଥାନ ଦେଉଛନ୍ତି ତାହା ବିଫଳ ହୋଇଯିବ । ଆଜି ଯେଉଁ ପନିପରିବା ଦର ଆକାଶ ଛୁଆଁ ହୋଇଛି ତାହା କମି ଯିବା ପାଇଁ ସରକାରୀ ସ୍ତରରେ ଅନେକ ପ୍ରଚେଷ୍ଟା କରିବା ଦରକାର ଯେମିତି କି ଚାଷୀ ମାନଙ୍କ ଠାରୁ ସରକାର ବିଭିନ୍ନ ସ୍ଥାନରେ ସବଜି ମଣ୍ଡି ବ୍ୟବସ୍ଥା କରି ତାହା ଉପରେ ନଜର ରଖିବା ଉଚିତ୍ କାରଣ ଏହା ନ ହେଲେ ମଧ୍ୟସ୍ଥିମାନେ ଚାଷୀମାନଙ୍କୁ ପ୍ରଲୋଭିତ କରି ତାଙ୍କ ଠାରୁ ଅଳ୍ପ ମୂଲ୍ୟରେ କିଣି ନେଇ ଯିବେ ଓ ଚାଷୀମାନେ ତାଙ୍କର କଷ୍ଟ ଉପାର୍ଜିତ ଉତ୍ପାଦ ରୁ କିଛି ଲାଭ ପାଇବେ ନାହିଁ। ଆମ ରାଜ୍ୟରେ ସବୁ ପନିପରିବା ବର୍ଷର ସବୁ ଋତୁରେ ହୋଇ ପାରିବ କିନ୍ତୁ ଏହା ପାଇଁ ପ୍ରଚେଷ୍ଟା ନିହାତି ଜରୁରୀ।

ଭୁବନେଶ୍ୱର , ମୋ- ୯୪୩୭୧୮୫୬୦୭.


# ଚାରିଫାଳ ହୋଇପାରେ ପାକିସ୍ତାନ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

**"ବର୍ତ୍ତମାନର ପାକିସ୍ତାନ ମୁଖ୍ୟତଃ ଚାରି ପ୍ରମୁଖ ପ୍ରାନ୍ତ - ପଞ୍ଜାବ, ସିନ୍ଧ, ଖୈବର ପଖତୁନଖ୍ୱା ଓ ବେଲୁଚିସ୍ତାନକୁ ନେଇ ଗଠିତ। ଏହା ବ୍ୟତୀତ ଦୁଇ ସ୍ୱାୟତ୍ତ ପ୍ରଶାସନିକ କ୍ଷେତ୍ର - ପାକ୍ ଅଧିକୃତ କାଶ୍ମୀର ଓ ଗିଲଗିଟ - ବାଲ୍ଟିସ୍ତାନ ମଧ ପାକିସ୍ତାନର ଅଂଶ ବିଶେଷ ହୋଇ ରହିଛି। ପଞ୍ଜାବ ଅତିରିକ୍ତ ଅବଶିଷ୍ଟ ତିନି ପ୍ରାନ୍ତ ତାଙ୍କ ପ୍ରତି ପାକିସ୍ତାନର ବର୍ବରତା ଏବଂ ବୈମାତୃକ ମନୋଭାବ ପାଇଁ ଅତିଷ୍ଠ। ମୁଜାଫରାବାଦ ରାଜିନାମାର ଖୋଲା ଉଲ୍ଲଂଘନ ସକାଶେ ପିଓଜେକେ ପାକିସ୍ତାନ ଉପରେ କ୍ଷୁବ୍ଧ। ଶସ୍ତା ଦରରେ ବିଜୁଳି ପ୍ରଦାନ, ଖାଦ୍ୟଶସ୍ୟରେ ସବସିଡ଼ି, ଗମନାଗମନ ପାଇଁ ଉତ୍ତମ ସଡ଼କ, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ଏମାନଙ୍କ ମୌଳିକ ଦାବି।**

୨୦୧୬ ମସିହା ମାର୍ଚ୍ଚ ୪ ତାରିଖରେ ଆମେରିକାର ଗ୍ଲୋବାଲ ଥିଙ୍କ ଟ୍ୟାଙ୍କ କାର୍ନେଗୀ ଏନଡାଓମେଣ୍ଟ ଫର ଇଣ୍ଟରନେସନାଲ ପିସ୍ ଦ୍ୱାରା ଆୟୋଜିତ 'ପାକିସ୍ତାନ ବିଭାଜିତ ହେବ କି?' ଆଲୋଚନାଚକ୍ରରେ ଦକ୍ଷିଣ ଏସିଆର ବିଶେଷଜ୍ଞ ସେଲିଗ ଏସ ହେରିସନ ଜାତୀୟ ବିବାଦ ଓ ଦୁର୍ବଳ କେନ୍ଦ୍ରୀୟ ପରିଚାଳନା କାରଣରୁ ପାକିସ୍ତାନ ବିଭାଜିତ ହୋଇପାରେ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ବିଶେଷ ଭାବରେ ବେଲୁଚିସ୍ତାନ ପାକିସ୍ତାନ ଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମନ୍ୟତା ଦାବି କରିପାରେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ।

୧୯୪୭ ମସିହାରେ ସ୍ୱାଧୀନ ଭାରତର ବିଭାଜନରୁ ପାକିସ୍ତାନ ଜନ୍ମ ନେଇଥିଲା। ଆଠ ଦଶକ ଅତିକ୍ରାନ୍ତ ପରେ ଆଜି ପାକିସ୍ତାନରେ ବିଭାଜନର ଦାବି ଉଠୁଛି। ଏହି ଦାବି ଅଳ୍ପସଂଖ୍ୟକ ହିନ୍ଦୁ ନୁହେଁ, ବହୁସଂଖ୍ୟକ ମୁସଲମାନ କରୁଛନ୍ତି। କିଛି ବର୍ଷ ପୂର୍ବରୁ ଏସ ହେରିସନ କରିଥିବା ଭବିଷ୍ୟବାଣୀ ବୋଧହୁଏ ସତ୍ୟ ହେବାକୁ ଯାଉଛି। ବର୍ତ୍ତମାନର ପାକିସ୍ତାନ ମୁଖ୍ୟତଃ ଚାରି ପ୍ରମୁଖ ପ୍ରାନ୍ତ – ପଞ୍ଜାବ, ସିନ୍ଧ, ଖୈବର ପଖତୁନଖ୍ୱା ଓ ବେଲୁଚିସ୍ତାନକୁ ନେଇ ଗଠିତ। ଏହା ବ୍ୟତୀତ ଦୁଇ ସ୍ୱାୟତ୍ତ ପ୍ରଶାସନିକ କ୍ଷେତ୍ର – ପାକ୍ ଅଧିକୃତ କାଶ୍ମୀର ଓ ଗିଲଗିଟ – ବାଲ୍ଟିସ୍ତାନ ମଧ ପାକିସ୍ତାନର ଅଂଶ ବିଶେଷ ହୋଇ ରହିଛି। ପଞ୍ଜାବ ଅତିରିକ୍ତ ଅବଶିଷ୍ଟ ତିନି ପ୍ରାନ୍ତ ତାଙ୍କ ପ୍ରତି ପାକିସ୍ତାନର ବର୍ବରତା ଏବଂ ବୈମାତୃକ ମନୋଭାବ ପାଇଁ ଅତିଷ୍ଠ। ମୁଜାଫରାବାଦ ରାଜିନାମାର ଖୋଲା ଉଲଂଘନ ସକାଶେ ପିଓଜେକେ ପାକିସ୍ତାନ ଉପରେ କ୍ଷୁବ୍ଧ। ଶସ୍ତା ଦରରେ ବିଜୁଳି ପ୍ରଦାନ, ଖାଦ୍ୟଶସ୍ୟରେ ସବସିଡ଼ି, ଗମନାଗମନ ପାଇଁ ଉତ୍ତମ ସଡ଼କ, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ଏମାନଙ୍କ ମୌଳିକ ଦାବି। କିନ୍ତୁ ପାକିସ୍ତାନ ସରକାର ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କରିନାହିଁ। ବରଂ ଫିଲ୍ଡ ମାର୍ଶଲ ଅସୀମ ମୁନିର ପିଓଜେକେର ବିଦ୍ରୋହ ଦମନ ପାଇଁ ସେହି ଅଞ୍ଚଳରେ ଅତିରିକ୍ତ ଆଠ ହଜାର ପାକିସ୍ତାନୀ ରେଞ୍ଜର ମୁତୟନ କରିଛି। ବିଦ୍ରୋହୀଙ୍କ ସ୍ୱର ରୁଦ୍ଧ ଓ ରାୱଲକୋଟ-ମୁଜାଫରାବାଦ ରେଲି ରୋକିବା ପାଇଁ ପାକ୍ ସେନା ନିରୀହ ଜନତାଙ୍କ ଉପରେ କ୍ରୂର ବର୍ବର ଅତ୍ୟାଚାର ଜାରି ରଖିଛି। ପାକିସ୍ତାନରୁ ମୁକ୍ତି ପିଓଜେକେ ଲୋକଙ୍କ ଏକମାତ୍ର ଦାବି। ସେହିପରି ଖୈବର ପଖତୁନଖ୍ୱା, ବେଲୁଚିସ୍ତାନ ଓ ସିନ୍ଧ ପ୍ରାନ୍ତ ମଧ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ରର ମନ୍ୟତା ଦାବି କରିଆସୁଛନ୍ତି। ଖୈବର – ପଖତୁନଖ୍ୱା ଆଫଗାନିସ୍ତାନ ସୀମାକୁ ଲାଗିଛି। ସେଠାକାର ଅଧିକାଂଶ ଲୋକ ପସ୍ତୁନ ସମ୍ପ୍ରଦାୟର। ସେମାନେ ନିଜକୁ ଆଫଗାନିସ୍ତାନର ଅଂଶ ମନେକରନ୍ତି। ଚଳିତ ବର୍ଷରୁ ଖୈବର – ପଖତୁନଖ୍ୱାର ତହରିକେ ତାଲେବାନ ଓ ପାକିସ୍ତାନ ମଧ୍ୟରେ ଗୃହଯୁଦ୍ଧ ଲାଗିରହିଛି। ହମଲା ହଉଛି। ଲୋକ ମରୁଛନ୍ତି। ଖୈବର ପଖଟୁଖ୍ୱା ପାକିସ୍ତାନରୁ ଅଲଗା ହେଲେ ପସ୍ତୁନିସ୍ତାନ ନାମକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବାର କିମ୍ବା ସୀମାବର୍ତ୍ତୀ ଆଫଗାନିସ୍ତାନରେ ବିଲୟ ହେବାର ସମ୍ଭାବନା ରହିଛି। ଅନେକ ଦଶକ ହେବ ବେଲୁଚିସ୍ତାନ ପାକିସ୍ତାନରୁ ଅଲଗା ହେବା ପାଇଁ ତାର ସଂଘର୍ଷ ଜାରି ରଖିଛି। ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ହେଲେ ଗ୍ୱାଦର କିମ୍ବା କ୍ୱାଟା ଏହାର ରାଜଧାନୀ ହୋଇପାରେ।




ଅସମର୍ଥିତ ସୂତ୍ରରୁ ଯାହା ଖବର ଆସୁଛି, ବେଲୁଚିସ୍ତାନର ୮୫% ଇଲାକା ବର୍ତ୍ତମାନ ବିଏଲଏ କବ୍ଜାରେ। ବିଦ୍ରୋହୀ ବିଏଲଏ ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ଘୋଷଣା କରିସାରିଛି। ୧୯୬୦, ୭୦ ଦଶକରୁ ସିନ୍ଧ ପ୍ରାନ୍ତକୁ ସିନ୍ଧୁଦେଶ ନାମକ ଏକ ସଂପ୍ରଭୁ ରାଷ୍ଟ୍ର କରିବା ପାଇଁ ସିନ୍ଧି ରାଷ୍ଟ୍ରବାଦୀ ଦଳ ଓ ନେତା ଦାବି କରିଆସୁଛନ୍ତି। ଜିଏମ ସୟଦ ଦ୍ୱାରା ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ନେତୃତ୍ୱ ଜିଏସଏମଏମ ଏବଂ ଏମକ୍ୟୁଏମ ସଂଗଠନ ନେଉଛନ୍ତି।

ବେଲୁଚିସ୍ତାନ, ଖୈବର – ପଖତୁନଖ୍ୱା ଓ ସିନ୍ଧ ପ୍ରାନ୍ତ ଅଲଗା ହେଲେ ପାକିସ୍ତାନ ପଞ୍ଜାବ ପର୍ଯ୍ୟନ୍ତ ସୀମିତ ରହିଯାଇପାରେ। ପାକିସ୍ତାନର ସମୁଦାୟ ଜନସଂଖ୍ୟାର ୫୩% ପଞ୍ଜାବରେ, ୨୩% ସିନ୍ଧରେ ୧୭% ଖୈବର ପଖତୁନଖ୍ୱାରେ ଏବଂ ୬% ବେଲୁଚିସ୍ତାନରେ ରୁହନ୍ତି। ଅର୍ଥାତ୍ ପାକିସ୍ତାନର ଅଧାରୁ ଅଧିକ ଲୋକ ପଞ୍ଜାବରେ ବାସ କରନ୍ତି। ପାକିସ୍ତାନ ସରକାର ପଞ୍ଜାବ ପ୍ରାନ୍ତ ଉପରେ ସର୍ବଦା ଅଧିକ ଗୁରୁତ୍ୱାରୋପ କରେ, ଯତ୍ନ ନିଏ। ବାକି ତିନିଗୋଟି ପ୍ରାନ୍ତକୁ ଅଣଦେଖା କରିଥାଏ। ବେଲୁଚିସ୍ତାନ ଯେଉଁଠି ସର୍ବାଧିକ ବିଦ୍ରୋହ ଚାଲିଛି, ତାର କ୍ଷେତ୍ରଫଳ ପାକିସ୍ତାନର ସମୁଦାୟ କ୍ଷେତ୍ରଫଳର ୪୪ ପ୍ରତିଶତ। ଜର୍ମାନୀର କ୍ଷେତ୍ରଫଳରୁ ଅଧିକ। ଏହି କ୍ଷେତ୍ର ପାକିସ୍ତାନ ହାତରୁ ଖସିଲେ ପାକିସ୍ତାନର କ୍ଷେତ୍ରଫଳ ଅଧା ରହିଯିବ। ଶକ୍ତି ସଙ୍କଟ ଦେଖାଦେବ। ପାକିସ୍ତାନର ୪୦% ଗ୍ୟାସ, କୋଇଲା, ବିଜୁଳି ଏହି ପ୍ରାନ୍ତରୁ ଉତ୍ପାଦନ ହୋଇଥାଏ। ଏଠାରେ ଚୀନ ମଧ ଅନେକ ନିବେଶ କରିଛି। ସିପିଇସି, ଚୀନ -ପାକିସ୍ତାନ ଅର୍ଥନୈତିକ କରିଡର ବେଲୁଚିସ୍ତାନରେ ତିଆରି ହେଉଛି। ଗ୍ୱାଦର ପୋର୍ଟ ମଧ ବେଲୁଚିସ୍ତାନରେ ରହିଛି ଯାହାକୁ ପାକିସ୍ତାନ ୪୦ ବର୍ଷ ପାଇଁ ଚୀନକୁ ଲିଜ୍‌ରେ ଦେଇଛି। ବେଲୁଚିସ୍ତାନର ୯୦୯ କିମି ସୀମା ଇରାନରେ ଲାଗେ। ଦୁର୍ଲଭ ଖଣିଜ ଓ ତୈଳଖନନ ପାଇଁ ଆମେରିକା ପାକିସ୍ତାନ ସହ ଚୁକ୍ତି କରିଛି। ବେଲୁଚିସ୍ତାନ ପାକିସ୍ତାନରୁ ଅଲଗା ହେଲେ ଆମେରିକା – ପାକିସ୍ତାନ ଚୁକ୍ତିରେ ଗଭୀର ସମସ୍ୟା ଉପୁଜିବ। କାରଣ ବେଲୁଚିସ୍ତାନ ଦୁର୍ଲଭ ଖଣିଜ ଓ ତୈଳ ଭଣ୍ଡାରର ଗନ୍ତାଘର। ୧୯୪୭ ରେ ଜମ୍ମୁ ଓ କାଶ୍ମୀରରୁ ମୁକ୍ତ ହେବା ପରେ ଗିଲଗିତ-ବାଲ୍ଟିସ୍ତାନ ପାକିସ୍ତାନରେ ବିଲୟ ହୋଇଥିଲା। ସମ୍ବିଧାନ ଓ ଜରୁରି ସଂଶୋଧନ ମାଧ୍ୟମଇ ଗିଲଗିଟ – ବାଲ୍ଟିସ୍ତାନ ସ୍ୱତନ୍ତ୍ର ପ୍ରାନ୍ତର ମନ୍ୟତା ପାଇଁ ତାଙ୍କ ସଂସଦରେ ସଂଯୁକ୍ତ ପ୍ରସ୍ତାବ ପାରିତ କରିଛି।

ମାର୍ଚ୍ଚ ମାସ ତେଇଶ ତାରିଖ, ୧୯୪୦ ମସିହା। ମହମ୍ମଦ ଅଲି ଜିହ୍ନାଙ୍କ ନେତୃତ୍ୱରେ ଲାହୋରରରେ ଅଲ ଇଣ୍ଡିଆ ମୁସଲିମ ଲିଗର ସବୁଠୁ ବଡ଼ ଅଧିବେଶନ ଆୟୋଜିତ ହୋଇଥିଲା। ସେଠାରେ ଲାହୋର ପ୍ରସ୍ତାବ ଯାହା ପାକିସ୍ତାନ ରିଜୋଲ୍ୟୁସନ ଭାବେ ଜଣାଶୁଣା ପାରିତ ହେଲା। ଭାରତର ଭୂମିକୁ ହିନ୍ଦୁ ଓ ମୁସଲିମ ଆଧାରରେ ବିଭାଜନ କରିବା ଏହି ଅଧିବେଶନ ଓ ପ୍ରସ୍ତାବର ଏକମାତ୍ର ଉଦ୍ଦେଶ୍ୟ ଥିଲା। ୧୯୪୭ ମସିହାରେ ସେପରି ହେଲା ମଧ। ଯେଉଁ ଧର୍ମ ଆଧାରରେ ପାକିସ୍ତାନ ଜନ୍ମ ନେଲା ଓ ମୁସଲମାନଙ୍କ ପାଇଁ ଅଲଗା ଦେଶ ହିଁ ତାଙ୍କ ସମସ୍ୟାର ସ୍ଥାୟୀ ସମାଧାନ ବୋଲି କୁହାଯାଉଥିଲା ଆଜି ସେହି ଦେଶରେ ମୁସଲମାନମାନଙ୍କ ଦ୍ୱାରା ବିଭାଜନର ଦାବି ଉଠୁଛି। ମୁସଲମାନମାନେ ମୁସଲିମ ଦେଶରୁ ମୁକ୍ତି ଚାହୁଁଛନ୍ତି। ଇସଲାମିକ ଗଣତନ୍ତ୍ର ପାକିସ୍ତାନ ଚାରିଫାଳ ହେବାକୁ ଯାଉଛି। ଏହା ୨୩.୩.୧୯୪୦ ମସିହାର ଲାହୋର ପ୍ରସ୍ତାବ ନିର୍ଭୁଲ ନଥିଲା ବୋଲି ପ୍ରମାଣିତ କରୁଛି। ପାକିସ୍ତାନର ସମ୍ଭାବ୍ୟ ବିଭାଜନର ଶ୍ରେୟ ମଧ ଜିହ୍ନା ବ୍ୟତିରେକ ଅନ୍ୟ କାହାକୁ ଦେଲେ ତାହା ତାଙ୍କ ପ୍ରତି ଘୋର ଅନ୍ୟାୟ ହେବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
୭୯୭୮୨୮୩୧୯୦

# ରାମ ମନ୍ଦିର ଚାନ୍ଦା ଆଦାୟରେ ବ୍ୟାପକ ଦୁର୍ନୀତି !
# କଠୋର ଦଣ୍ଡ ଦାବି କଲେ ରାୟଗଡ଼ା ବିଧାୟକ

ରାୟଗଡ଼ା, ୨୨ ।୭ (ନିପ୍ର); ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନାମରେ ଦେଶବ୍ୟାପୀ ସଂଗୃହୀତ ଚାନ୍ଦାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛି ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି । ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କେନ୍ଦ୍ର ସରକାର ଏବଂ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଉପରେ କଡ଼ା ସମାଲୋଚନା କରିଛନ୍ତି । କଂଗ୍ରେସ ପକ୍ଷରୁ 'ଆସ୍ଥା ନାମରେ ରାଜନୀତି, ଭୋଟ ନାମରେ ଲୁଟ୍' ଶୀର୍ଷକ ଏକ ପ୍ରେସ୍ ବାର୍ତ୍ତା ଜାରି କରାଯିବା ସହ ଶାସକ ଦଳର ଉଦ୍ଦେଶ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି । ସାମ୍ବାଦିକମାନଙ୍କୁ ସୂଚନା ଦେଇ ବିଧାୟକ ଶ୍ରୀ କାଡ୍ରାକା ଅଭିଯୋଗ କରିଛନ୍ତି ଯେ, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରାୟ ୧୪୦୦ କୋଟି ଟଙ୍କାର ଅର୍ଥ ଆତ୍ମସାତ୍ କରାଯାଇଛି । ଏହି ବିପୁଳ ଅର୍ଥ ଲୁଟ୍ ପଛରେ ଟ୍ରଷ୍ଟର କିଛି ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି । ସେ କହିଛନ୍ତି ଯେ, ବର୍ତ୍ତମାନର ଶାସକ ଦଳ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ନାମ ଧରି ଓ ଲୋକଙ୍କ ଧାର୍ମିକ ଭାବନାକୁ ପୁଞ୍ଜି କରି କ୍ଷମତାକୁ ଆସିଛନ୍ତି । ମାତ୍ର ପ୍ରଭୁଙ୍କ ପବିତ୍ର ମନ୍ଦିର ପାଣ୍ଠିରୁ ହିଁ ଏତେ ବଡ଼ ଧରଣର ଲୁଟ୍ ହେବା ଅତ୍ୟନ୍ତ ନିନ୍ଦନୀୟ ବିଷୟ ଅଟେ ।

ଏହା ପଛରେ ସରକାରୀସ୍ତରରେ ଥିବା କିଛି ବଡ଼ବଡ଼ିଆ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ଥିବାରୁ ଏହି ଘଟଣାକୁ ଲୁଚାଇଦେବାକୁ ବା ଚାପିଦେବାକୁ ପ୍ରୟାସ କରାଯାଉଛି ବୋଲି ସେ ମତ ରଖିଛନ୍ତି । ଏହା ସହିତ ଦେଶର ସୁରକ୍ଷା ଓ ଭବିଷ୍ୟତ ନେଇ ବିଧାୟକ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଘଟଣାର ସତ୍ୟତା ସାଧାରଣ ଜନତା ଏବଂ ଗଣମାଧ୍ୟମ ସାମ୍ନାକୁ ଆସିବା ନିହାତି ଜରୁରୀ । ତେଣୁ ଯେଉଁମାନେ ଏହି ମନ୍ଦିର ଚାନ୍ଦା ଲୁଟିଛନ୍ତି ସେମାନଙ୍କର ମୁଖା ଖୋଲିବା ସହ ତୁରନ୍ତ ସେମାନଙ୍କୁ ଲୋକଲୋଚନକୁ ଆଣି ଆଇନ ଅନୁସାରେ କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବାକୁ ବିଧାୟକ ଶ୍ରୀ କାଡ୍ରାକା ଦୃଢ଼ ଦାବି କରିଛନ୍ତି ।

## ସାର ଅଭାବରେ ହନ୍ତସନ୍ତ ଚାଷୀ, ଚମ୍ପୁଆ ଲ୍ୟାମ୍ପସ୍‌ରେ ବଢ଼ିଲା ଅସନ୍ତୋଷ

ଚମ୍ପୁଆ, ୨୨ ।୭ (ନିପ୍ର): ଖରିଫ ଚାଷ ଋତୁ ଚାଲିଥିବା ବେଳେ ଚମ୍ପୁଆ ଲ୍ୟାମ୍ପସ୍‌ରେ ସାର ଅଭାବ ଚାଷୀଙ୍କ ପାଇଁ ବଡ ସମସ୍ୟା ପାଲଟିଛି । ଲ୍ୟାମ୍ପସ୍ ଅଧିନରେ ପ୍ରାୟ ୧୮ ହଜାର ଚାଷୀ ଥିବା ମାତ୍ର ୯୦୦ କୁଇଣ୍ଟାଲ ସାର ଆସିଥିବାରୁ ଚାହିଦା ତୁଳନାରେ ଯୋଗାଣ ଅତ୍ୟନ୍ତ କମ ରହିଛି । ସକାଳୁ ସକାଳୁ ଶତାଧିକ ଚାଷୀ ଲ୍ୟାମ୍ପସ୍ ପରିସରରେ ପହଞ୍ଚି ଦୀର୍ଘ



ସମୟ ଧାଡିରେ ଛିଡ଼ା ହୋଇ ରହିଥିଲେ ମଧ୍ୟ ସାର ନ ମିଳିବାରୁ ନିରାଶ ହୋଇ ଫେରିବାକୁ ପଡିଥିଲା । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ ଲ୍ୟାମ୍ପସ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କ୍ଷୋଭ ପ୍ରକାଶ ପାଇଛି । ଚାଷୀମାନଙ୍କ କହିବା ଅନୁସାରେ ଧାନ ଚାଷର ଗୁରୁତ୍ୱପୂର୍ଣ୍ଣ ସମୟରେ ସାର ନ ମିଳିଲେ ଫସଲ ଉତ୍ପାଦନ ପ୍ରଭାବିତ ହେବ । ତେଣୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇଦେବାକୁ ଦାବି କରିଛନ୍ତି । ଅନ୍ୟପଟେ ଚାହିଦା ଅନୁଯାୟୀ ସାର ଆସିଲେ ସମସ୍ତ ଚାଷୀଙ୍କୁ ପର୍ଯ୍ୟାୟ କ୍ରମେ ବଣ୍ଟନ କରାଯିବ ବୋଲି ଲ୍ୟାମ୍ପସ୍ ପକ୍ଷରୁ ସୂଚନା ମିଳିଛି ।

## ଜଟଣୀ ସାମ୍ବାଦିକ ସଙ୍ଘ ପକ୍ଷରୁ 'ପରିବେଶ ସୁରକ୍ଷା' ସଚେତନତା

ଜଟଣୀ, ୨୨ ।୭ (ନିପ୍ର): ସ୍ଥାନୀୟ ବରପଦା ଗ୍ରାମରେ ଅବସ୍ଥିତ 'ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର 'ଠାରେ ଜଟଣୀ ସାମ୍ବାଦିକ ସଙ୍ଘ ତରଫରୁ ବିଦ୍ୟାଳୟର ଛୋଟ ଛୋଟ ଶିଶୁ ମାନଙ୍କୁ ନେଇ ଆଜିର ପ୍ରଦୂଷିତ ପରିବେଶର ସୁରକ୍ଷା ନିମନ୍ତେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ପରିବେଶ ସନ୍ତୁଳନ ବିଷୟରେ ସାମ୍ବାଦିକ ସଂଘର ସମ୍ପାଦକ ଦେବ ପ୍ରସାଦ ଦାସ ଶିଶୁ ମାନଙ୍କୁ ନିଜର ବାର୍ତ୍ତା ମାଧ୍ୟମରେ ସମ୍ୟକ ଧାରଣା ଦେଇଥିଲେ । ଶିଶୁ ମାନଙ୍କ ମଧ୍ୟରେ 'ପ୍ରକୃତିକ ପରିବେଶ 'ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ସାମ୍ବାଦିକ ସଂଘର ସଭାପତି ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ସମସ୍ତ ଶିଶୁ ମାନଙ୍କୁ ସଂଘ ତରଫରୁ ବିସ୍କୁଟ ଓ ଚକଲେଟ ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମ୍ପନ୍ନ କରାଯାଇଥିଲା ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଳମ୍ବିତ ଉପସ୍ଥିତି ନେଇ ଗ୍ରାମବାସୀଙ୍କ ଅଭିଯୋଗ

କେନ୍ଦ୍ରାପଡ଼ା, ୨୨ ।୭ (ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଜମଧର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଦିନ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ମଣ୍ଡଳ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ନିକଟରେ ଏକ ଲିଖିତ ଦାବିପତ୍ର ଦାଖଲ କରିଛନ୍ତି । ନରେଶ ଜେନାଙ୍କ ନେତୃତ୍ୱରେ ଜମଧର ଗ୍ରାମ ପଞ୍ଚାୟତର ବହୁ ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ବିଦ୍ୟାଳୟରେ ଚାଲିଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ । ଅଭିଯୋଗ



ଅନୁଯାୟୀ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିୟମିତ ବିଳମ୍ବିତ ଉପସ୍ଥିତି ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟାହତ ହେଉଥିବା ବେଳେ କୁନି କୁନି ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ତତ୍ତ୍ୱାବଧାନ ବିନା କିଛି ସମୟ ରହୁଛନ୍ତି । ବିଦ୍ୟାଳୟ ନିକଟରେ ଏକ ପୁଷ୍କରିଣୀ ଥିବାରୁ ପିଲାମାନଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । କୌଣସି ଅଘଟଣ ଘଟିବା ପୂର୍ବରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ସେମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କୁ ମଧ୍ୟ ଅବଗତ କରାଯାଇଥିବା ବେଳେ ଅଭିଯୋଗର ନିରପେକ୍ଷ ତଦନ୍ତ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ ପରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## କେନ୍ଦୁଝର ରଥଯାତ୍ରା ଶ୍ରୀଗୁଣ୍ଡିଚା ଭଜନ ସମାରୋହ

କେନ୍ଦୁଝର, ୨୨ ।୭ (ନିପ୍ର); କେନ୍ଦୁଝରର ପ୍ରସିଦ୍ଧ ରଥଯାତ୍ରା ଅବସରରେ ବଡଦାଣ୍ଡରେ ହୋଇଥିବା ଚାରିଗୋଟି ମଞ୍ଚରେ ଆଧାତ୍ମବାଦୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ରବିବାର ଦିନ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କାର୍ଯ୍ୟକ୍ରମ ଅବସରରେ ଭଜନ ମଣ୍ଡପରେ କେନ୍ଦୁଝରର ପ୍ରସିଦ୍ଧ ସଙ୍ଗୀତ ଶିକ୍ଷାନୁଷ୍ଠାନ ସୁରନିକେତନ ପକ୍ଷରୁ ଅନୁଷ୍ଠାନର କଣ୍ଠଶିଳ୍ପୀ ଓ ଛାତ୍ରଛାତୀମାନଙ୍କୁ ନେଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁରନିକେତନର ମୁଖ୍ୟ ତଥା ସଙ୍ଗୀତ ଶିକ୍ଷୟିତ୍ରୀ ସୁନିତା ପଟ୍ଟନାୟକ ଓ ବାଦ୍ୟଯନ୍ତ୍ର ଗୁରୁ ରାଜେନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା ।

ବରିଷ୍ଠ ସଙ୍ଗୀତଜ୍ଞ ମନୋଜ ମିଶ୍ର, ସାମ୍ବାଦିକ ଦେବାଶିଷ ମିଶ୍ର,ଜିତେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଭଜନ ସମାରୋହ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବାବେଳେ ମାନପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସାମ୍ବାଦିକ ବ୍ରଜକିଶୋର ରାୟ, ସାଂସ୍କୃତିକ କମିଟି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆକାଶବାଣୀ କେନ୍ଦୁଝରର ଭାସ୍କର ମିଶ୍ର ଓ ବିଜ୍ଞାନଦର୍ଶିନୀ ନନ୍ଦ ଭଜନ ସମାରୋହକୁ ଉପସ୍ଥାପନ କରିଥିଲେ ।

# ମା' ଭୁଲିଗଲା ମମତାର ଡୋରି
# ନିଜ ଜନ୍ମିତ କନ୍ୟାକୁ ପୋଲ ଉପରୁ ଫିଙ୍ଗିବାକୁ ଚେଷ୍ଟା

ରେଢ଼ାଖୋଲ, ୨୨ ।୭ (ନିପ୍ର): କୁହାଯାଏ ମା' ପଣତକାନି ମମତାର ଡୋରି ବୋଲି ଆଉ ମା'ର ସ୍ନେହ ସରଗଠୁ ବି ଗରୀୟସୀ ବୋଲି ହେଲେ ଏଠି ଟିକେ ଅଲଗା । ମାଆ ଭୁଲିଗଲା ମମତାର ଡୋରି । ନିଶାସକ୍ତ ଅବସ୍ଥାରେ ନିଜ ଜନ୍ମିତ ଛୋଟ କନ୍ୟାକୁ ମାଡ଼ ମାରିବା ସହ ପୋଲ ଉପରୁ ଫିଙ୍ଗିବାକୁ ଚେଷ୍ଟା କରିଥିଲେ ଏକ ମା । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାପୋଲ ଉପରେ । ସୂଚନା ଯୋଗ୍ୟ ଯେ ନିଶାସକ୍ତ ମହିଳା ଜଣକ କୌଣସି କାରଣରୁ ଘରୁ ବାହାରି ନିଜ ତିନି ଚାରି ବର୍ଷର ଝିଅକୁ ନେଇ ରେଢ଼ାଖୋଲ ସହରକୁ ଆସିଥିଲେ । ମହିଳା ଜଣକ ବେଶ ଭୂଷାରୁ ଭଲ ପରିବାରର ଜଣାପଡୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ନିଜ ଝିଅକୁ ନେଇ ସହରର ଖନ୍ଦାପୋଲ ଉପରେ ଶିଶୁ କନ୍ୟାକୁ ମାଡ଼ ମାରିବା ସହ ପୋଲ ଉପରୁ ଫିଙ୍ଗିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଠିକ୍ ସମୟରେ ସ୍ଥାନୀୟ ଲୋକେ ଯାତାୟାତ ସମୟରେ ମହିଳାର ଉନ୍ମୁକ୍ତ କାଣ୍ଡ ଦେଖି ଅଟକି ମହିଳାକୁ ଧରି ଉକ୍ତ ଶିଶୁ କନ୍ୟାକୁ ଉଦ୍ଧାର କରି ରେଢ଼ାଖୋଲ ପୋଲିସକୁ ଖବର ଦେଇଥିଲେ । ପୋଲିସ ତୁରନ୍ତ ପହଞ୍ଚି ନିଶାସକ୍ତ ମହିଳା ଏବଂ ଶିଶୁ କନ୍ୟାକୁ ସହରର ଫାଣ୍ଡିକୁ ଆଣି ସେଠାରୁ ରେଢ଼ାଖୋଲ ଥାନାରେ ଅଟକ ରଖି ପଚରାଉଚରା କରିଥିଲା ।



ଏଥିରେ ନିଷ୍ଠୁର ମହିଳାର ଉନ୍ମତ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଥିଲେ । ନିଶାଶକ୍ତ ଅବସ୍ଥାରେ ମହିଳା ରହିଥିବାରୁ ପରିଚୟ ଠିକ୍ ଭାବରେ ମିଳି ପାରିନଥିଲା । ସେ କେଉଁଠି କାର କିଏ କିଛି କହୁନଥିବା ବେଳେ ନିଶା ଛାଡ଼ିବା ପରେ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ଘରକୁ ପଠାଇଥିବା ଜଣାପଡିଛି ।

## ଚେକ୍ ବାଉନ୍ସ ମାମଲାରେ ମହିଳା ଗିରଫ

ପାରଳାଖେମୁଣ୍ଡ, ୨୨ ।୭ (ନିପ୍ର); ଟଙ୍କା କାରବାରକୁ କେନ୍ଦ୍ର କରି ଚେକ୍ ବାଉନ୍ସ ଘଟଣାରେ ସେରଙ୍ଗ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ହେଲେ ପାରଳାଖେମୁଣ୍ଡି ଓମ୍ ଶାନ୍ତି କଲୋନୀର ବନିତା ମହାଙ୍କୁଡ । ପୋଲିସ ସୂଚନା ଅନୁଯାୟୀ, ଗତ ଫେବୃଆରୀ ମାସରେ ବନିତା ମହାଙ୍କୁଡ ସାଦନ କାଉଁରୀ ନାମକ ଜଣେ ବ୍ୟକ୍ତିଙ୍କଠାରୁ କୌଣସି ବ୍ୟକ୍ତିଗତ କାରବାର ବାବଦରେ ୨ ଲକ୍ଷ ଟଙ୍କା ଧାର ନେଇଥିଲେ ।

ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଟଙ୍କା ପରିଶୋଧ କରିପାରିନଥିବାରୁ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ ବକେୟା ଅର୍ଥ ପରିଶୋଧ ପାଇଁ ବନିତା ଏକ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ । ମାତ୍ର ସମ୍ପୃକ୍ତ ବ୍ୟାଙ୍କ ଖାତାରେ ପର୍ଯ୍ୟାପ୍ତ ଅର୍ଥ ନଥିବାରୁ ଚେକ୍ ବାଉନ୍ସ ହୋଇଥିଲା ।

## ଆଡ଼ପ ମଣ୍ଡପରେ ପ୍ରଭୁଙ୍କ କୃଷ୍ଣ ଓ ବଳରାମ ଅବତାର ବେଶ

ସୋନପୁର, ୨୨ ।୭(ନିପ୍ର): ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରର ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଘୋଷଯାତ୍ରାର ଚତୁର୍ଦ୍ଧାମୂର୍ତ୍ତି କୃଷ୍ଣ ଓ ବଳରାମ ଅବତାର ବେଶରେ ଭକ୍ତବୃନ୍ଦଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ । ପ୍ରଭୁଙ୍କ ଏହି ମନୋରମ ଓ ଆକର୍ଷଣୀୟ ବେଶ ଦର୍ଶନ ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କର ଅପାର ଭିଡ଼ ଲାଗି ରହିଥିଲା । ଜଗନ୍ନାଥ ସଂସ୍କୃତିରେ କୃଷ୍ଣ ଓ ବଳରାମ ଅବତାର ବେଶର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ପୁରାଣ ଅନୁସାରେ ଶ୍ରୀକୃଷ୍ଣ ଓ ତାଙ୍କ ଅଗ୍ରଜ ବଳରାମ ଧର୍ମ ପ୍ରତିଷ୍ଠା ଏବଂ ଅଧର୍ମର ବିନାଶ ପାଇଁ ଅବତୀର୍ଣ୍ଣ ହୋଇଥିଲେ । ଆଡ଼ପ ମଣ୍ଡପରେ ଏହି ବେଶ ଦର୍ଶନ ଭକ୍ତମାନଙ୍କୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ଲୀଳା ଓ ଧର୍ମରକ୍ଷାର ବାର୍ତ୍ତା ସ୍ମରଣ କରାଇଥାଏ । କେବଳ ଗୁଣ୍ଡିଚା ମନ୍ଦିର ନୁହେଁ, ସହରର ଶ୍ରୀଶ୍ରୀ



ବୃନ୍ଦାବନ ବିହାରୀ ମନ୍ଦିର, ମଝିପଡ଼ାସ୍ଥିତ ରାମଧୁନ ଆଡ଼ପ ମଣ୍ଡପ ଏବଂ ଥନାପତିପଡ଼ା ଆଡ଼ପ ମଣ୍ଡପରେ ମଧ୍ୟ ପ୍ରଭୁଙ୍କ ବିଭିନ୍ନ ଅବତାର ବେଶ ଦର୍ଶନ ପାଇଁ ବ୍ୟାପକ ଜନସମାଗମ ହେଉଛି । ରଥଯାତ୍ରା ଅବସରରେ ସମଗ୍ର ସୁବର୍ଣ୍ଣପୁର ସହର ଭକ୍ତି, ଆଧ୍ୟାତ୍ମିକତା ଓ ଜଗନ୍ନାଥ ସଂସ୍କୃତିର ମହିମାରେ ଉତ୍ସବମୁଖର ହୋଇଉଠିଛି ।

## ପିତୃମାତୃହୀନ ଶିଶୁକୁ ମିଳିଲା ନୂଆ ପରିବାର

ଭଦ୍ରକ, ୨୨ ।୭ (ନିପ୍ର): ପିତୃମାତୃହୀନ ଶିଶୁମାନଙ୍କୁ ସ୍ନେହ, ସୁରକ୍ଷା ଓ ପାରିବାରିକ ପରିବେଶ ପ୍ରଦାନ କରିବା ଦିଗରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆଉ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି । ୧୦ ବର୍ଷୀୟ ବାଳକ ସାଇ ବିଜୟନାଥ, ଯିଏ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି), ଭଦ୍ରକଙ୍କ ଆଦେଶକ୍ରମେ କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ ପିତୃମାତୃହୀନ ଶିଶୁ ଭାବେ ରହୁଥିଲେ, ସେ ଏବେ ପୋଷ୍ୟସନ୍ତାନ ଭାବେ ଗୋଆର ଏକ ଯୋଗ୍ୟ ଦମ୍ପତିଙ୍କ ପରିବାରରେ ନୂତନ ଜୀବନର ଶୁଭାରମ୍ଭ କରିଛନ୍ତି ।ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ତତ୍ପରତା ଏବଂ କେନ୍ଦ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ବଳ ପ୍ରାଧିକରଣର ନିୟମାବଳୀ ଅନୁଯାୟୀ ଗୋଆର ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ଏମ୍. କେ. ବିଜୟନାଥ ଓ ଗୀତା ବିଜୟନାଥଙ୍କୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚନା କରାଯାଇଥିଲା ।ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାକ୍-ପୋଷ୍ୟସନ୍ତାନ ପ୍ରତିପାଳନ ଯତ୍ନ ବ୍ୟବସ୍ଥା ଅନୁଯାୟୀ ଶିଶୁଟିକୁ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କ ସହ ସମୟ ବିତାଇବାର ସୁଯୋଗ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଶିଶୁ ଓ ଦମ୍ପତିଙ୍କ ମଧ୍ୟରେ ସ୍ନେହପୂର୍ଣ୍ଣ ଓ ସକାରାତ୍ମକ ସମ୍ପର୍କ ଗଢ଼ିଉଠିବା ପରେ ସମସ୍ତ ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଣଆନୁଷ୍ଠାନିକ ଅଧିକାରିଣୀ ଶିଶୁ ଓ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ. ଦିଲୀପ ରାଉତରାୟଙ୍କ ସମ୍ମୁଖରେ ଚୂଡ଼ାନ୍ତ ଶୁଣାଣି ପାଇଁ ଉପସ୍ଥାପନ କରିଥିଲେ ।

# ଭାପୁରରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା

ଭାପୁର, ୨୨ ।୭ (ନିପ୍ର); ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଠିକ ସମୟରେ ଦେଇପାରୁ ନ ଥିବା ଡବଲ ଇଞ୍ଜିନ ସରକାର ଏବେ ମୃତ ବ୍ୟକ୍ତିମାନଙ୍କ ସହିତ ଖେଳଖେଳିବା ଆରମ୍ଭ କରିଛି ଅର୍ଥାତ, ହରିଶ୍ଚନ୍ଦ୍ର ଯୋଜନା ସାଇଟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ବସିଛନ୍ତି ରାଜ୍ୟ ସରକାର ।

ପୂର୍ବ ସରକାର ୨୦୧୩ ମସିହା ଅଗଷ୍ଟ ମାସ ୧୫ ତାରିଖରେ ରାଜ୍ୟର ଗରିବ ପରିବାରର କୌଣସି ବ୍ୟକ୍ତି ମୃତ୍ୟୁ ବରଣ କଲେ ଗ୍ରାମାଞ୍ଚଳରେ ରହୁଥିବା ପରିବାରକୁ ଦୁଇ ହଜାର ଟଙ୍କା ଓ ସହରାଞ୍ଚଳର ପରିବାରକୁ ତିନି ହଜାର ଟଙ୍କା ପ୍ରଦାନ ପାଇଁ ଯୋଜନା ଆରମ୍ଭ କରିଥିଲେ ଯାହା 'ହରିଶ୍ଚନ୍ଦ୍ର ଯୋଜନା' ନାମରେ ପରିଚିତ । ଏହା ପରବର୍ତ୍ତୀ ସମୟରେ ତିନି ହଜାର ଓ ଚାରି ହଜାର ଟଙ୍କା କୁ ବୃଦ୍ଧି ପାଇଥିଲା ।

ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ହଜାର ହଜାର ଗରିବ ପରିବାର ସେମାନଙ୍କ ପରିଜନଙ୍କ ଶୁଦ୍ଧିକ୍ରିୟା ସମୟରେ ଏହି ଆର୍ଥିକ ସହାୟତା ପାଇ ଉପକୃତ ହେଉଥିଲେ । ଏହି ଯୋଜନାରେ ସହାୟତା ରାଶି ପାଇବାକୁ ହେଲେ ମୃତବ୍ୟକ୍ତିଙ୍କ ପରିବାର ୧୫ ଦିନ ମଧ୍ୟରେ ଅନଲାଇନରେ ଆବେଦନ କରିବା ପାଇଁ ନିୟମ ରହିଅଛି ମାତ୍ର,ଏ ସରକାର ଏହି ସାଇଟକୁ ଏକ ମାସ ହେଲା ବନ୍ଦ କରିଦେଇଛନ୍ତି ଫଳରେ,ଏହି ଯୋଜନାରେ ଆବେଦନ ହୋଇପାରୁ ନ ଥିବାରୁ ମୃତବ୍ୟକ୍ତିଙ୍କ ପରିବାର ସୁଫଳ ପାଇପାରୁନାହାନ୍ତି । ଭାପୁର ବ୍ଲକରେ ଏହି ଯୋଜନାରେ ସାମିଲ ହେବାପାଇଁ ଶତାଧିକ ପରିବାର ଚାହିଁ ବସିଥିବାବେଳେ ଏହା ବର୍ତ୍ତମାନ ବନ୍ଦ ରହିଥିବାରୁ ପଞ୍ଚାୟତ ମାନଙ୍କରେ ଜନପ୍ରତିନିଧି ମାନେ ଅପଦସ୍ତ ହେଉଛନ୍ତି ।

## ଆବାସ ଯୋଜନା ସ୍ୱଚ୍ଛତା ରକ୍ଷା ପାଇଁ ପ୍ରଶାସନିକ ବୈଠକ

ଭାପୁର, ୨୨ ।୭ (ନିପ୍ର); ଭାପୁର ବ୍ଲକରେ ଦୁର୍ନୀତି ସୀମା ଟପିଥିବା ବେଳେ ଏହା ଥମିବାର ନାଁ ଧରୁନାହିଁ । ଫଳରେ, ରାଜ୍ୟରେ ନିନ୍ଦିତ ହେବାକୁ ପଡୁଛି ।ଭାପୁର ବ୍ଲକରେ ଦୁର୍ନୀତି ଏତେ ନୀଚସ୍ତରକୁ ଚାଲିଯାଇଛି ଯେ,ଜନୈକ ଶିକ୍ଷକ ନେତା ସରକାରୀ ଚାକିରୀ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଭାପୁର ବିଡ଼ିଓଙ୍କ ପାଦ ଧରା ଫଟୋ ଭାଇରଲ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଦୁର୍ନୀତିକୁ ହଟେଇବା ପାଇଁ ଅର୍ଥାତ ଆବାସ ଯୋଜନାର ସ୍ୱଚ୍ଛତା ରକ୍ଷା କରିବା ପାଇଁ ମଙ୍ଗଳବାର ଭାପୁର ବ୍ଲକ ସଭାଗୃହ ପରିସରରେ ଏକ ପ୍ରଶାସନିକ ସ୍ତରରେ ଏକ ବୈଠକ ବିଡ଼ିଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ, ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପ୍ରତି ପଂଚାୟତର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ପଂଚାୟତ ଅଧିକାରୀ,ଏ.ଡି.ଓ ଯୋଗଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକରିବା ପାଇଁ ମତପ୍ରକାଶ ପାଇଥିଲା ।ଆବାସ ବଣ୍ଟନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରି ପ୍ରକୃତ ହିତାଧିକାରୀ ଆବାସ କିପରି ଭାବରେ ପାଇବେ ସେନେଇ ଆଲୋଚନା କରାଯାଇଥିଲା ।

## ତପସ୍ୱିନୀ ମାର୍କେଟ ଦୋକାନରୁ ତାଲା ଭାଙ୍ଗି ଚୋରି

ରାଉରକେଲା, ୨୨ ।୭ (ନିପ୍ର): ଉଦିତନଗର ତପସ୍ୱିନୀ ମାର୍କେଟ (ସମ୍ପ୍ରସାରିତ ଭାଗ)ରେ ଥିବା ୨ ନମ୍ବର ଦୋକାନ ରାମଚନ୍ଦ୍ରନ ପିଲାଇ (୬୧ ବର୍ଷ)ଙ୍କ ଏକ ରୟାଲ ଏନଫିଲଡ୍ ରିପାୟାରିଂ ଗ୍ୟାରେଜ ହୋଇଥିବାବେଳେ, ଶ୍ରୀ ପିଲାଇ ଛେଣ୍ଡବସ୍ତିର ଶୁକ୍ରବାର ବଜାର ନିକଟରେ ରହୁଛନ୍ତି । ଉଦିତନଗରର ତପସ୍ୱିନୀ ମାର୍କେଟର ସମ୍ମୁଖ ଭାଗରେ ରାଉରକେଲାରୁ ପାନପୋଷ ମୁଖ୍ୟ ରାସ୍ତା ଯାଇଥିବାବେଳେ, ଗ୍ୟାରେଜଟି ପଛପଟ ରାସ୍ତାର ଅର୍ଥାତ୍ ରାଉରକେଲା ପୋଲିସ୍ ମୁଖ୍ୟାଳୟର ସମ୍ମୁଖ ଭାଗରେ ମାତ୍ର ୫୦ ମିଟର ଦୂରରେ ରହିଛି । ଅପରପକ୍ଷରେ ତପସ୍ୱିନୀ ମାର୍କେଟ୍ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଏବଂ ବାସଭବନ ଠାରୁ ମାତ୍ର ୫୦ ମିଟର ଦୂରରେ ରହିଛି । ଗତ ରାତିରେ କେତେକ ଦୁର୍ବୃତ୍ତ ଗ୍ୟାରେଜର ତାଲା ଭାଙ୍ଗିବା ସହିତ ସଟର ଟେକି ଦେଇ ଚୋରି କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ଗ୍ୟାରେଜ୍ ମାଲିକ ରାମଚନ୍ଦ୍ର ପିଲାଇ । ଶ୍ରୀ ପିଲାଇ ଉଦିତନଗର ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଦୋକାନ ଉଦିତନଗର ତପସ୍ୱିନୀ ମାର୍କେଟ (ବିସ୍ତାରିତ ବ୍ଲକ)ରେ ରହିଛି । ସେ ଜୁଲାଇ ୨୦ ତାରିଖ ଦିନ ପ୍ରାୟ ୨ଟା ସମୟରେ ସେ ତାଙ୍କର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଗତକାଲି ବର୍ଷା ଯୋଗୁଁ ତାଙ୍କ ଦୋକାନ ବନ୍ଦ ଥିଲା । ଅର୍ଥାତ୍ ୨୨.୦୭.୨୦୨୬ ସକାଳ ପ୍ରାୟ ୯ଟା ସମୟରେ ସେ ଯେତେବେଳେ ତାଙ୍କ ଦୋକାନ ପାଖରେ ପହଞ୍ଚିଲେ, ସେ ଦେଖିଲେ ଯେ ତାଙ୍କ ଦୋକାନର ସଟର ତାଲା ଭଙ୍ଗା ଯାଇଛି ଏବଂ ସଟର ଅଧା ବନ୍ଦ ରହିଛି । ସେ ଯେତେବେଳେ ଦୋକାନ ଭିତରକୁ ପ୍ରବେଶ କରିଲେ, ସେ ଦେଖିଲେ ଯେ ଲୁହା ଲକର ମଧ୍ୟ ଭଙ୍ଗା ଥିଲା, ଦୁର୍ବୃତ୍ତମାନେ ଲୁହା ଲକର ଭାଙ୍ଗି ୧,୨୫,୦୦୦/- (ଏକ ଲକ୍ଷ ପଚିଶ ହଜାର ଟଙ୍କା)ରୁ ଅଧିକ ଟଙ୍କା ନେଇଯାଇଥିଲେ ଏବଂ ସେମାନେ ତାଙ୍କ ଦୋକାନରୁ କିଛି ଗାଡ଼ିର ପାର୍ଟସ୍ ମଧ୍ୟ ନେଇଯାଇଥିବା ସେ ଏତାଲାରେ ଉଲ୍ଲେଖ କରିଛନ୍ତି । ଗାଡ଼ିର ପାର୍ଟସ୍ କିଣିବା ପାଇଁ ସେ ଲକରରେ ଟଙ୍କା ରଖିଥିଲେ ।

## ପଙ୍ଗାମୁଣ୍ଡାଇ ନୂଆ କେନାଲ ରାସ୍ତାରେ ବଡ଼ ବଡ଼ ଗାଡ଼

ବାଲିଚନ୍ଦ୍ରପୁର, ୨୨ ।୭(ନିପ୍ର) : ବାଲିଚନ୍ଦ୍ରପୁର କଲେଜ ଛକରୁ ପଙ୍ଗାମୁଣ୍ଡାଇ ନୂଆ କେନାଲ ପୋଲ ପର୍ଯ୍ୟନ୍ତ ରାସ୍ତାରେ ଥିବା ବଡ଼ ବଡ଼ ଗାଡ଼ ଓ କାଦୁଅ ସୃଷ୍ଟି ହୋଇଥିବା ସ୍ଥାନରେ ଧାନ ତଳି ରୋପଣ କରି ପ୍ରତିବାଦ କରିବା ପ୍ରଶାସନର ନିଷ୍କ୍ରିୟତାକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାତ୍ରୀ, ବ୍ୟବସାୟୀ, ରୋଗୀ, କଲେଜ ପଢୁଆ ଛାତ୍ରଛାତ୍ରୀ ଓ ଗାଡ଼ିମୋଟର ଯାତାୟାତ କରିଥାନ୍ତି । ରାସ୍ତାର ଅବସ୍ଥା ଏତେ ଖରାପ ଯେ ଏହା ଉପରେ ଚାଲିବା ବି ବିପଜ୍ଜନକ ହୋଇପଡ଼ିଛି ।



କାଦୁଅ ଓ ଗାଡ଼ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି, ଯାହା ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ପୂର୍ତ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ସ୍ଥାୟୀ ସମାଧାନ ନକରିବା ନିରାଶାଜନକ । ସ୍ଥାନୀୟ ଅଞ୍ଚଳବାସୀ ଓ ଯୁବକମାନଙ୍କ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ - ଯଦି ଅତିଶୀଘ୍ର ଏହି ରାସ୍ତାର ମରାମତି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ନହୁଏ, ତେବେ ବାଧ୍ୟ ହୋଇ ବ୍ୟାପକ ଜନ-ଆନ୍ଦୋଳନ କରାଯିବ । ଲୋକମାନଙ୍କର ଏହି ଗଣତାନ୍ତ୍ରିକ ପ୍ରତିବାଦକୁ ଗୁରୁତ୍ୱର ସହ ନେଇ ବିଭାଗୀୟ ଉଚ୍ଚାଧିକାରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ହାତକୁ ନେବା ଆବଶ୍ୟକ, ଯାହାଦ୍ୱାରା ସାଧାରଣ ଜନତା ଦୈନନ୍ଦିନ ହଇରାଣ ହେବାରୁ ରକ୍ଷା ପାଇପାରିବେ ।

# ବିନା ଡାକ୍ତର ଓ କର୍ମଚାରୀରେ ଚାଲିଛି ଡାକ୍ତରଖାନା !

ଭାପୁର, ୨୨ ।୭ (ନିପ୍ର): ରୋଗୀସେବାରେ ଉନ୍ନତି ପାଇଁ ଭାପୁର ବ୍ଲକର ଏକାଧିକ ସ୍ଥାନରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲାଯାଇଛି ମାତ୍ର, କିଛି କର୍ମଚାରୀ ପାଳିକରି କିମ୍ବା ବେଳେବେଳେ କୌଣସି କର୍ମଚାରୀ ଡାକ୍ତରଖାନା ବାରଣ୍ଡା ମାଡୁନାହାନ୍ତି, ସାଧାରଣରେ ଏପରି ଆଲୋଚନା ହେଉଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ଗ୍ରାମରେ ଅବସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏହିପରି ଦୁର୍ଦ୍ଦିନ ଅବସ୍ଥା ଦେଖିବାକୁ ମିଳିଛି । ନିମାଣୀ, ଚକ୍ରଧରପ୍ରସାଦ ଓ ବଡସହରା ପଞ୍ଚାୟତ ର ୧୫ ହଜାର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି ସେଥିପାଇଁ ଜଣେ ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ନିଯୁକ୍ତ




ଅଛନ୍ତି ମାତ୍ର,ସେମାନେ ପାଳି କରି ସପ୍ତାହରେ ଦୁଇଥର ଦୁଇଘଣ୍ଟା ଲେଖାଏଁ ଡ୍ୟୁଟି କରନ୍ତି ଏବଂ ଅଧିକାଂଶ ସମୟରେ ଡାକ୍ତର କି ଫାର୍ମାସିଷ୍ଟ କେହି ନ ଆସିଲେ ଚତୁର୍ଥ ଶ୍ରେଣୀ କର୍ମଚାରୀଟିଏ ଡାକ୍ତର ହୋଇ ରୋଗୀଙ୍କୁ ଔଷଧ ଦେଇଥାଏ । ଗତ ମଙ୍ଗଳବାର ଡାକ୍ତରଖାନାକୁ କୌଣସି କର୍ମଚାରୀ ଆସିନଥିବା ଦେଖିବାକୁ ମିଳିଥିଲା ଫଳରେ,ଲୋକମାନେ ଅତିଷ୍ଠ ହୋଇ ନୟାଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁଙ୍କୁ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ କହିବା ସହ ଏ ନେଇ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଭାରପ୍ରାପ୍ତ ଅଧିକାରୀ ତଦନ୍ତ କରିବା ପରେ ଅଭିଯୋଗ ସତ୍ୟ ବୋଲି ଜାଣି ଉକ୍ତ ଡାକ୍ତରଖାନା ର ସମସ୍ତ କର୍ମଚାରୀ ମାନଙ୍କୁ ଏ ସମ୍ପର୍କରେ ତାଗିଦ କରିଥିଲେ ମଧ୍ୟ ଯଥା ପରଂ ତଥା ପୂର୍ବଂ ପରି ଚାଲିଛି ।ବର୍ତ୍ତମାନ ବର୍ଷା ଦିନରେ ଝାଡା, ବାନ୍ତି, ଜ୍ୱର ରୋଗ ଘରେଘରେ ବ୍ୟାପୁଥିବା ବେଳେ ରୋଗୀମାନେ ବାଧ୍ୟ ହୋଇ ଗାଁ ବଇଦ ଭରସାରେ ବଞ୍ଚୁଛନ୍ତି । ନିର୍ଦ୍ଦେଶ ଦେଇ ଜିଲ୍ଲାପାଳ ତାଙ୍କ କାମ ସାରିଦେଲେ ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାଗିଦ କରି ତାଙ୍କ କାମ ସାରିଦେଲେ କିନ୍ତୁ,ନିରୀହ ଜନତା ହନ୍ତସନ୍ତ ହୋଇ ମରୁଛନ୍ତି ତେଣୁ,ଜନଅସନ୍ତୋଷ ତୀବ୍ର ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଆଲୋଚନା ପୂର୍ବକ ଦାବି ହେଉଛି ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଶରଦ ପାୱାର ଏବଂ ସୁପ୍ରିୟା ସୁଲେ



ନୂଆଦିଲ୍ଲୀ, ୨୨।୭: ସଂସଦର ମୌସୁମୀ ଅଧିବେଶନରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଆସିଥିବା ଶରଦ ପାୱାର ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଶରଦ ପାୱାରଙ୍କୁ ଖୁବ୍ ଉତ୍ସାହର ସହ ମଧ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ତାଙ୍କ ସହିତ ସୁପ୍ରିୟା ସୁଲେ ମଧ୍ୟ ଥିଲେ। ହାତରେ କିଛି କାଗଜପତ୍ର ଧରି ପହଞ୍ଚିଥିବା ଶରଦ ପାୱାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ କିଛି ଚିଠି ମଧ୍ୟ ଦେଇଥିଲେ। ଦୁଇ ନେତାଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା। ସେ ଏପର୍ଯ୍ୟନ୍ତ କିଛି ଜଣାପଡି ନାହିଁ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶରଦ ପାୱାରଙ୍କ ଏହି ଅପ୍ରତ୍ୟାଶିତ ସାକ୍ଷାତ ରାଜନୈତିକ ଦୁନିଆରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି ।କାରଣ ଗୋଟିଏ ଦିନ ପୂର୍ବରୁ, ଶରଦ ପାୱାର ଜନ୍ତର ମନ୍ତରରେ ଛାତ୍ର ଆନ୍ଦୋଳନରେ ଯୋଗ ଦେବାକୁ ଯାଇଥିଲେ। ପାୱାର ଶାନ୍ତିପୂର୍ଣ୍ଣ ଭାବରେ ଛାତ୍ର ଆନ୍ଦେଳନ ପ୍ରସଙ୍ଗ ଉଠାଇବା ସହ ସରକାରଙ୍କୁ ପିଲାଙ୍କ ଦାବି ଉପରେ ସମ୍ବେଦନଶୀଳ ଭାବରେ ବିଚାର କରିବାକୁ ଅନୁରୋଧ କରିଥିଲେ। ଗତକାଲିର ଘଟଣା ପରେ ଆଜି ଏହି ସାକ୍ଷାତ ହୋଇଛି। ମୋଦି ଓ ଶରଦ ପାୱାର ପରସ୍ପର ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଛାତ୍ର ରାଜନୀତି ପ୍ରସଙ୍ଗକୁ ଛାଡି ଏହି ସାକ୍ଷାତ ମହାରାଷ୍ଟ୍ର ଓ କେନ୍ଦ୍ର ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ବୋଲି କୁହାଯାଉଛି।

## ଟନେଲ ଭୁଶୁଡିବା ଘଟଣାରେ ମୃତ୍ୟୁ ସଂଖ୍ୟା ୨୦କୁ ବୃଦ୍ଧି

ସିକ୍କିମ, ୨୨।୭: ସିକ୍କିମରେ ଘଟିଥିବା ଟନେଲ ଦୁର୍ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେହି ସ୍ଥାନରେ ଏବେ ବି କିଛି ଲୋକ ଫସି ରହିଥିବା ଜଣାପଡିଛି । ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇବାକୁ ପ୍ରଚେଷ୍ଟା ମଧ୍ୟ ଜାରି ରହିଛି ।ସୂଚନାନୁଯାୟୀ, ଜୁଲାଇ ୨୦ ତାରିଖରେ ସିକ୍କିମର ନାମଚି ଜିଲ୍ଲାରେ ହଠାତ୍ ନିର୍ମାଣଧୀନ ଟନେଲଟି ଭୁଶୁଡି ପଡ଼ିଥିଲା । ଏହି ଦୁର୍ଘଟଣାରେ ୨୫ ଜଣ ଶ୍ରମିକ ଫସିଯାଇଥିଲେ । ଏବେ କିନ୍ତୁ ଏହି ଘଟଣାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି । ପଥର ଭିତରେ ପୋତାଯାଇଥିବା ସନ୍ଦିଗ୍ଧ ମିଥେନ ଗ୍ୟାସର ହଠାତ୍ ବିସ୍ଫୋରଣ ଯୋଗୁଁ ବିସ୍ଫୋରଣ ଘଟିଥିଲା । ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ଲକ୍ଷ ଏବଂ ପ୍ରତ୍ୟେକ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଟନେଲ ଭୁଶୁଡିବା କାରଣ ଜାଣିବାକୁ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି ।

## ରୁଷର ଇ-କମର୍ସ କମ୍ପାନି ଗୋଦାମ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ, ୧୫ ଆହତ

ମସ୍କୋ, ୨୨।୭: ରୁଷର ବୃହତ୍ ଇ-କମର୍ସ ରିଟେଲର ୱାଇଲ୍ଡବେରିଜର ଗୋଦାମ ଉପରେ ୟୁକ୍ରେନ ପୁଣି ଥରେ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଗତକାଲି ରାତିରେ ହୋଇଥିବା ଏହି ଆକ୍ରମଣରେ ଦେଶର ଦକ୍ଷିଣ-ପଶ୍ଚିମରେ ଥିବା ୱାଇଲ୍ଡବେରିଜର ଦୁଇଟି ଗୋଦାମ ଜଳିଯାଇଛି। ଏଥିରେ ୧୫ ଜଣ ଆହତ ହୋଇଛନ୍ତି। ଗତ ୪ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୟୁକ୍ରେନ ଏହି କମ୍ପାନିର ଗୋଦାମ ଉପରେ ଦ୍ୱିତୀୟ ଥର ପାଇଁ ଆକ୍ରମଣ କରିଛି। ଗତ ସପ୍ତାହରେ ତମ୍ବୋଭ ଓ ଇଲେକ୍ଟ୍ରୋଷ୍ଟଲରେ ଥିବା କମ୍ପାନିର ଗୋଦାମ ଉପରେ ହୋଇଥିବା ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ହୋଇଥିଲା। କ୍ରାସନୋଡାର ଓ ଷ୍ଟାଭ୍ରୋପୋଲ ଅଞ୍ଚଳରେ କମ୍ପାନିର ଲଜିଷ୍ଟିକ୍ସ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି ବୋଲି ବୁଧବାର ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି। ଏହି କମ୍ପାନି ରୁଷ୍ ସେନାକୁ ଡ୍ରୋନ୍, ନାଭିଗେସନ୍ ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଉଛି ବୋଲି ସେ କହିଛନ୍ତି। କ୍ରାସନୋଡାର ଓ ଷ୍ଟାଭ୍ରୋପୋଲର ଲଜିଷ୍ଟିକ୍ସ କେନ୍ଦ୍ର ଉପରେ ଆକ୍ରମଣ ପରେ ସେଠାରୁ କର୍ମଚାରୀମାନଙ୍କୁ ବାହାର କରାଯାଇଛି। ସାଧାରଣ ଲୋକ ଓ କର୍ମଚାରୀମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରାଯାଇଛି।

## ଦିଲ୍ଲୀରେ ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ

ନୂଆଦିଲ୍ଲୀ, ୨୨।୭ :ମଙ୍ଗଳବାର ରାତିରେ ଜନ୍ତର ମନ୍ତର ଏବଂ କନୋଟ ପ୍ଲେସ୍ ଅଞ୍ଚଳରେ ସିଜେପି ପ୍ରଦର୍ଶନକାରୀ ଉତ୍ତେଜନା କରିଥିଲେ । ଏହାପରେ ଦିଲ୍ଲୀ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା । ଏହାରି ଭିତରେ ବଡ଼ ନିଷ୍ପତ୍ତି ନେଇଛି ଡଗଜଉ । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ପକ୍ଷରୁ ଦିଲ୍ଲୀର ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ ରହିବ ବୋଲି ସୂଚନା ମିଳିଛି ।

## ୧୪୪ ଶରଣାର୍ଥୀ ବୁଡ଼ିଗଲେ

ଗାମ୍ବିଆ, ୨୨।୭:ମୌରିଟାନିଆ ଉପକୂଳରେ ଘଟିଛି ଦୁଃଖଦ ସାମୁଦ୍ରିକ ବୁଡ଼ି ଘଟଣା । ଅତି କମରେ ୧୪୪ ଜଣ ଶରଣାର୍ଥୀ ଏବଂ ପ୍ରବାସୀ ପ୍ରାଣ ହରାଇଛନ୍ତି କିମ୍ବା ନିଖୋଜ ଅଛନ୍ତି, । ଗାମ୍ବିଆର ଏକ ଡଙ୍ଗାରେ ୨୫ ଦିନ ଧରି ଯାତ୍ରୀମାନେ ଯାତ୍ରା କରୁଥିଲେ।

## ପ୍ରତିବାଦ ପରେ ୟୁକ୍ରେନର ସେନାମୁଖ୍ୟଙ୍କୁ ହଟାଇଲେ ଜେଲେନସ୍କି

କିଭ୍, ୨୨।୭: ଡିମିର ଜେଲେନସ୍କି ସଶସ୍ତ୍ର ବାହିନୀର କମାଣ୍ଡର ଇନ୍ ଚିଫ୍ ଜେନେରାଲ ଓଲେକ୍ସାନ୍ଦର ସିର୍ସ୍କିଙ୍କୁ ପଦରୁ ହଟାଇଛନ୍ତି। ତାଙ୍କ ସ୍ଥାନରେ ୪୩ ବର୍ଷୀୟ ମେଜର ଜେନେରାଲ ମିଖାଇଲୋ ଡ୍ରାପାଟିଙ୍କୁ ମଙ୍ଗଳବାର ରାତିରେ ୟୁକ୍ରେନ ସେନାର ନୂଆ ମୁଖ୍ୟ ନିଯୁକ୍ତ କରାଯାଇଛି। ରୁଷ୍ ବିରୋଧୀ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୟୁକ୍ରେନର ସାମରିକ ନେତୃତ୍ୱରେ ଏହା ସବୁଠାରୁ ବଡ଼ ପରିବର୍ତ୍ତନ ବୋଲି କୁହାଯାଉଛି। ଗତ ସପ୍ତାହରେ ଜେଲେନସ୍କି ସରକାରରେ ବଡ଼ଧରଣର ଅଦଳବଦଳ କରି ପ୍ରତିରକ୍ଷାମନ୍ତ୍ରୀ ମିଖାଇଲୋ ଫେଡୋରୋଭଙ୍କୁ ହଟାଇଥିଲେ। ମାତ୍ର ୬ ମାସ ପ୍ରତିରକ୍ଷାମନ୍ତ୍ରୀ ରହିଥିବା ୩୫ ବର୍ଷୀୟ ଫେଡୋରୋଭ ସେନାରେ ଆଧୁନିକ ପ୍ରଯୁକ୍ତି, ଡ୍ରୋନ୍ ଓ ତଥ୍ୟଭିତ୍ତିକ ଯୁଦ୍ଧ ପରିଚାଳନା ବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ୟମ କରୁଥିଲେ।

### ଛାତ୍ର ଆନ୍ଦୋଳନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ମାମଲା

# ଭିଡିଓ ଦେଖିବାକୁ ସମୟ ନାହିଁ: ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୨।୭: ଦେଶର ରାଜଧାନୀ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ଓ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଦେଶର 'ସୁପ୍ରିମକୋର୍ଟ'ରେ ପହଞ୍ଚିଛି । ବଡ଼ କଥା ହେଉଛି ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଦେଇଛି । ସିଜେପିର ବିକ୍ଷୋଭ ପ୍ରଦର୍ଶନ ସମୟରେ ଛାତ୍ରଛାତ୍ରୀମାନଙ୍କ ଉପରେ ଦିଲ୍ଲୀ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନକୁ ନେଇ ଜାରି ହୋଇଥିବା ଜରୁରୀ ଆବେଦନକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ଦେଶର ପ୍ରଧାନ ବିଚାରପତି ସିଜେଆଇ ସୂର୍ଯ୍ୟକାନ୍ତ ଏହି ମାମଲାରେ ଶୁଣାଣି କରିବା ବେଳେ କଡ଼ା ଶବ୍ଦର ପ୍ରୟୋଗ କରି ଜରୁରୀ ଶୁଣାଣିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସିଜେପିର ଆନ୍ଦୋଳନ ବେଳେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା ଯେଉଁଥିରେ ପୁଲିସ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ନିର୍ଯାତନାର ଭିଡିଓ ପ୍ରମାଣ ଦେଖାଇ ଜଣେ ଓକିଲ ଆବେଦନର ଜରୁରୀ ଶୁଣାଣି ପାଇଁ ପ୍ରଧାନ ବିଚାରପତିଙ୍କ ଆଗରେ ଗୁହାରି କରିଥିଲେ। ତେବେ ଶୁଣାଣି ଆରମ୍ଭରେ ହିଁ ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ମାମଲାରେ ଜରୁରୀ ହସ୍ତକ୍ଷେପ କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। କୋର୍ଟର କାର୍ଯ୍ୟାନୁଷ୍ଠାନ ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ପୀଠ ଆଗରେ ଓକିଲ ଜଣକ ଭିଡିଓ ଦେଖାଇବାକୁ ଚେଷ୍ଟା କରିଥିଲେ। ଏହା ଉପରେ କ୍ରୋଧ ପ୍ରକାଶ କରି ପ୍ରଧାନ ବିଚାରପତି କହିଥିଲେ, 'ଆମର ଭିଡିଓ ଦେଖିବାରେ କୌଣସି ଆଗ୍ରହ ନାହିଁ, ଏସବୁ ଦେଖିବାକୁ ଆମ ପାଖରେ ସମୟ ନାହିଁ। ଆମର ସମୟ ନଷ୍ଟ କରନ୍ତୁ ନାହିଁ ଏବଂ ନିଜର ସମୟ ବି ନଷ୍ଟ କରନ୍ତୁ ନାହିଁ।' ଆବେଦନକାରୀ ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତର କଥା କହିଥିଲେ ସୁଦ୍ଧା କୋର୍ଟ ନିଜ ନିଷ୍ପତ୍ତିରୁ ଓହରି ନଥିଲେ ଏବଂ ମାମଲାର ଜରୁରୀ ତାଲିକାଭୁକ୍ତ ଆବେଦନକୁ ଖାରଜ କରିଦେଇଥିଲେ। ତେବେ ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ସମାନ ମାମଲାରେ ଶୁଣାଣି କରିବାକୁ ମନା କରିଦେଇ 'ଅଦାଲତକୁ ଏସବୁ ଭିତରକୁ ଟାଣନ୍ତୁ ନାହିଁ' ବୋଲି ମନ୍ତବ୍ୟ ଦେଇଥିଲେ।


### ଛାତ୍ରଙ୍କ ଉପରେ ଅତ୍ୟଧିକ ବଳ ପ୍ରୟୋଗ କରାଯାଇଛି: ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍

ନୂଆଦିଲ୍ଲୀ, ୨୨।୭: କକ୍ରୋଚ ଜନତା ପାର୍ଟି (ସିଜେପି)ର 'ସଂସଦ ଚଲୋ' ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜ ଉପରେ ସୁପ୍ରିମକୋର୍ଟ ବାର ଆସୋସିଏସନ ଅସନ୍ତୋଷ ପ୍ରକାଶ କରିଛି। ନିର୍ଦ୍ଦୋଷ ଛାତ୍ରଛାତ୍ରୀମାନଙ୍କ ଉପରେ ହୋଇଥିବା ନିର୍ମମ ଲାଠିଚାର୍ଜକୁ ସୁପ୍ରିମକୋର୍ଟ ବାର ଆସୋସିଏସନ ଦୃଢ଼ ନିନ୍ଦା କରିଛି। ଆନ୍ଦୋଳନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ଯୋଗୁ ଅନେକ ଗୁରୁତର ଭାବେ ଆହତ ହୋଇଥିଲେ। ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟଧିକ ଓ ମାତ୍ରାଧିକ ବଳ ପ୍ରୟୋଗ କରାଯାଇଥିବା ବାର ଆସୋସିଏସନ୍ ନିଜ ବିବୃତିରେ କହିଛି। ଏପରି ଘଟଣାକୁ ଖୁବ୍ ଚିନ୍ତାଜନକ କହିବା ସହିତ ଗଣତାନ୍ତ୍ରିକ ସମାଜ ଏହାକୁ ଗ୍ରହଣ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ତୀବ୍ର ଶବ୍ଦରେ ନିନ୍ଦା କରି କହିଛି।

### ଭିଡିଓ ସୁରକ୍ଷିତ ରଖିବାକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ: 'କୋକରୋଚ୍ ଜନତା ପାର୍ଟି' (ସିଜେପି) ର 'ସଂସଦ ଚଲୋ' ଶୋଭାଯାତ୍ରା ସମୟରେ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ବଳପ୍ରୟୋଗ ଓ ବର୍ବରତା ଅଭିଯୋଗ ମାମଲାରେ ଦିଲ୍ଲୀ ହାଇକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳର ସମସ୍ତ ସିସିଟିଭି ଫୁଟେଜ୍, ଭିଡିଓଗ୍ରାଫି ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ପ୍ରମାଣକୁ ତୁରନ୍ତ ସୁରକ୍ଷିତ ରଖିବା ପାଇଁ ପ୍ରଧାନ ବିଚାରପତି ଡି.କେ. ଉପାଧ୍ୟାୟ ଓ ଜଷ୍ଟିସ ତେଜସ କାରିଆଙ୍କ ବେଞ୍ଚ ଦିଲ୍ଲୀ ପୋଲିସ ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହାସହ ଏସଆଇଟି ତଦନ୍ତ, ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରି ଦାଖଲ ହୋଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସକୁ ନୋଟିସ ଜାରି କରି ଜବାବ ମାଗିଛନ୍ତି।

## ୧୦ ବର୍ଷରେ ୧୫୨ ପ୍ରଶ୍ନପତ୍ର ଲିକ୍, ଜଣେ ବି ଦଣ୍ଡିତ ହୋଇନାହାନ୍ତି: ରାହୁଲ




ନୂଆଦିଲ୍ଲୀ, ୨୨।୭: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ର ଆନ୍ଦୋଳନକୁ ନେଇ ବୁଧବାର ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଗତ ୧୦ ବର୍ଷରେ ଦେଶରେ ବିଭିନ୍ନ ପରୀକ୍ଷାରେ ୧୫୨ ଥର ପ୍ରଶ୍ନପତ୍ର ଲିକ୍ ହୋଇଛି, କିନ୍ତୁ ଜଣେ ବି ଦଣ୍ଡିତ ହୋଇନାହାନ୍ତି ବୋଲି ରାହୁଲ ଅଭିଯୋଗ କରି କହିଛନ୍ତି। ଛାତ୍ରମାନଙ୍କ ଉପରେ ଲାଠିଚାର୍ଜକୁ ନେଇ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟରେ ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଠାରେ ରାହୁଲ ପ୍ରଥମେ ୨୦ ଜୁଲାଇରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର 'ସଂସଦ ଚଲୋ' ମାର୍ଚ୍ଚରେ ଅଂଶଗ୍ରହଣ କରୁଥିବା ଛାତ୍ରମାନଙ୍କ ଉପରେ ହୋଇଥିବା ପୁଲିସର ନିର୍ମମ ଆକ୍ରମଣର ଭିଡିଓ ପ୍ରଦର୍ଶନ କରିଥିଲେ। ଉପସ୍ଥାପନା ସମୟରେ ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ ଯେ, ସୁରକ୍ଷା ବାହିନୀ ଛାତ୍ରମାନଙ୍କୁ କାହିଁକି ଏତେ ନିର୍ମମ ଭାବରେ ମାଡ଼ ମାରିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁ ସାରା ଦେଶରେ ୭.୫ କୋଟି ନିଟ୍ ଆଶାୟୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ପ୍ରଭାବିତ ହୋଇଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ କାହାକୁ ଦଣ୍ଡିତ କରାଯାଇନାହିଁ। ଲୋକମାନେ ସେମାନଙ୍କ କଷ୍ଟାର୍ଜିତ ଧନ ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି, ପରେ ଦେଖୁଛନ୍ତି ସେମାନଙ୍କ ଆଶା ଧୂଳିସାତ୍ ହେଉଛି ବୋଲି ରାହୁଲ କହିଛନ୍ତି। ରାହୁଲ କହିଛନ୍ତି, ଆମ ଶିକ୍ଷା ବ୍ୟବସ୍ଥା ଆମ ଦେଶର ସବୁଠୁ ବଡ଼ ସମ୍ପତ୍ତି, କିନ୍ତୁ ଏହାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୂରା ନଷ୍ଟ କରିସାରିଲେଣି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦୁର୍ନୀତିଗ୍ରସ୍ତ ଓ ଅଯୋଗ୍ୟ ବ୍ୟକ୍ତି ବୋଲି କହି ରାହୁଲ ତାଙ୍କ ଇସ୍ତଫା ଦାବି କରିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଲେ ଅନ୍ନା
## ଜଣେ ମନ୍ତ୍ରୀ ଇସ୍ତଫା ଦେଇଦେଲେ ସରକାର ଭୁଶୁଡ଼ି ପଡ଼େ ନାହିଁ

ନୂଆଦିଲ୍ଲୀ, ୨୨।୭: ଦିଲ୍ଲୀରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ନେଇ ଜାରି ରହିଥିବା ଆନ୍ଦୋଳନ ମଧ୍ୟରେ ପ୍ରସିଦ୍ଧ ସମାଜସେବୀ ଅନ୍ନା ହଜାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଗଣତନ୍ତ୍ରରେ ଦମନ କରିବା ପରିବର୍ତ୍ତେ ଆଲୋଚନା ଓ ସଂଳାପ ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ଉଚିତ ଏବଂ ସରକାର ଛାତ୍ରମାନଙ୍କର ସମସ୍ତ ଦାବିକୁ ଗମ୍ଭୀରତାର ସହ ଶୁଣନ୍ତୁ। ଅନ୍ନା ହଜାରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ଚିଠିରେ ଛାତ୍ର ଆନ୍ଦୋଳନ, ପ୍ରଶ୍ନପତ୍ର ଲିକ୍, ବେରୋଜଗାରୀ ଏବଂ ନିଯୁକ୍ତି ପ୍ରକ୍ରିୟାରେ ହେଉଥିବା ବିଳମ୍ବ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗଣତନ୍ତ୍ରରେ ଜନଆନ୍ଦୋଳନଗୁଡ଼ିକର ଜବାବ ଦମନ ଦ୍ୱାରା ଦିଆଯିବା ଉଚିତ ନୁହେଁ, ବରଂ ସଂଳାପ ମାଧ୍ୟମରେ ସମାଧାନ ଖୋଜାଯିବା ଦରକାର। ଛାତ୍ର ଆନ୍ଦୋଳନକୁ କେବଳ ଆଇନ ଶୃଙ୍ଖଳାର ମାମଲା ଭାବେ ନ ଦେଖି ଏହାକୁ ଜନଭାବନା ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ବିଚାର କରାଯିବା ଉଚିତ। କୌଣସି ଜଣେ ମନ୍ତ୍ରୀଙ୍କ ଇସ୍ତଫା ନେବା ଦ୍ୱାରା ସରକାର ଭୁଶୁଡ଼ି ପଡ଼େ ନାହିଁ ବୋଲି ମତ ଦେଇଛନ୍ତି ଅନ୍ନା।

## ଅନନ୍ତନାଗରେ ଆତଙ୍କୀ ଆକ୍ରମଣ: ଜଣେ ପୋଲିସକର୍ମୀ ସହିଦ

ଜାମ୍ମୁ କାଶ୍ମୀର, ୨୨।୭: ଜାମ୍ମୁ-କାଶ୍ମୀର ଅନନ୍ତନାଗ ସହରର ଲାଲ ଚୌକରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଅନନ୍ତନାଗରେ ସୁରକ୍ଷାକର୍ମୀଙ୍କୁ କିଛି ଆତଙ୍କବାଦୀ ଗୁଳିମାଡ଼ କରିଛନ୍ତି। ପୋଲିସ ଏବଂ ସେନା ମିଳିତ ଭାବେ କମ୍ବିଂ ଅପରେସନ ଆରମ୍ଭ କରିଛନ୍ତି। ଏଥିରେ ଜଣେ ପୋଲିସ କର୍ମୀ ସହିଦ ହୋଇଥିବା ବେଳେ ଅନ୍ୟ ପୋଲିସ କର୍ମୀ ଆହତ ହୋଇଛନ୍ତି ।ପୋଲିସ ଅଧିକାରୀଙ୍କ ଅନୁସାରେ, ଜାମ୍ମୁ କାଶ୍ମୀର ଅନନ୍ତନାଗରେ ଯବାନ ଏବଂ ପୋଲିସ ଅମରନାଥ ଯାତ୍ରୀଙ୍କ ସୁରକ୍ଷାରେ ନିୟୋଜିତ ଥିଲେ ।

## ରାହୁଲଙ୍କ ଅଟକକୁ ବିରୋଧ କରି କଂଗ୍ରେସର ଦେଶବ୍ୟାପୀ ଆନ୍ଦୋଳନ



ନୂଆଦିଲ୍ଲୀ, ୨୨।୭: ଜୁଲାଇ ୨୦ ତାରିଖରେ କକ୍ରୋଚ୍ ଜନତା ପାର୍ଟିର 'ଚଲୋ ସଂସଦ' ଆନ୍ଦୋଳନ ଯାତ୍ରା ସମୟରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ କଡ଼ା ନିନ୍ଦା କରିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନ ବାହାରେ ଗତକାଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତାମାନେ ଧାରଣାରେ ବସିଥିବାବେଳେ ପୁଲିସ ସେମାନଙ୍କୁ ଧାରଣା ସ୍ଥଳରୁ ବଳପୂର୍ବକ ଉଠାଇ ନେଇଥିଲା। ଏହି ୨ଟି ଘଟଣାକୁ ବିରୋଧ କରି କଂଗ୍ରେସ କର୍ମୀମାନେ ଆଜି ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ଆନ୍ଦୋଳନ କରିଛନ୍ତି। ତାମିଲନାଡୁର ଚେନ୍ନାଇରେ କଂଗ୍ରେସ କର୍ମୀମାନେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ଲାଠିମାଡ଼କୁ ବିରୋଧ କରି ଆନ୍ଦୋଳନ କରିଛନ୍ତି। କେରଳର ପଲକ୍କଡ଼ରେ ଯୁବ କଂଗ୍ରେସ ଏବଂ କେରଳ ଛାତ୍ର ସଂଗଠନ (କେଏସୟୁ) ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଏକ ପଦଯାତ୍ରା କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ସେହିପରି କର୍ଣ୍ଣାଟକର ବେଙ୍ଗାଲୁରୁରେ କଂଗ୍ରେସ ଲିଗାଲ୍ ସେଲ୍ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ଆନ୍ଦୋଳନ କରିଛି। ଗୁଜରାଟର ସୁରତରେ କଂଗ୍ରେସ କର୍ମୀମାନେ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଅଟକକୁ ବିରୋଧ କରି ଆନ୍ଦୋଳନ କରିଥିବାବେଳେ କିଛି କଂଗ୍ରେସ କର୍ମୀଙ୍କୁ ଏଠାରେ ପୁଲିସ ଅଟକ ରଖିଛି। ସେହିପରି ତେଲେଙ୍ଗାନା କଂଗ୍ରେସ ଆଜି ହାଇଦ୍ରାବାଦ ଲୋକଭବନରେ ଆନ୍ଦୋଳନ କରିଛି। ଇତି ମଧ୍ୟରେ ବିଜେପି ମଧ୍ୟ ଏକାଧିକ ରାଜ୍ୟରେ ପାଲଟା ଆନ୍ଦୋଳନ କରିଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ କଂଗ୍ରେସ ଆନ୍ଦୋଳନକୁ ବିରୋଧ କରି ବିଜେପି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ କରିଛି।

### ସିଜେପି ନଡ୍ଡାଙ୍କ ବାସଭବନକୁ ଯିବାକୁ ମନା କଲେ
## ଯନ୍ତର ମନ୍ତର ନିକଟରେ ଆଲୋଚନା ପାଇଁ ଦେଲେ ପ୍ରସ୍ତାବ

ନୂଆଦିଲ୍ଲୀ, ୨୨।୭– ସାମାଜିକ ଗଣମାଧ୍ୟମ ଅଭିଯାନକାରୀ କକ୍ରୋଚ୍ ଜନତା ପାର୍ଟି(ସିଜେପି) କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ବାସଭବନକୁ ଆଲୋଚନା ପାଇଁ ଯିବାର ସମ୍ଭାବନାକୁ ଅସ୍ୱୀକାର କରିଛି। ସିଜେପି ସ୍ପଷ୍ଟ ଭାବେ କହିଥିଲେ ଯେ ଏହି ଆଲୋଚନା ଜନ୍ତର ମନ୍ତରରେ କିମ୍ବା ଏହାର ନିକଟବର୍ତ୍ତୀ କୌଣସି ନିରପେକ୍ଷ ସ୍ଥାନରେ ହେବା ଉଚିତ ।ବୁଧବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସିଜେପି ମୁଖପାତ୍ର ସୌରଭ ଦାସ ଦାବି କରିଛନ୍ତି ଯେ ଆଜି ସକାଳେ ପୋଲିସ ସିଜେପି ପ୍ରତିନିଧିମାନଙ୍କୁ ଯୋଗାଯୋଗ କରି ସୂଚନା ଦେଇଛି ଯେ କେନ୍ଦ୍ରମନ୍ତ୍ରୀ ନଡ୍ଡା ସେମାନଙ୍କ ସହ କଥା ହେବାକୁ ଚାହୁଁଛନ୍ତି ଏବଂ ସେମାନଙ୍କୁ ତାଙ୍କ ବାସଭବନକୁ ନିମନ୍ତ୍ରଣ କରିଛନ୍ତି, କିନ୍ତୁ ସିଜେପି ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସୌରଭ ଦାସ କହିଛନ୍ତି ଯେ ସିଜେପିର କୌଣସି ପ୍ରତିନିଧି କୌଣସି ମନ୍ତ୍ରୀଙ୍କ ଘର କିମ୍ବା କାର୍ଯ୍ୟାଳୟକୁ ଯିବେ ନାହିଁ। ଯନ୍ତର ମନ୍ତରରେ ଜନତା ଦରବାର ଅନୁଷ୍ଠିତ ହେଉଛି ଏବଂ ଯଦି ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି, ତେବେ ମନ୍ତ୍ରୀମାନେ ଜନସାଧାରଣଙ୍କ ମଧ୍ୟରେ ଆସିବା ଉଚିତ୍। ସେ କହିଥିଲେ ଯେ ଏହି ଆଲୋଚନା ଜନ୍ତର ମନ୍ତରରେ ହେବା ଉଚିତ। ଯଦି ସୁରକ୍ଷା କାରଣରୁ ମନ୍ତ୍ରୀମାନେ ଯନ୍ତର ମନ୍ତରକୁ ଆସିପାରିବେ ନାହିଁ, ତେବେ ସିଜେପି ବିକ୍ଷୋଭ ସ୍ଥଳ ନିକଟରେ ଏକ ନିରପେକ୍ଷ ସ୍ଥାନରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ, ଆମେ କେନ୍ଦ୍ର ମନ୍ତ୍ରୀଙ୍କ ଉତ୍ତରକୁ ଅପେକ୍ଷା କରିଛୁ।

## କ୍ୱାଡ୍ ଦେଶର ବୈଦେଶିକ ମନ୍ତ୍ରୀ ମାନିଲାରେ

ମାନିଲା, ୨୨।୭ :ଫିଲିପାଇନ୍ସର ରାଜଧାନୀ ମାନିଲାରେ କ୍ୱାଡ୍ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ଏକ ଆନ୍ତର୍ଜାତୀୟ ନିୟମ-ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଉପସ୍ଥିତ ଥିଲେ।



# ହିମାଚଳ, ଜାମ୍ମୁ-କାଶ୍ମୀର ଓ ଉତ୍ତର ପୂର୍ବ ରାଜ୍ୟରେ ମୌସୁମୀ ବର୍ଷାରେ ୧୨୦ ମୃତ



ନୂଆଦିଲ୍ଲୀ, ୨୨।୭: ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶରେ ବ୍ୟାପକ ବର୍ଷା ଆଣିଛି। ପ୍ରବଳ ବର୍ଷା ଯୋଗୁ ଅନେକ ଧନଜୀବନ ନଷ୍ଟ ହୋଇଛି। ହିମାଚଳ ପ୍ରଦେଶ ଓ ଜାମ୍ମୁ-କାଶ୍ମୀର ଏବଂ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡରେ ବନ୍ୟା, ଭୂସ୍ଖଳନ ଯୋଗୁ ଅନେକ ଜୀବନ ଯାଇଛି। ଅନେକ ରାସ୍ତା ଓ ସେତୁ ବନ୍ୟା ଜଳରେ ଭାସି ଯାଇଛି। ରେଳସେବା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ସଂସ୍ଥାମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ଘରେ ପାଣି ପଶି କିମ୍ବା ଘର ଭୁଶୁଡ଼ି ପଡ଼ିବା ଯୋଗୁଁ ହଜାର ହଜାର ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡ଼ିଛି। ଚଳିତ ଜୁଲାଇ ମାସରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା, ବାଦଲ ଫଟା ବର୍ଷା, ଭୂସ୍ଖଳନ, ବର୍ଷା ଯୋଗୁ ସଡ଼କ ଦୁର୍ଘଟଣା ଘଟଣାରେ ୬୬ ଜଣଙ୍କର ମୃତ୍ୟୁ ହୋଇଛି। କାଙ୍ଗ୍ରା ଜିଲ୍ଲାରେ ଗତକାଲି ରାତିସାରା ହୋଇଥିବା ବର୍ଷାରେ ତିନି ଜଣ ଆହତ ହୋଇଛନ୍ତି ଓ ୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ମଙ୍ଗଳବାର ଛଅଟି ଘର ଭାସିଯିବା ପରେ ଉପତ୍ୟକାରେ କ୍ଷତିଗ୍ରସ୍ତ ଘର ସଂଖ୍ୟା ୧୮ ରେ ପହଞ୍ଚିଛି। ଆସାମରେ ୩୧ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ଜାମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟାରେ ୨୩ ଜଣଙ୍କ ଜୀବନ ଯାଇଛି। ନାଗାଲାଣ୍ଡରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ଜାମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟାରେ ୨୩ ଜଣଙ୍କର ମୃତ୍ୟୁ ହୋଇଛି। ପୁଞ୍ଚ ଓ ରାଜୌରୀ ଜିଲ୍ଲାରେ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ସତ ଜଣ ଲୋକ ନିଖୋଜ ଅଛନ୍ତି। ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଛି। କେନ୍ଦ୍ରଶାସିତ ଅଞ୍ଚଳର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି, ଜମ୍ମୁ ଡିଭିଜନର ପୁଞ୍ଚ, ରାଜୌରୀ, କାଠୁଆ, ରିଆସି, ସାମ୍ବା ଓ କିସ୍ତୱାଡ଼ ଏବଂ କାଶ୍ମୀରର ବଡଗାମ, ବାନ୍ଦିପୋରା ଓ ଗଣ୍ଡେରବଲରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଝେଲମ ଓ ଚେନାବ ନଦୀ ଓ ଅନେକ ଉପନଦୀରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗ୍ରାମ ଓ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ପ୍ରବଳ ବର୍ଷା ପରେ ସଲାଲ ଡ୍ୟାମର ସମସ୍ତ ଗେଟ ଖୋଲାଯାଇଛି।

# ନାବାଳିକା କୁକର୍ମ ମାମଲା, ଅଭିଯୁକ୍ତଙ୍କୁ ଜେଲଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ମାନ୍ୟବର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକସୋ)-କମ୍-ଅତିରିକ୍ତ ସେସନ୍ସ ଜଜ୍ ସରୋଜ କୁମାର ସାହୁ, ଗତ ଅକ୍ଟୋବର-୨୦୨୪ ମସିହାରେ ଭରତପୁର ଥାନା ଅଞ୍ଚଳରେ ହୋଇଥିବା ନାବାଳିକା କୁକର୍ମ ମାମଲାର ବିଚାର କରି ଆସାମୀ ରିବୁ ପାଣିକୁ ସଜା ଶୁଣାଇଛନ୍ତି। ଘଟଣାକ୍ରମ; ଅଭିଯୋଗକାରିଣୀ ନିଜ ପରିବାର ସହ ଭରତପୁର ଥାନା ଅଞ୍ଚଳରେ ଥିବା ଆମରି ହସ୍ପିଟାଲ ନିକଟ ଶଙ୍କରେଶ୍ୱର ନଗର ବସ୍ତିରେ ଭଡାରେ ରୁହନ୍ତି। ତାଙ୍କର ପଡୋଶୀ ଥିଲେ ଅଭିଯୁକ୍ତ ରିବୁ ପାଣି ଏବଂ ତାଙ୍କ ପରିବାର। ସେମାନେ ଭଡ଼ାରେ ରହୁଥିବା ଘର କିଣିବା ପାଇଁ ଅଭିଯୋଗକାରିଣୀଙ୍କ ପରିବାରକୁ ଏକ ପ୍ରସ୍ତାବ ଦେଇଥିଲେ। ଅଭିଯୋଗକାରିଣୀ ଉକ୍ତ ପ୍ରସ୍ତାବରେ ରାଜି ହୋଇଥିଲେ ଏବଂ ସେହି ବ୍ୟକ୍ତିଙ୍କ ମଧ୍ୟସ୍ଥତା ମାଧ୍ୟମରେ ୫,୫୦,୦୦୦/- ଟଙ୍କା ଦେଇଥିଲେ। ପ୍ରାରମ୍ଭରେ ଅଭିଯୋଗକାରିଣୀଙ୍କ ପଡ଼ୋଶୀମାନେ ତାଙ୍କ ପରିବାର ସହିତ ଭଲ ସମ୍ପର୍କ ରଖିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ତାଙ୍କ ସରଳତାର ସୁଯୋଗ ନେଇଥିଲେ। ସ୍ୱପ୍ନାରାଣୀ ଏବଂ ତାଙ୍କ ଶାଶୁ ଅଭିଯୋଗକାରିଣୀଙ୍କଠାରୁ ପ୍ରତ୍ୟେକ ୬୦,୦୦୦/- ଟଙ୍କା ଧାର ନେଇଥିଲେ। ସ୍ୱପ୍ନାରାଣୀଙ୍କ ଶାଶୁ ମଧ୍ୟ ନାବାଳିକା ପୀଡିତାଙ୍କଠାରୁ ୨୦,୦୦୦/- ଟଙ୍କା ଧାର ନେଇଥିଲେ। ଗତ ୧୦.୧୦.୨୦୨୪ ତାରିଖରେ ଏତଲା ଦେବାର ପ୍ରାୟ ଦୁଇ ମାସ ପୂର୍ବେ ଅଭିଯୁକ୍ତର ସ୍ତ୍ରୀ ସ୍ୱପ୍ନା ପାଣି ୧୩ ବର୍ଷ ବୟସ୍କା ନାବାଳିକା ପୀଡିତାଙ୍କୁ ନିଜ ଘରକୁ ଡାକିଥିଲେ ଏବଂ ଶୋଇବା ଘରେ ବସିବାକୁ କହିଥିଲେ। ସେଠାରେ ପୂର୍ବରୁ ଅଭିଯୁକ୍ତ ରିବୁ ପାଣି ଏବଂ ତାଙ୍କ ପୁଅ ଉପସ୍ଥିତ ଥିଲେ। ଅଭିଯୁକ୍ତର ପୁଅ ଆଲୁଅ ଲିଭାଇ ଦେଇ ବାହାରକୁ ପଳାଇଥିଲା ଏବଂ ଏହାର ସୁଯୋଗ ନେଇ ଅଭିଯୁକ୍ତ ରିବୁ ପାଣି ନାବାଳିକାଙ୍କ ପୋଷାକ ଖୋଲି ତାଙ୍କ ସହ କୁକର୍ମ କରିଥିଲେ। ନାବାଳିକା ଜଣକ ପାଟିକରି କାନ୍ଦିବାରୁ, ଅଭିଯୁକ୍ତର ସ୍ତ୍ରୀ ସେଠାରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତ ତାଙ୍କୁ ଛାଡି ଦେଇଥିଲା। ତେବେ ଏହି ଘଟଣା ବାପାମା'ଙ୍କୁ କହିଲେ ସେମାନଙ୍କୁ ହତ୍ୟା କରିବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। କିଛି ଦିନ ପରେ ନାବାଳିକା ଝିଅର ରତୁସ୍ରାବ ବନ୍ଦ ହେବା ଓ ବାନ୍ତି ହେବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ଏବଂ ସେଠାରେ ଅଲଟ୍ରାସାଉଣ୍ଡ ପରେ ନାବାଳିକା ଜଣକ ଦୁଇ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏହାପରେ ନାବାଳିକା ଜଣକ ପରିବାର ଲୋକଙ୍କୁ ସବୁ କଥା ଜଣାଇଥିଲେ ଏବଂ ଅଭିଯୋଗକାରିଣୀ ତା.୧୦.୧୦.୨୦୨୪ ରିଖରେ ଭରତପୁର ଥାନାରେ ଏତଲା ଦେଇଥିଲେ। ଉପରୋକ୍ତ ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନା କେସ ନମ୍ବର-୬୮୧/୨୦୨୪, ବିଏନଏସ ର ଧାରା ୬୫(୧)/୩୫୧(୨)/୩(୫) ଓ ପୋକସୋ ଆଇନର ଧାରା-୬ ରେ ମାମଲା ରୁଜୁ କରାଯାଇ ସବ-ଇନ୍ସପେକ୍ଟର ମୌସୁମୀ ସାହୁଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରାଯାଇଥିଲା। ସବ-ଇନ୍ସପେକ୍ଟର ମୌସୁମୀ ସାହୁ ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ରିବୁ ପାଣିକୁ ତା.୧୨.୧୦.୨୦୨୪ ରିଖରେ ଗିରଫ କରିଥିବା ବେଳେ, ତା.୦୭.୧୨.୨୦୨୪ ରେ ତାଙ୍କ ବିରୋଧରେ ମାନ୍ୟବର ଅଦାଲତଙ୍କ ନିକଟରେ ଚାର୍ଜସିଟ ଦାଖଲ କରିଥିଲେ। ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ୧୭ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୨୭ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି, ବିଚାର କାର୍ଯ୍ୟର ପରିସମାପ୍ତି କରିଛନ୍ତି। ଆଜି ତା.୨୨.୦୭.୨୦୨୬ ରିଖରେ ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ରିବୁ ପାଣିକୁ ପୋକସୋ ଆଇନର ଧାରା-୬ ଅନୁଯାୟୀ ୨୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏତଦ୍ ବ୍ୟତୀତ ମାନ୍ୟବର ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪,୦୦,୦୦୦ ଟଙ୍କା (ଚାରି ଲକ୍ଷ) ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାଜୀବ ଶାସମଲ ଏବଂ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବଳରାମ ଦେଓ ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଚଳିତ ବର୍ଷ ଏହା ହେଉଛି ୬୬ତମ ଦୋଷୀ ସାବ୍ୟସ୍ତ ମାମଲା।

## ମୋବାଇଲ ଫୋନ ଲୁଟେରାକୁ କାବୁ କଲା ପୁଲିସ

ଭୁବନେଶ୍ୱର(ନି.ପ୍ର): ବସରେ ପୁରୀ ଯିବାକୁ ଅପେକ୍ଷା କରିଥିବା ଜଣେ ଯାତ୍ରୀଙ୍କ ମୋବାଇଲ ଲୁଟ କରି ଫେରାର ହୋଇଯାଉଥିବା ଜଣେ ଲୁଟେରାକୁ କ୍ୟାପିଟାଲ ଥାନା ପୁଲିସ କାବୁ କରିଛି। ଗିରଫ ଅଭିଯୁକ୍ତ ଜଣକ ରାକେଶ ଦଳେଇ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ଶ୍ରୀ କୁମାର ଶିବ ଶଙ୍କର (୩୮)ଙ୍କ ଲିଖିତ ଏତଲା ଆଧାରରେ କ୍ୟାପିଟାଲ ଥାନାରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆଜି ସକାଳ ପ୍ରାୟ ୯.୧୦ ମିନିଟ ସମୟରେ ଅଭିଯୋଗକାରୀ କୁମାର ଶିବ ଶଙ୍କର ପୁରୀ ଯିବା ପାଇଁ ରାଜମହଲ ମୋ ବସ୍ ଷ୍ଟପ୍ ନିକଟରେ ବସ୍‌ରେ ଚଢୁଥିବା ବେଳେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ପକେଟରୁ ସାମସଙ୍ଗ ମୋବାଇଲ ଫୋନ୍ ଚୋରି କରି ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ବୈଷୟିକ ବିଶ୍ଳେଷଣଆଧାରରେ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ ଯାଇଥିଲା। ତଲାସି ସମୟରେ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଚୋରି ହୋଇଥିବା ସାମସଙ୍ଗ ମୋବାଇଲ ଫୋନ୍ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ ଉକ୍ତ ମୋବାଇଲର ରସିଦ ଦେଖାଇପାରିନଥିଲେ ଏବଂ ପଚରାଉଚରା ବେଳେ ସେ ଚୋରି କରିଥିବା କଥା ସ୍ୱୀକାର କରିଥିଲେ। ପରେ ଉଦ୍ଧାର ମୋବାଇଲକୁ ଆଇନଗତ ପ୍ରକ୍ରିୟା ପରେ ଅଭିଯୋଗକାରୀଙ୍କ ଜିମାରେ ଦିଆଯାଇଥିଲା। ଅଭିଯୁକ୍ତ ରାକେଶ ଦଳେଇର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ ଯାଞ୍ଚରୁ ତାଙ୍କ ନାମରେ ପୂର୍ବରୁ ନିରାକାରପୁର, ଭୁବନେଶ୍ୱର ଜି.ଆର୍.ପି.ଏସ, ପୁରୀ ଜି.ଆର୍.ପି.ଏସ., ଏବଂ କ୍ୟାପିଟାଲ ଥାନାରେ ୪ଟି ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

## ୧୮ ଲକ୍ଷ ୭୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ



କଟକ(ନି ପ୍ର): ରଥଯାତ୍ରା ଉପଲକ୍ଷେ ନିଶା କାରବାର ଉପରେ କଡ଼ା ନଜର ରଖିବା ପାଇଁ ଅବକାରୀ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ୍-୧ (ଫ୍ଲାଇଂ ସ୍କ୍ୱାର୍ଡ), କଟକ ପକ୍ଷରୁ ପୁରୀ ଜିଲ୍ଲାରେ ଆଉ ଗୋଟିଏ ବଡ଼ ଏନଡିପିଏସ ମାମଲା ରୁଜୁ କରାଯାଇଛି। ଅବକାରୀ ଅଧିକ୍ଷକ ସମରଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରୋଶନ ଇସୁ ହାଂସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ସମ୍ଭୁଭାରତି ପାଟଣା ଗ୍ରାମରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସମ୍ଭୁଭାରତି ନିବାସୀ ଚିନ୍ମୟ ସାହୁ (୩୭)ଙ୍କ ନିକଟରୁ ୧୮୭ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୮ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଚଢ଼ାଉ ଦଳରେ ଇନ୍ସପେକ୍ଟର ସୁଶାନ୍ତ କୁମାର ମହପାତ୍ର, ସବ୍ ଇନ୍ସପେକ୍ଟର ଅମିତ୍ କୁମାର ବିଶ୍ୱାଳ, ସବ୍ ଇନ୍ସପେକ୍ଟର ବିଜୟ କୁମାର ମଲ୍ଲିକ୍, ସହକାରୀ ସବ୍ ଇନ୍ସପେକ୍ଟର ସୁମତି ମହାନ୍ତି, କନଷ୍ଟେବଳ ଦେବାଶିଷ ବେହେରା, ପବିତ୍ର କୁମାର ଦାଶ, ଶଙ୍କର୍ଷଣ ରାଉତ, ଚନ୍ଦ୍ରକାନ୍ତ ସାହୁ, ମୁନିରାମ ହାଁସଦା ଏବଂ ଡ୍ରାଇଭର କୃଷ୍ଣ ମୋହନ ଦାସ ସାମିଲ ଥିଲେ। ରଥଯାତ୍ରା ସମୟରେ ଅଞ୍ଚଳକୁ ନିଶାମୁକ୍ତ ରଖିବା ପାଇଁ ଅବକାରୀ ବିଭାଗର ଏହି ଅଭିଯାନ ଜାରି ରହିବ।

## ଚୋରା ଦେଶୀ ମଦ ଜବତ: ବାଇକ ସହ ୩ ଗିରଫ



ଜଳେଶ୍ୱର(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢାଉ କରି ଚୋରା ଦେଶୀ ମଦ ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ବାଇକ ଜବତ୍ କରାଯାଇଛି। ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ଅନ୍ତର୍ଗତ ରଣାମୁଣ୍ଡଳି ଗାଁରେ ଚୋରା ମଦ କାରବାର ହେଉଛି ବୋଲି କୌଣସି ସୂତ୍ରରୁ ଖବରପାଇ ଅବକାରୀ ପୁଲିସ ଅଚାନକ ଚଢାଉ କରିଥିଲା। ପୁଲିସ ଏହି ଗାଁରୁ କୁଶଡ଼ିହା ନିବାସୀ ନାରାୟଣ ସେନାପତିକୁ ଗିରଫ କରି ତାଠାରୁ ମଦ ସହ ଗୋଟିଏ ବାଇକ, ରଣାମୁଣ୍ଡଳୀ ନିବାସୀ ରାଜୁ ରାମ ଓ କଟି ସିଂଠାରୁ ମଦ ଜବତ କରି ସେମାନଙ୍କ ବିରୋଧରେ ଯଥାକ୍ରମେ କେସ ନଂ ୬୦,୬୧,୬୨/୨୦୨୬ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରାଯାଇଛି।

## ମାର୍କେଟ୍ ବିଲ୍ଡିଂରୁ ମହିଳାଙ୍କ ଟଙ୍କା ଲୁଟ, ୪ ମହିଳା ଗିରଫ


ଭୁବନେଶ୍ୱର(ନି.ପ୍ର): ସପିଂ କରିବାକୁ ଯାଇଥିବା ଜଣେ ମହିଳାଙ୍କ ଠାରୁ ଟଙ୍କା ଲୁଟ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୪ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୂପା ସିସୋଦିଆ, ଚାନ୍ଦିନି ସିସୋଦିଆ, କରିସ୍ମା ଛୟାଲ ଓ ସଙ୍ଗୀତା ଧପନି। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଅଭିଯୋଗକାରିଣୀ ଅନୁପମା ସାହୁ ତାଙ୍କ ଭଉଣୀ ମମତା ସେନାପତିଙ୍କ ସହ ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂକୁ ସପିଂ କରିବାକୁ ଯାଇଥିଲେ। ସେଠାରେ କିଛି ଅଜଣା ମହିଳା ଜାଣିଶୁଣି ସେମାନଙ୍କ ଚାରିପାଖରେ ଭିଡ଼ ସୃଷ୍ଟି କରିଥିଲେ। ସେହି ସୁଯୋଗରେ ଅଭିଯୋଗକାରିଣୀଙ୍କ ହ୍ୟାଣ୍ଡବ୍ୟାଗରୁ ୧୬,୮୭୦ ଟଙ୍କା ଚୋରି ହୋଇଥିଲା। ହ୍ୟାଣ୍ଡବ୍ୟାଗ ଯାଞ୍ଚ କରିବା ପରେ ଟଙ୍କା ନଥିବା ଜାଣି ଉଭୟ ଆଖପାଖରେ ଖୋଜାଖୋଜି କରିଥିଲେ। ନିକଟସ୍ଥ ଦୋକାନୀଙ୍କଠାରୁ ଜାଣିବାକୁ ପାଇଥିଲେ ଯେ, କିଛି ସନ୍ଦିଗ୍ଧ ମହିଳା ତାଙ୍କ ହ୍ୟାଣ୍ଡବ୍ୟାଗ ଖୋଲୁଥିବା ଦେଖାଯାଇଥିଲା। ଏହାପରେ ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ଚାରିଜଣ ସନ୍ଦିଗ୍ଧ ମହିଳାଙ୍କୁ କାବୁ କରି ପିସିଆର୍‌କୁ ସୂଚନା ଦେଇଥିଲେ। ପିସିଆର୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଥାନାକୁ ନେଇଥିଲେ। ପଚରାଉଚରା ବେଳେ ଦୁଇଜଣ ମହିଳା ନିଜ ନାମ ରୂପା ସିସୋଦିଆ ଓ ଚାନ୍ଦିନୀ ସିସୋଦିଆ ବୋଲି କହିଥିବା ବେଳେ, ଅନ୍ୟ ଦୁଇଜଣ ନିଜ ପରିଚୟ ଦେଇନଥିଲେ। ପରେ ଅଭିଯୋଗକାରିଣୀଙ୍କ ଲିଖିତ ଅଭିଯୋଗ ଆଧାରରେ ୧୬,୮୭୦ ଟଙ୍କା ଚୋରି ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସନ୍ଦିଗ୍ଧ ମହିଳାମାନଙ୍କର ବ୍ୟକ୍ତିଗତ ଯାଞ୍ଚ ବେଳେ ଅଭିଯୁକ୍ତ ରୂପା ସିସୋଦିଆଙ୍କ ଭ୍ୟାନିଟି ବ୍ୟାଗରୁ ଚୋରି ହୋଇଥିବା ୧୬,୮୭୦ ଟଙ୍କା ଉଦ୍ଧାର କରାଯାଇଥିଲା। ଅଭିଯୋଗକାରିଣୀ ଅନୁପମା ସାହୁ ଉଦ୍ଧାର ହୋଇଥିବା ଟଙ୍କାକୁ ନିଜର ବୋଲି ଚିହ୍ନଟ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ, ସେମାନେ ମଧ୍ୟପ୍ରଦେଶର ବାସିନ୍ଦା ଏବଂ ଭିଡ଼ଥିବା ବଜାର ଓ ସାର୍ବଜନୀନ ସ୍ଥାନରେ ଲୋକଙ୍କୁ ଟାର୍ଗେଟ୍ କରି ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିଲେ। ସେମାନେ ଆହୁରି ମଧ୍ୟ ସ୍ୱୀକାର କରିଥିଲେ ଯେ, ଗତ ୨୦.୦୭.୨୦୨୬ ରେ ସେହି ଉଦ୍ଦେଶ୍ୟରେ ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂକୁ ଆସିଥିଲେ। ସେମାନଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ସ୍ଥାନୀୟ ଲୋକେ ପିସିଆରକୁସୂଚନା ଦେଇଥିଲେ। ପିସିଆର୍ ଦଳ ଘଟଣାସ୍ଥଳରେ ପହଞ୍ଚି ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ନେଇଆସିଥିଲା। ତଦନ୍ତକାରୀ ଅଧିକାରୀଙ୍କ ପଚରାଉଚରା ବେଳେ ଚାରିଜଣ ଅଭିଯୁକ୍ତ ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ଜମି ଠକେଇ ଅଭିଯୋଗ, ଅଭିଯୁକ୍ତ ଠକ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ଜମି ଦେବା ନାଁରେ ଠକେଇ କରିବା ଅଭିଯୋଗରେ ବଡଗଡ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରଂଜିତ କୁମାର ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛିଯେ, ଅଭିଯୁକ୍ତ ରଞ୍ଜିତ କୁମାର ସାହୁ ନିଜକୁ ଜମି ବିକ୍ରେତା ଭାବେ ପରିଚୟ ଦେଇ ଅଭିଯୋଗକାରିଣୀ ଲିପ୍ସା ଭୂୟାଁଙ୍କୁ ଚନ୍ଦକା ଥାନା ଅନ୍ତର୍ଗତ ପଥରଗାଡ଼ିଆ ମୌଜାର ଜମି ବିକ୍ରି କରିବା ପାଇଁ ପ୍ରଲୋଭନ ଦେଇଥିଲେ। ପ୍ରଥମେ ୩୦୦୦ ବର୍ଗଫୁଟ ଜମି ବିକ୍ରୟ ପାଇଁ ଚୁକ୍ତି କରି ଅଗ୍ରିମ ଅର୍ଥ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ବ୍ୟାଙ୍କ କାରବାର ମାଧ୍ୟମରେ ଅଭିଯୋଗକାରିଣୀଙ୍କ ଠାରୁ ବିପୁଳ ପରିମାଣର ଟଙ୍କା ଗ୍ରହଣ କରି ଅନ୍ୟ ତିନିଜଣ ବ୍ୟକ୍ତିଙ୍କ ମାଧ୍ୟମରେ ଜମି ବିକ୍ରୟ ଦଲିଲ କରାଇଥିଲେ। କିନ୍ତୁ ପରେ ଜଣାପଡ଼ିଥିଲା ଯେ ଉକ୍ତ ବ୍ୟକ୍ତିମାନେ ଜମିର ପ୍ରକୃତ ମାଲିକ ନୁହନ୍ତି ଏବଂ ଜମିର ଦଖଲ କିମ୍ବା ରେକର୍ଡ ଅଫ୍ ରାଇଟ୍ସ ଅଭିଯୋଗକାରିଣୀଙ୍କ ନାମରେ ହସ୍ତାନ୍ତର କରାଯାଇନଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପୁଣି ଆଉ ଏକ ଚୁକ୍ତିନାମା କରି ୬୦୦୦ ବର୍ଗଫୁଟ ଜମି ବିକ୍ରୟର ପ୍ରତିଶ୍ରୁତି ଦେଇ ଅଧିକ ଅଗ୍ରିମ ଟଙ୍କା ଗ୍ରହଣ କରିଥିଲେ, କିନ୍ତୁ ଜମି ପ୍ରଦାନ କରିନଥିଲେ। ଏପରି ଭାବେ ଜାଲିଆତି ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୋଗକାରିଣୀଙ୍କଠାରୁ ଏକ କୋଟି ଟଙ୍କାରୁ ଅଧିକ ଅର୍ଥ ଠକେଇ କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ତଦନ୍ତ ସମୟରେ ବିଭିନ୍ନ ଚୁକ୍ତିନାମା, ବିକ୍ରୟ ଦଲିଲ ଓ ବ୍ୟାଙ୍କ ଷ୍ଟେଟମେଣ୍ଟ ଜବତ କରାଯାଇଥିଲା।

### ମହାଲକ୍ଷ୍ମୀ ମନ୍ଦିରରେ ଅଗ୍ନିକାଣ୍ଡ
## ଗ୍ୟାସ୍ ଲିକ୍‌ରୁ ପୂଜକ ଆହତ: ଟଳିଗଲା ବଡ଼ ଦୁର୍ଘଟଣା

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ସହରର ଅନ୍ୟତମ ପ୍ରସିଦ୍ଧ ଶ୍ରୀ ମହାଲକ୍ଷ୍ମୀ ମନ୍ଦିର ଏକ ବଡ଼ଧରଣର ଅଗ୍ନିକାଣ୍ଡ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛି। ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳେ ମନ୍ଦିର ପୂଜାର୍ଚ୍ଚନା ସାରି ପୂଜକ ବଳରାମ ପଣ୍ଡା ମନ୍ଦିର ବନ୍ଦକରି ଘରକୁ ଯାଇଥିଲେ। ସନ୍ଧ୍ୟା ସମୟରେ ମନ୍ଦିରକୁ ଫେରି ମହାଲକ୍ଷ୍ମୀଙ୍କ ଭୋଗ 'ପୁଳି' ପ୍ରସ୍ତୁତ କରିବା ପାଇଁ ଗ୍ୟାସ ଚୁଲି ଲଗାଇବାକୁ ଚେଷ୍ଟା କରିଥିଲେ। ତେବେ ପୂର୍ବରୁ ଗ୍ୟାସ ସଂଲଗ୍ନ ପାଇପରୁ ଗ୍ୟାସ ଲିକ୍ ହୋଇ ରୋଷେଇ ଘରସାରା ଗ୍ୟାସ ବ୍ୟାପି ରହିଥିଲା। ପୂଜକ ଶ୍ରୀ ପଣ୍ଡା ଯେତେବେଳେ ଚୁଲିରେ ନିଆଁ ସଂଯୋଗ କରିଥିଲେ, ହଠାତ୍ ଅଗ୍ନିସଂଯୋଗ ଘଟି ନିଆଁ ସାରା ଘରକୁ ବ୍ୟାପିଯାଇଥିଲା। ଏହି ଦୁର୍ଘଟଣାରେ ପୂଜକଙ୍କ ଗୋଡ଼ ଏବଂ ଛାତିରେ ସାମାନ୍ୟ ନିଆଁ ଲାଗି ସେ ଆହତ ହୋଇଛନ୍ତି। ଘଟଣା ପରେ ତୁରନ୍ତ ତାଙ୍କୁ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମା' ମହାଲକ୍ଷ୍ମୀଙ୍କ ଅପାର କୃପାରୁ ଆଜି ଏକ ନିଶ୍ଚିତ ବଡ଼ ଅଘଟଣରୁ ମନ୍ଦିର ସହ ପୂଜକଙ୍କ ଜୀବନ ରକ୍ଷା ପାଇଯାଇଛି ବୋଲି ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣରେ ଆଲୋଚନା ହେଉଛି।



## ଦାଦାକୁ ପୁତୁରାର ଆକ୍ରମଣ: ଥାନାରେ ମାମଲା

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଦକ୍ଷିଣସାହି ଗ୍ରାମରେ ପୁତୁରା ଆକ୍ରମଣରେ ଦାଦା ଆହତ ହେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୨୨୦/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଦକ୍ଷିଣସାହି ଗ୍ରାମର ଅପର୍ତ୍ତି ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅପର୍ତ୍ତିଙ୍କ ବଡ଼ଭାଇଙ୍କ ସାନ ପୁଅ ଧୁଶାସନ ବେହେରା ଅନେକ ସମୟରେ ଅପର୍ତ୍ତିଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ମାରିବାକୁ ଧମକ ଦେଇଥାଏ। ଗତ ସୋମବାର ଅପର୍ତ୍ତି ବିଲରେ କାମ କରୁଥିଲା ବେଳେ ଧୁଶାସନ ସେଠାକୁ ଯାଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲା। ଅପର୍ତ୍ତି ପ୍ରତିବାଦ କରିବାରୁ ଅଭିଯୁକ୍ତ ହାତରେ ଧରିଥିବା କଟୁରୀରେ ହାଣିବାକୁ ଗୋଡାଇଥିଲା। ଭୟରେ ଅପର୍ତ୍ତି ଘରକୁ ପଳାଇ ଆସିଥିଲେ। ଅଭିଯୁକ୍ତ ସେଠାରେ ପହଞ୍ଚି ଆକ୍ରମଣ କରିବାକୁ ଉଦ୍ୟମ କରିବା ବେଳେ ଅପର୍ତ୍ତି କଟୁରୀ ଛଡ଼ାଇ ଫିଙ୍ଗି ଦେଇଥିଲେ । ଫଳରେ ଧୁଶାସନ ତାଙ୍କ ମୁହଁକୁ ମୁଥ ମାରିବାରୁ ଅପର୍ତ୍ତିଙ୍କ ଦାନ୍ତ ଭାଙ୍ଗି ଯାଇଥିଲା। ପରିବାର ଲୋକେ ଧୁଶାସନକୁ କାବୁକରି ଅପର୍ତ୍ତିଙ୍କୁ ଚିକିତ୍ସା ନିମନ୍ତେ ପୁରୀ ମେଡ଼ିକାଲକୁ ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ



ରେଢ଼ାଖୋଲ(ନିପ୍ର): ସମ୍ବଲପୁର - କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ଥାନା ଅନ୍ତର୍ଗତ ଲୁହାପଙ୍କ ପଞ୍ଚାୟତ ବେତଗଡ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ିର ଧକ୍କାରେ ଜଣେ ଗ୍ଲାମର ବାଇକ ଆରୋହୀ ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଛନ୍ତି। ଖବରପାଇ ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତ ଯୁବକ ଜଣଙ୍କ ହେଉଛନ୍ତି କିଶୋରନଗର ଥାନା ଅନ୍ତର୍ଗତ କଦଳିମୁଣ୍ଡା ଥାନା ଧୋଉରାଗୁଠ ଗାଁର ବାସିନ୍ଦା। ତେବେ ତାଙ୍କ ନାମ ଏବଂ ବୟସ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଅଜଣା ଗାଡ଼ିର ଖୋଜ ଜାରି ରଖିଛି।

## ଧରାପଡ଼ିଲେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ
### ୪ ଗିରଫ, ୨୭ ମୋବାଇଲ ଫୋନ ଜବତ

କରଞ୍ଜିଆ: ଦିନରେ ରାଜମସ୍ତ୍ରୀ ଆଉ ରାତିରେ ଡକାୟତି। ଏଭଳି ଏକ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ସଫଳ ହୋଇଛି ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂ ବେଳେ ୪ ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଛି।ଏମାନେ ପଶ୍ଚିମବଙ୍ଗରୁ ଆସି ଦିନବେଳା ରାଜମିସ୍ତ୍ରୀ ଓ ରାତିରେ କରୁଥିଲେ ଡକାୟତି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ହୁମାୟୁନ ସେକ୍, ଆସଲମ୍ ସେକ୍, ମିଣ୍ଟୁ ଏସ କେ ଓ ଆଦୁତ ସେକ୍ । ସୂଚନା ଅନୁଯାୟୀ ମଙ୍ଗଳବାର ରାତି ପ୍ରାୟ ୨ ଟା ସମୟରେ କରଞ୍ଜିଆ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କାଳିକାପୁର ଜଙ୍ଗଲ ନିକଟରେ କରଞ୍ଜିଆ ପଟୁ ୪ଟି ମୋଟର ସାଇକେଲରେ କିଛି ଲୋକ ଯଶିପୁର ଆଡକୁ ଯାଉଥିବା ଦେଖି ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ହେଲେ ପୋଲିସକୁ ଦେଖି ମୋଟର ସାଇକେଲ ଛାଡି ସେମାନେ ଦୌଡ଼ି ପଳାଇଥିଲେ। ପୋଲିସ୍ ବହୁ କଷ୍ଟରେ ତାଙ୍କ ମଧ୍ୟରୁ ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କ ମୋଟର ସାଇକେଲ ଯାଞ୍ଚ କଲାରୁ ବିଭିନ୍ନ ପ୍ରକାରର ହାତ ହତିଆର ଜବତ କରିବା ସହିତ ତାଙ୍କ ନିକଟରୁ ସନ୍ତୋଷ ଜନକ ଉତ୍ତର ପାଇନଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରି ସେମାନେ ରହିଥିବା ଘଡାଘାଗୁରି ଗ୍ରାମ ଭଡ଼ାଘରେ ଚଢ଼ାଉ କରିଥିଲା । ଚଢ଼ାଉବେଳେ ସେଠାରୁ ମୋବାଇଲ ଫୋନ ୨୬ଟି, ଗ୍ୟାସ ସିଲିଣ୍ଡର ୭ଟି, ମନିପର୍ସ ୧୫ଟି, ଭଙ୍ଗା ତାଲା ୪ଟି, ଚାବିକାଠି ୧୫ଟି, ମୋବାଇଲ ଚାର୍ଜର ୩୭ଟି, ଆଧାର କାର୍ଡ ୧୮ଟି, ପାନ କାର୍ଡ ୬ଟି, ଭୋଟର ପରିଚୟ ପତ୍ର ୮ଟି, ଏଟିଏମ୍ କାର୍ଡ ୮ଟି, ନଗଦ ୫୧,୯୨୦ ଟଙ୍କା ସହିତ ସୁନା ଅଳଙ୍କାର ଜବତ କରିଥିଲା ପୋଲିସ ।

## ପାଣି ମିଟର ସିରିଜ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ଖଣ୍ଡପଡ଼ା ପୁଲିସ ବିଫଳ !

ଖଣ୍ଡପଡ଼ା(ନିପ୍ର): ଗତ ଏକ ମାସ ମଧ୍ୟରେ ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରୁ ଲୁଟେରାମାନେ ପାଣି ମିଟରଗୁଡିକ ଚୋରିକରି ନେଇଥିବା ଜଣାପଡିଛି। ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ପୁଲିସ ନାମକୁ ମାତ୍ର ଏକ ମାମଲା ରୁଜୁକରି ହାତବାନ୍ଧି ବସିଥିବା ଜଣାଯାଇଛି। ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ଖଣ୍ଡପଡ଼ା ପୁଲିସ ଲୁଟେରାଙ୍କ ସଂପର୍କରେ କୌଣସି ସୂଚନା ନ ପାଇବା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସହର ସାରା ଆଲୋଚନା ହେଉଛି। ସହରର ବିଭିନ୍ନ ସ୍ଥାନରୁ ପାଣି ମିଟର ସିରିଜ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ପୁଲିସର ବିଫଳତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ପରୋକ୍ଷରେ ପୁଲିସର ଦୁର୍ବଳତାକୁ ନେଇ ଲୁଟେରାମାନେ ବେଶ ସକ୍ରିୟ ହୋଇଉଠିଥିବା ଜଣାପଡିଛି। ବିଳମ୍ବିତ ରାତିରେ ଲୁଟେରାମାନେ ପାଣି ମିଟରଗୁଡିକ ଚୋରିକରି ନେଇ ସେଥିରେ ଲାଗିଥିବା ପିତ୍ତଳ ସାମଗ୍ରୀଗୁଡିକୁ ଆଖପାଖ ଅଞ୍ଚଳର କବାଡିଆ ଦୋକାନୀଙ୍କୁ ଶାଗମାଛ ଦରରେ ବିକ୍ରୀ କରି ଦେଉଥିବା ଅଭିଯୋଗ ହେଉଛି। ତେବେ ପାଣି ମିଟର ସିରିଜ ଚୋରି ଘଟଣାରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ସଂପୃକ୍ତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ପୁଲିସ ଲୁଟେରାଙ୍କ ସଂପର୍କରେ ଟେର ନ ପାଇବା ଆଶ୍ଚର୍ଯ୍ୟର ବିଷୟ। ତେବେ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ପୁଲିସ ଘଟଣାର ତଦନ୍ତ କଲେ ଚୋରି ଘଟଣାର ପର୍ଦ୍ଦାଫାସ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଖଣ୍ଡପଡା ଏସଡିପିଓ ଓ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ: ଅଧ୍ୟକ୍ଷ ପଦକୁ ନେଇ ଛକାପଞ୍ଝା

କାକଟପୁର(ନିପ୍ର): କାକଟପୁରସ୍ଥିତ ପ୍ରାଚୀନ ମହାବିଦ୍ୟାଳୟ ଭାବେ ମାନ୍ୟତା ପ୍ରାପ୍ତ ମଙ୍ଗଳା ମହାବିଦ୍ୟାଳୟ ସୁନାମର ଶୀର୍ଷରେ ପହଞ୍ଚିଥିଲେ ମଧ କଲେଜ ପରିଚାଳନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ପୂର୍ବତନ ଅସୁସ୍ଥ ଅଧ୍ୟକ୍ଷଙ୍କ କୋଣାର୍କ ସ୍ଥିତ ଭଗବତୀ ମହାବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ଅଧ୍ୟକ୍ଷଙ୍କ ନୂତନ ଦାୟିତ୍ୱ ହସ୍ତାନ୍ତରକୁ ନେଇ ବିବାଦ ଉପୁଜିଛି । କଲେଜ ଅଧ୍ୟାପକଙ୍କ ମଧ୍ୟରେ ବରିଷ୍ଠତା ଭିତ୍ତିରେ ଦାୟିତ୍ୱ ହସ୍ତାନ୍ତରକୁ ନେଇ ପ୍ରତିଯୋଗିତା ଚାଲିଥିଲେ ମଧ କନିଷ୍ଠ ଅଧ୍ୟାପକ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି । ମଙ୍ଗଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ପାଠପଢାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ଓ କନିଷ୍ଠ ଦୃଷ୍ଟି ଦେଉନଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ନିଜ ନିଜ ଭିତରେ ପ୍ରତିଯୋଗିତା ତୀବ୍ର ହେବାରେ ଲାଗିଛି । ଉକ୍ତ ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ବ୍ୟାପକ ହରିଲୁଟ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରିହୋଇପଡୁଛି । ତତ୍କାଳୀନ ଅଧ୍ୟକ୍ଷ ଗୋଟିଏ ଗୋଷ୍ଠୀଙ୍କୁ କଲେଜର ପରିଚାଳନା ଦାୟିତ୍ୱ ଦେଇଥିବା ବେଳେ ଅନ୍ୟ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରି ଭୋକ ବିକଳରେ ତାଟିଆ କାମୁଡୁ ଥିବାର ଚିତ୍ର ସାମ୍ନାକୁ ଆସିଛି । ଗତ ୩ ବର୍ଷ ଭିତରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଶାନୁରୂପ ଫଳ ପାଇପାରି ନଥିବାବେଳେ କଲେଜର ଗାରିମା ଅନ୍ଧାରକୁ ଠେଲି ହୋଇଯାଇଛି । ବିଶେଷ କରି ଅଧ୍ୟକ୍ଷ ପଦକୁ କେନ୍ଦ୍ରକରି ବିଜେପି ଓ ବିଜେଡି ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ମହାବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକଳାପ ପ୍ରଭାବିତ ହେଉଥିବା ଚର୍ଚ୍ଚା ହେଉଛି । ତଳିଆ କର୍ମଚାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପରିଚାଳନା କମିଟିର ନେତୃତ୍ୱକୁ ନେଇ ଦୀର୍ଘଦିନ ଧରି ମତଭେଦ ଲାଗି ରହିଛି। ଏହି ବିବାଦ ପଛରେ ରାଜନୈତିକ ପ୍ରଭାବ ରହିଥିବା ଅଭିଯୋଗ ମଧ୍ୟ ଉଠୁଛି। ଉଭୟ ପକ୍ଷ ନିଜ ନିଜ ଦାବିକୁ ସଠିକ୍ ବୋଲି କହୁଥିବା ବେଳେ ପରିସ୍ଥିତି କ୍ରମେ ଜଟିଳ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନରେ ରାଜନୈତିକ ହସ୍ତକ୍ଷେପ ବନ୍ଦକରି ସୁସ୍ଥ ପରିବେଶ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ତେବେ ବିବାଦର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ସୂଚନା ମିଳିନାହିଁ। ଆଗାମୀ ଦିନରେ ପରିସ୍ଥିତି କେଉଁ ଦିଗକୁ ମୋଡ଼ ନେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେଣୁ ତୁରନ୍ତ ଉକ୍ତ ମହାବିଦ୍ୟାଳୟରେ ଅଣରାଜନୈତିକ ଅଧ୍ୟକ୍ଷଙ୍କୁ ସ୍ଥାୟୀ ନିଯୁକ୍ତି କରିବାକୁ ପୁରୀଜିଲ୍ଲା ଉପ ଜିଲ୍ଲାପାଳଙ୍କ ନିକଟରେ ସାଧାରଣରେ ଦାବି ହେଉଛି ।




## ନାକଟିଦେଉଳ ଏଟିଏମ୍‌ରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍




ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଛକରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଗତକାଲି ରାତି ୧୦ ଟାରୁ ୧୦.୩୦ ମଧ୍ୟରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ପ୍ରାଥମିକ ତଥ୍ୟ ଅନୁସାରେ ଦୁର୍ବୃତ୍ତମାନେ ପ୍ରଥମେ ଏଟିଏମ୍ ଏବଂ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାରେ ସ୍ପ୍ରେ ମାରି ତାକୁ ବନ୍ଦ କରିଦେଇଥିଲେ। ପରେ ଏଟିଏମ୍ କୁ ଭାଙ୍ଗି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଘଟଣା ଜଣାପଡିବା ପରେ ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସମ୍ବଲପୁରୁ ସାଇଣ୍ଟିଫିକ୍ ଟିମ୍ ଆସି ପ୍ରମାଣ ସଂଗ୍ରହ କରିଛି। ପୋଲିସ ଆଖପାଖ ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ଏବଂ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

# ନାକଚଣା ଦ୍ୱାରରେ ଲାଗିଲା ତାଳଧ୍ୱଜ ଓ ନନ୍ଦିଘୋଷ ରଥ



**ପୁରୀ, ୨୨/୭(ନିପ୍ର):** ହେରାପଞ୍ଚମୀ ପରେ ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଗତକାଲି ମଙ୍ଗଳବାର ତିନିରଥକୁ ଆଜ୍ଞାମାଳ ଆସିବା ପରେ ପ୍ରଥମେ ଦେବୀ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣାଯାଇ ନାକଚଣା ଦ୍ୱାର ଠାରେ ଲାଗିଥିଲା । ପରେ ପରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଳ୍ପ ଟଣା ହେବା ପରେ ପ୍ରବଳ ବର୍ଷା ହେବାରୁ ରଥଟଣା କାର୍ଯ୍ୟ ବନ୍ଦ ରହିଥିଲା । ବୁଧବାର ସକାଳ ପ୍ରଥମେ ବଡଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇ ନାକଚଣା ଦ୍ୱାର ଠାରେ ଲାଗିଥିଲା । ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇ ନାକଚଣା ଦ୍ୱାର ଠାରେ ଲାଗିବା ପରେ ରଥକୁ ରଥ ନଲାଗିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଶ୍ରୀମନ୍ଦିର କର୍ମଚାରୀ, ପୋଲିସ, ରଥ ଟାଣି ଥିବାବେଳେ ମହାରଣା ସେବକ ଓ ଭୋଇ ସେବକ ସହଯୋଗ କରିଥିଲେ । ଭକ୍ତ ମାନଙ୍କ ହରିବୋଲ, ହୁଳହୁଳି ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି । ପୋଲିସ ବ୍ୟାରିକେଡ କରି ତିନିରଥର ଚାରିପଟେ ଜଗି ରହିଛନ୍ତି । ଭକ୍ତ ମାନେ ତିନିରଥକୁ ମୁଣ୍ଡିଆ ମାରୁଛନ୍ତି । ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଛି ଶରଧାବାଲି । ଏବେ ତିନିରଥ ନାକଚଣା ଦ୍ୱାରରେ ଅପେକ୍ଷାରତ । ଆସନ୍ତାକାଲି ସଂଧ୍ୟା ଦର୍ଶନ । ଶ୍ରୀଗୁଣ୍ଡିଚା ମନ୍ଦିର ଆଡପପଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶୁକ୍ରବାର ବାହୁଡାଯାତ୍ରାରେ ଶ୍ରୀବିଗ୍ରହ ମାନେ ସିଂହଦ୍ୱାର ଅଭିମୁଖେ ବାହୁଡିବେ ।

## 'ଓଡ଼ିଶାରେ ୭୬ଟି କେନ୍ଦ୍ରୀୟ ବିଦ୍ୟାଳୟ'

ଭୁବନେଶ୍ୱର, ୨୨।୭: ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଓଡ଼ିଶାରେ ୭୬ଟି କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ଏବଂ ପାଞ୍ଚଟି କେନ୍ଦ୍ରୀୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟ କରୁଛି ବୋଲି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ବୁଧବାର ରାଜ୍ୟସଭାରେ ସୂଚନା ଦେଇଛନ୍ତି। ଓଡ଼ିଶା ରାଜ୍ୟସଭା ସାଂସଦ ଦିଲୀପ କୁମାର ରାୟଙ୍କ ଦ୍ୱାରା ଉପସ୍ଥାପିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଏହି ସୂଚନା ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ୍ ଫର୍ ଏଡୁକେସନ୍ ପ୍ଲସ୍ ୨୦୨୫-୨୬ ଏବଂ ଅଲ୍ ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେସନ୍ ୨୦୨୩-୨୪ରୁ ସଂକଳନ କରାଯାଇଛି।

## ରେଭେନ୍ସା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨/୭: ସରକାରୀ ଆବାସିକ କ୍ୱାର୍ଟରର ସଠିକ୍ ପରିଚାଳନା, ଅନଧିକୃତ ଦଖଲ ରୋକିବା ଓ ବିଦ୍ୟୁତ୍, ପାଣି ସମେତ ଅନ୍ୟାନ୍ୟ ସରକାରୀ ପ୍ରାପ୍ୟ ଆଦାୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଉଚ୍ଚଶିକ୍ଷା ବିଭାଗ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପୁଣି ଥରେ କଡ଼ା ତାଗିଦ କରିଛି। ପୂର୍ବରୁ ଜାରି ନିର୍ଦ୍ଦେଶ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁପାଳନ ରିପୋର୍ଟ ଦାଖଲ କରାଯାଇନଥିବାରୁ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ତଥ୍ୟ ସହ ବିସ୍ତୃତ ରିପୋର୍ଟ ପଠାଇବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକ କଳୀପ୍ରସନ୍ନ ମହାପାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଗତ ୧୦ ଜୁନରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସରକାରୀ କ୍ୱାର୍ଟରଗୁଡ଼ିକର ବ୍ୟବହାରକୁ ଯୁକ୍ତିସଙ୍ଗତ କରିବା, ଅନଧିକୃତ ଦଖଲ ଚିହ୍ନଟ ଓ ହଟାଇବା ସହ ବିଦ୍ୟୁତ୍, ପାଣି ଓ ଅନ୍ୟାନ୍ୟ ଦେୟ ଆଦାୟର ସମୀକ୍ଷା କରି ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା।

## କାର୍ ଧକ୍କାରେ ଚୂରମାର୍ ଅଟୋ, ୨ ଆହତ

ଭୁବନେଶ୍ୱର, ୨୨/୭(ନିପ୍ର): ଭୁବନେଶ୍ୱରର ପଟିଆ-ଜୟଦେବ ବିହାର ମୁଖ୍ୟ ରାସ୍ତାରେ ଗୁରୁବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଦ୍ରୁତ ଗତିରେ ଆସୁଥିବା ଏକ କାର ପଛପଟୁ ଏକ ଅଟୋକୁ ଜୋରଦାର ଧକ୍କା ଦେବାରୁ ଅଟୋଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିଲା। ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ଦୁର୍ଘଟଣାରେ ଅଟୋରେ ଥିବା ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସି ଆହତମାନଙ୍କୁ ଅଟୋରୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ପଠା ଯାଇଥିଲା। ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ।



### ସିଏମଓରୁ ଫାଇଲ୍ ଗାୟବ ଘଟଣା

## ହାଜର ହେଲେନି ରାଜେଶ ବର୍ମା



ଭୁବନେଶ୍ୱର, ୨୨/୭(ନିପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଗାଏବ ଘଟଣାରେ ନୋଟିସ୍ ଜାରି ହୋଇଥିବା ରାଜେଶ ବର୍ମାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ନୋଟିସ୍ ହେବା ସତ୍ତ୍ୱେ ରାଜେଶ ବର୍ମା ଥାନାରେ ହାଜର ହୋଇ ନାହାନ୍ତି । ତାଙ୍କୁ ପୁଣି ଥରେ କ୍ୟାପିଟାଲ ଥାନା ପକ୍ଷରୁ ନୋଟିସ୍ କରାଯାଇ ପାରେ ବୋଲି ଚର୍ଚ୍ଚା ହେଉଛି । ସିଏମଓକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ତଦନ୍ତ ଫାଇଲ୍ ଏବଂ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ଫାଇଲ୍ ଗାଏବ ହେବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ଏବଂ ପୂର୍ବତନ ଆଇଏଏସ୍ ଅଧିକାରୀ ରାଜେଶ ବର୍ମାଙ୍କୁ ନୋଟିସ୍ ଜାରି କରିଥିଲା । ଗତ ୧୮ ତାରିଖରେ ମନୋଜ ମିଶ୍ର ଥାନାରେ ହାଜର ହୋଇଥିଲେ । ବୁଧବାର ସକାଳ ୧୧ଟା ସୁଦ୍ଧା ଥାନାରେ ହାଜର ହେବାକୁ ରାଜେଶ ବର୍ମାଙ୍କୁ ନୋଟିସ୍ ହୋଇଥିଲା ।

### ରେଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ...

## ରୋବୋଟିକ୍ ନିରୀକ୍ଷଣ ପ୍ଲାଟଫର୍ମର ଶୁଭାରମ୍ଭ

ଭୁବନେଶ୍ୱର, ୨୨/୭(ପିଆଇବି): ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ) "ଡିଏସସି ଅର୍ଜୁନ ନାମକ ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ସଞ୍ଚାଳିତ ରୋବୋଟିକ୍ ନିରୀକ୍ଷଣ ପ୍ଲାଟଫର୍ମର ଶୁଭାରମ୍ଭ କରିଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଯାତ୍ରୀ ସୁରକ୍ଷା, ଷ୍ଟେସନ ସୁରକ୍ଷା ଏବଂ ରେଳ ପରିଚାଳନାର ଦକ୍ଷତାକୁ ଆହୁରି ବୃଦ୍ଧି କରିବ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ବରିଷ୍ଠ ରେଳ ଅଧିକାରୀ ଏବଂ ରେଳ ସୁରକ୍ଷା ବଳର ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଏଆଇ-ସଞ୍ଚାଳିତ ରୋବୋଟିକ୍ ସୁରକ୍ଷା ପ୍ଲାଟଫର୍ମ "ଡିଏସସି ଅର୍ଜୁନ"ର ଉନ୍ମୋଚନ କରାଯାଇଥିଲା।



ଡିଏସସି ଅର୍ଜୁନର ପ୍ରଚଳନ ପୂର୍ବତଟ ରେଳପଥର ସ୍ମାର୍ଟ ଏବଂ ପ୍ରଯୁକ୍ତିବିଦ୍ୟା-ସଞ୍ଚାଳିତ ସୁରକ୍ଷା ବ୍ୟବସ୍ଥା ଗଠନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କମ୍ପ୍ୟୁଟର ଭିଜନ, ମେସିନ୍ ଲର୍ଣ୍ଣିଙ୍ଗ ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି ବୁଦ୍ଧିମାନ ରୋବୋଟିକ୍ ପ୍ଲାଟଫର୍ମ ରେଳ ସୁରକ୍ଷା ବଳଙ୍କୁ ଅଧିକ ସକ୍ରିୟ, ଦକ୍ଷ ଏବଂ ତ୍ୱରିତ ସୁରକ୍ଷା ସେବା ପ୍ରଦାନରେ ସହାୟତା କରିବ। କୋଭିଡ-୧୯ ମହାମାରୀ ସମୟରେ ଭାରତୀୟ ରେଳବାଇରେ ରୋବୋର୍ଟ ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥା ୨୦୨୦ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ଫ୍ରଣ୍ଟଲାଇନ୍ ରେଳ କର୍ମଚାରୀମାନଙ୍କୁ ସୁରକ୍ଷା ଦେବାରେ ସହାୟତା କରିବା ପାଇଁ କେନ୍ଦ୍ରୀୟ ରେଳବାଇ ଦ୍ୱାରା କ୍ୟାପଟେନ୍ ଅର୍ଜୁନ ବିକଶିତ କରାଯାଇଥିଲା।

## ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଓଡ଼ିଶାର ନୀଳ ଅର୍ଥନୀତି

ନୂଆଦିଲ୍ଲୀ,୨୨।୭(ପିଆଇବି) କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଅନ୍ତର୍ଗତ ମତ୍ସ୍ୟପାଳନ ବିଭାଗ ୨୦୨୦-୨୧ ଆର୍ଥିକ ବର୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ) କାର୍ଯ୍ୟକାରୀ କରିଆସୁଛନ୍ତି। ଏହି ସମୟ ମଧ୍ୟରେ, ମତ୍ସ୍ୟପାଳନ ଏବଂ ଜଳକୃଷିର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ୧,୩୦୧.୧୮ କୋଟି ଟଙ୍କାର ମତ୍ସ୍ୟ ବିକାଶ ପ୍ରସ୍ତାବକୁ ବିଭାଗ ଅନୁମୋଦନ କରିଛନ୍ତି, ଯେଉଁଥିରେ ୪୮୪.୬୪ କୋଟି ଟଙ୍କାର କେନ୍ଦ୍ରୀୟ ଭାଗ ସାମିଲ ଅଛି। ପିଏମଏମଏସୱାଇ ଅଧୀନରେ, ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଜାନୁଆରୀ ୨୦୨୫ରେ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଏକ ସମନ୍ୱିତ ଆକ୍ୱା ପାର୍କ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ, ଜମି ଅଧିଗ୍ରହଣ, କାର୍ଯ୍ୟକାରୀ ସଂସ୍ଥାକୁ ସମ୍ମତି ପତ୍ର ଜାରି, ଏବଂ ସଂଯୋଗୀକରଣ ସଡ଼କ ଓ ସୀମା ପ୍ରାଚୀର ନିର୍ମାଣ ଭଳି ମୁଖ୍ୟ ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇସାରିଛି। ଏହାସହ ଆଭ୍ୟନ୍ତରୀଣ ହ୍ୟାଚେରୀ ସୁବିଧା, ଗ୍ରୋ-ଆଉଟ୍‌ପୋଖରୀ , ପ୍ରସେସିଂ ୟୁନିଟ୍, ଗବେଷଣା ସୁବିଧା ଏବଂ ବର୍ଜ୍ୟଜଳ ବିଶୋଧନାଗାର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି।

### ||||||||||| ଭିନ୍ନକ୍ଷମଙ୍କୁ ପରିଚୟପତ୍ର ମିଳିବାରେ ହେଉଛି ବିଳମ୍ବ |||||||||||

# ପଡ଼ିରହିଛି ୪୪ ହଜାର ଆବେଦନ

**ଭୁବନେଶ୍ୱର, ୨୨/୭(ନିପ୍ର):** ଦିବ୍ୟାଙ୍ଗଙ୍କୁ ୟୁନିକ୍ ଡିସେବିଲିଟି ଆଇଡି ବା ୟୁଡିଆଇଡି କାର୍ଡ ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ହଜାର ହଜାର ଆବେଦନ ମେଡିକାଲ ଟେଷ୍ଟ ଓ ମେଡିକାଲ ବୋର୍ଡର ଅନୁମୋଦନ ଅପେକ୍ଷାରେ ବିଚାରାଧୀନ ରହିଥିବାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସମସ୍ତ ଜିଲ୍ଲାରେ ନିୟମିତ ମେଡିକାଲ ବୋର୍ଡ ବସାଇବା, ଦିବ୍ୟାଙ୍ଗତା ନିର୍ଣ୍ଣୟ ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ବକେୟା ଆବେଦନଗୁଡ଼ିକର ପ୍ରାଥମିକତା ଭିତ୍ତିରେ ଶୀଘ୍ର ଫଇସଲା କରି ୟୁଡିଆଇଡି କାର୍ଡ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ସୂଚନା ଅନୁସାରେ, ଓଡ଼ିଶାରେ ୟୁଡିଆଇଡି ପୋର୍ଟାଲରେ ଏପର୍ଯ୍ୟନ୍ତ ୧୩ ଲକ୍ଷ ୩୨ ହଜାର ୪୧୫ଟି ଆବେଦନ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୯ ଲକ୍ଷ ୭୩ ହଜାର ୩୪୪ ଜଣଙ୍କୁ ୟୁଡିଆଇଡି କାର୍ଡ ମିଳିସାରିଥିବା ବେଳେ ୩ ଲକ୍ଷ ୧୪ ହଜାର ୭୨୧ଟି ଆବେଦନ ବାତିଲ ହୋଇଛି। ତେବେ ଏବେ ମଧ୍ୟ ୪୪ ହଜାର ୩୫୦ଟି ଆବେଦନ ବିଭିନ୍ନ ସ୍ତରରେ ବିଚାରାଧୀନ ରହିଛି। ପ୍ରତ୍ୟେକ ଜିଲ୍ଲାରେ ଏହି ପ୍ରକ୍ରିୟାର ନିୟମିତ ସମୀକ୍ଷା କରି ବିଳମ୍ବ ଦୂର କରିବା ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ବୋର୍ଡ ଓ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ନିୟମିତ ମୂଲ୍ୟାଙ୍କନ ଶିବିର ଆୟୋଜନ, ଆବେଦନ କାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇବା, ଅଭିଯୋଗର ତୁରନ୍ତ ସମାଧାନ କରିବା ଏବଂ ବକେୟା ଆବେଦନର ସ୍ଥିତିର ନିୟମିତ ସମୀକ୍ଷା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏହାସହ ପ୍ରକୃତ ଦିବ୍ୟାଙ୍ଗମାନେ ଯେପରି କୌଣସି ପର୍ଯ୍ୟାୟରେ ଅନାବଶ୍ୟକ ହଇରାଣ କିମ୍ବା ବିଳମ୍ବର ଶିକାର ନ ହୁଅନ୍ତି, ସେଥିପ୍ରତି ମଧ୍ୟ ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦିବ୍ୟାଙ୍ଗ ସରକାରୀ କର୍ମଚାରୀଙ୍କ ପ୍ରମାଣପତ୍ରର ପୁନଃଯାଞ୍ଚ ଓ ପୁନଃମୂଲ୍ୟାଙ୍କନକୁ ନେଇ ଉଠିଥିବା ମାନବାଧିକାର ପ୍ରସଙ୍ଗରେ ଜାତୀୟ ମାନବାଧିକାର ଆୟୋଗ ରାଜ୍ୟଗୁଡ଼ିକୁ ୟୁଡିଆଇଡି କାର୍ଡ ପ୍ରଦାନ ପ୍ରକ୍ରିୟାରେ ଗତି ଆଣିବା, ପ୍ରକୃତ ଦିବ୍ୟାଙ୍ଗଙ୍କୁ ଅନାବଶ୍ୟକ ଅସୁବିଧାରେ ନ ପକାଇବା ଏବଂ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିବାକୁ କହିଥିଲେ।

## 'ଜୁଲାଇ ୨୯ ତାରିଖ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ, ୨୨।୭: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଶିକ୍ଷା ମନ୍ତ୍ରୀମାନଙ୍କର ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ଗୁରୁତ୍ୱାରୋପ କରିଛନ୍ତି ଯେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଆଗାମୀ ଷଷ୍ଠ ବାର୍ଷିକୀ ଜାତୀୟ ଶିକ୍ଷା ପଦକ୍ଷେପର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏକ ଲଞ୍ଚପ୍ୟାଡ୍ ଭାବରେ କାର୍ଯ୍ୟ କରିବ। ରାଜ୍ୟ ମନ୍ତ୍ରୀ ଏବଂ ବରିଷ୍ଠ ନୀତି ଅଧିକାରୀମାନଙ୍କୁ ସମ୍ବୋଧିତ କରି, ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ



ଦ୍ୱାରା ଅଟଳ ଟିଙ୍କରିଂ ଲ୍ୟାବ୍ସ ଭଳି ନବସୃଜନ କେନ୍ଦ୍ରଗୁଡ଼ିକୁ ବିସ୍ତାର କରିବା ସହିତ ସମଗ୍ର ଶିକ୍ଷା ୩.୦, ନିପୁଣ ଭାରତ ୨.୦ ଏବଂ ପ୍ରଧାନମନ୍ତ୍ରୀ ପୋଷଣ ସମେତ ପ୍ରମୁଖ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶାବଳୀ ଉପରେ ଆଲୋକପାତ କରିଛନ୍ତି। 'ଜୁଲାଇ ୨୯ ତାରିଖ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଏହା ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଛଅ ବର୍ଷ ପୂରଣ କରୁଛି... ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ଆମେ ଆଗାମୀ ଦିନ ପାଇଁ ଯୋଜନା କରିବା ଉଚିତ ଏବଂ ସମଗ୍ର ଶିକ୍ଷା ୩.୦, ନିପୁଣ ଭାରତ ୨.୦ ଏବଂ ପ୍ରଧାନମନ୍ତ୍ରୀ ପୋଷଣ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାର କାର୍ଯ୍ୟାନ୍ୱୟନକୁ ଆହୁରି ଗତି ଦେବା ଉଚିତ। ଆମକୁ ଅଟଳ ଟିଙ୍କରିଂ ଲ୍ୟାବ୍ସ ଭଳି ପଦକ୍ଷେପ ଗୁଡ଼ିକୁ ମଧ୍ୟ ବିସ୍ତାର କରିବାକୁ ପଡିବ।

## ଏମସିଏଲ୍‌ର 'କୋଲନୀର' ପ୍ୟାକେଜ୍‌ଡ୍ ଡ୍ରିଙ୍କିଂ ୱାଟର ପ୍ଲାଣ୍ଟ ଉଦ୍ଘାଟିତ



ତାଳଚେର, ୨୨/୭(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ତାଳଚେରସ୍ଥିତ ହାଣ୍ଡିଧୁଆ ଭୂତଳ ଜଳ ବିଶୋଧନ ପ୍ରକଳ୍ପ ପରିସରରେ 'କୋଲନୀର' ନାମକ ପ୍ୟାକେଜ୍‌ଡ୍ ଡ୍ରିଙ୍କିଂ ୱାଟର ପ୍ଲାଣ୍ଟର ଉଦ୍ଘାଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ ଲିଟର କ୍ଷମତା ବିଶିଷ୍ଟ ଜାରରେ ପାନୀୟ ଜଳ ଯୋଗାଣ ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଛୋଟ ବୋତଲରେ ମଧ୍ୟ ଏହାକୁ ପ୍ୟାକେଜ୍ କରାଯାଇ ବଜାରରେ ଉପଲବ୍ଧ କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଜଳ ସଂରକ୍ଷଣ ଓ ପୁନଃବ୍ୟବହାରକୁ ପ୍ରୋତ୍ସାହନ ଦେବା ସହିତ ଉଚ୍ଚ ଗୁଣବତ୍ତାର ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯିବ। ଖଣି ଅଞ୍ଚଳରେ ଜଳ ସମ୍ପଦର ସଦ୍‌ବ୍ୟବହାର ଏବଂ ପରିବେଶ ସୁରକ୍ଷା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଏହି ପ୍ଲାଣ୍ଟର ପ୍ରଯୁକ୍ତିଗତ ବିକାଶ ଆଇଆଇଟି ମାଡ୍ରାସ ଏବଂ ଆଇଆଇଟି ତିରୁପତିଙ୍କ ସହଯୋଗରେ କରାଯାଇଛି। ଏହାକୁ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଷାନ୍ ରେଡ୍ଡୀ ଏବଂ କେନ୍ଦ୍ର ରାଜ୍ୟ କୋଇଲା ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ତାଳଚେର, ଅନୁଗୁଳ, ପାଲଲହଡା ଓ ଛେଣ୍ଡିପଦାର ବିଧାୟକମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏମସିଏଲ୍‌ର ବରିଷ୍ଠ ଅଧିକାରୀ, ବିଭିନ୍ନ କ୍ଷେତ୍ରର ମହାପ୍ରବନ୍ଧକ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

## ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ପ୍ରିନ୍ସିପାଲ

ଭବାନୀପାଟଣା, ୨୨/୭(ନିପ୍ର): ଦୁର୍ନୀତି ବିରୋଧରେ ଭିଜିଲାନ୍ସର କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସୀତାକାନ୍ତ ରଣାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ଟିମ୍ ରେଡହ୍ୟାଣ୍ଡ ଧରିଛି। ଏହି ଘଟଣା ପୁଣିଥରେ ସରକାରୀ ବ୍ୟବସ୍ଥାରେ ଦୁର୍ନୀତିର ଚିତ୍ରକୁ ସାମ୍ନାକୁ ଆଣିଛି। ସୂଚନା ଅନୁସାରେ, ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଦ୍ୟାଳୟର ସଫେଇ କାମ କରାଯାଉଥିଲା। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷର ତିନି ମାସର ବକେୟା ବିଲ୍ ମଞ୍ଜୁର କରିବା ପାଇଁ ଏସଏଚଜି ପ୍ରତିନିଧି ବାରମ୍ବାର ପ୍ରିନ୍ସିପାଲଙ୍କୁ ଅନୁରୋଧ କରୁଥିଲେ। କିନ୍ତୁ ବିଲ୍ ପାସ୍ କରିବା ବଦଳରେ ପ୍ରିନ୍ସିପାଲ ସୀତାକାନ୍ତ ରଣା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ଲାଞ୍ଚ ଦେବାକୁ ଅନିଚ୍ଛୁକ ଏସଏଚଜି କର୍ମକର୍ତ୍ତା ଏନେଇ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଫାନ୍ଦ ପକାଇଥିଲେ। ଯୋଜନା ଅନୁଯାୟୀ, ଅଭିଯୋଗକାରୀ ପ୍ରିନ୍ସିପାଲଙ୍କୁ ୧୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ାଉ କରି ସୀତାକାନ୍ତ ରଣାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଲାଞ୍ଚର ସମସ୍ତ ୧୦ ହଜାର ଟଙ୍କା ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଦିଗକୁ ମଧ୍ୟ ତଦନ୍ତ କରାଯାଉଛି।

**AFFIDAVIT**

By virtue of an affidavit sworn before The Executive Magistrate, Kendrapara dtd.21.07.2026, I Chandan Kumar Jena S/o-Bhanja Kishore Jena, Badagan, Po-Badagan, Ps-Kendrapara Sadar, Dist-Kendrapara do hereby declare that I have changed my name from Chandan Jena to Chandan Kumar Jena. Henceforth I shall be known as Chandan Kumar Jena for all purposes.

**Sd/-Chandan Kumar Jena**

**AFFIDAVIT**

By virtue of an affidavit sworn before The Executive Magistrate, Kendrapara affidavit dtd.21.07.2026, I Sonali Priyadarsini Behera W/o-Himansu Mohan Patra At-Ramiaganja, Po-Manikunda, Ps-Marshaghai, Dist-Kendrapara, Pin-754213, do hereby declare that I have changed my name from Sonali Priyadarshini Patra to Sonali Priyadarsini Behera henceforth she shall be known as Sonali Priyadarsini Behera for all purposes.

Sd/-Sonali Priyadarsini Behera

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.7079 dtd.11.06.2026, I Sudhadip Majhi W/o-Jatin Ku. Nayak, At-Anji, Po-Sahaspur, Ps-Soro, Dist-Balasore, Pin-756046 do hereby declare that I have changed my name from Sodha Dipa Majhi to Sudhadip Majhi. Henceforth I shall be known as Sudhadip Majhi for all purposes.

**Sd/-Sudhadip Majhi**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-19, ତାରିଖ: 15.07.2026

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳରେ ... (SFK)-... (RNBT)-... (TIG)-... (THV), ... (BWIP)-... (JNRD) ... କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹56,56,596.55, ବିଡ୍ ସିକ୍ୟୁରିଟି : ₹1,13,100.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 05.08.2026, 11:00 ଘଣ୍ଟିକା ।

ଇ-ଟେଣ୍ଡରରେ ... www.ireps.gov.inରେ ଉପଲବ୍ଧ ଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର)/ ସମ୍ବଲପୁର

PR-315/R/26-27

## ଦୀପକେ ୱାଙ୍ଗଚୁକଙ୍କୁ ଅନଶନ ଶେଷ କରିବାକୁ ଅନୁରୋଧ

ନୂଆଦିଲ୍ଲୀ, ୨୨।୭: ସୋସିଆଲ ମିଡିଆ ଅଭିଯାନ କକରୋଚ୍ ଜନତା ପାର୍ଟି (ସିଜେପି)ର ସଂଯୋଜକ ଅଭିଜୀତ ଦୀପକେ, ଶିକ୍ଷାବିଦ୍ ଏବଂ ସମାଜସେବୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟକୁ ଆନ୍ଦୋଳନଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହି ସେମାନଙ୍କୁ ଅନଶନ ଶେଷ କରିବାକୁ ଅନୁରୋଧ କରିଛନ୍ତି। ଦୀପକେ କହିଛନ୍ତି ଯେ, ଅନଶନ ଶେଷ କରିବା ପରେ ମଧ୍ୟ ସେମାନଙ୍କର ଆନ୍ଦୋଳନ ଜାରି ରହିବ।





ଦିଲ୍ଲୀରେ ରାହୁଲ ଗାନ୍ଧୀ ଓ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ରାଜ୍ୟ କଂଗ୍ରେସ ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ (ଫଟୋ- ଦିନଲିପି)



ନିଟ୍ କେଳେଙ୍କାରୀ ନେଇ ବିଜେଡି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ